


# ଉତ୍କଳ ପ୍ରସଙ୍ଗ

Vol. XLIX No. 11 UTKAL PRASANGA Regd. No. O-BN-05/90
Licence No. C R N P 5—Licensed to post without Pre-Payment



ସୁଚନା ଭବନଠାରେ ଅନୁଷ୍ଠିତ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୪୮ତମ ବାର୍ଷିକ ଅଧିବେଶନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।





ଭୁବନେଶ୍ୱର ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବରେ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଚରଣ ଜେନା ଓ ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ପାଣିଗ୍ରାହୀ (୨୭/୫) ।

PRINTED AT ORISSA GOVERNMENT PRESS, CUTTACK-10



ମାନ୍ୟବର ରାଜ୍ୟପାଳ ବି. ସତ୍ୟନାରାୟଣ ରେଡ୍ଡୀଙ୍କ ଗୋପାଳପୁର ବନ୍ଦର ଓ ମାଛଧରା ବନ୍ଦର ପରିଦର୍ଶନ (୨୩/୬)।



ସୂଚନା ଭବନଠାରେ ଅନୁଷ୍ଠିତ କଳିଙ୍ଗ ମେଲ୍‌ର ଷଷ୍ଠ ବାର୍ଷିକ ଉତ୍ସବକୁ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

୪୯ ଭାଗ ୧୨ଶ ସଂଖ୍ୟା ଆଷାଢ଼ ୧୯୧୪ ଶକାବ୍ଦ ଜୁଲାଇ ୧୯୯୩

## ସମ୍ପାଦକ ମଣ୍ଡଳୀ

ନିର୍ଦ୍ଦେଶକ
ଶ୍ରୀ କାଳୀ କୁମାର ରଥ

ସହ ସମ୍ପାଦକ
ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ
**ଶ୍ରୀ ସତୀଶ ପାଢ଼ୀ**

ପ୍ରକାଶନ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦
(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦·୦୦
ପ୍ରତି ଖଣ୍ଡ : ଟ ୨·୦୦

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ଖବର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।*
*"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

# ସୂଚୀ


| | | |
|---|---|---|
| ଶ୍ରୀମନ୍ଦିରର ଗର୍ଭଗୃହ ମରାମତି : ମହାନ କୀର୍ତ୍ତି | ୧ | ଶ୍ରୀ ରାଜ କିଶୋର ରାୟ |
| ଅକ୍ଷମମାନଙ୍କ ତାଲିମ ଓ ଥଇଥାନ ଯୋଜନା | ୩ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି |
| କପ୍ତିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା | ୭ | ଶ୍ରୀ ବିଜୟ ପଣ୍ଡା |
| ଅମର କବି ଶ୍ରୀଜୟଦେବ | ୧୦ | ଶ୍ରୀମତୀ ଶରତ କୁମାରୀ ମହାନ୍ତି |
| ମୟୂରଭଞ୍ଜ ଜିଲ୍ଲାର କୃଷି କାର୍ଯ୍ୟକ୍ରମ | ୧୩ | ଶ୍ରୀ ଜାନକୀ ବଲ୍ଲଭ ଦାଶ |
| ଆଘାତ | ୧୪ | ଡଃ ଅପର୍ଣ୍ଣା ମହାନ୍ତି |
| ଶିଶୁ ସମ୍ପଦର ଉନ୍ନତିରେ ଦେଶର ପ୍ରଗତି | ୧୫ | ଶ୍ରୀ ଉଦୟନାଥ ରଥ |
| ଶିକ୍ଷାବିତ୍ ପର୍ଶୁରାମ ମିଶ୍ର | ୧୭ | ଡକ୍ଟର ଜଗନ୍ନାଥ ମହାନ୍ତି |
| ରଥଯାତ୍ରାର ପ୍ରାଚୀନତମ ବିବରଣୀ | ୧୯ | ଶ୍ରୀ ପୀତାମ୍ବର ପ୍ରଧାନୀ |
| ଗ୍ରାମାଞ୍ଚଳ ବିକାଶରେ ସାମାଜିକ ବନୀକରଣ | ୨୨ | .. |
| 'ଦୁଃଖିନୀ କନିକା'ର ବିପ୍ଳବୀ ଆନନ୍ଦଚନ୍ଦ୍ର | ୨୪ | ଶ୍ରୀ ଶରତ କୁମାର ରାଉତ |
| ଜାତୀୟ ଚେତନାର ରୂପକାର କବି ବାଞ୍ଛାନିଧି | ୨୭ | ଶ୍ରୀ କୃଷ୍ଣଚନ୍ଦ୍ର ସୁଆର |
| ସାର୍ଥକ ସ୍ୱପ୍ନ | ୩୨ | .. |
| ସମ୍ବାଦ ପରିକ୍ରମା | ୩୪ | .. |

# ୪୪ ତମ ବନ ମହୋତ୍ସବ ଉପଲକ୍ଷେ ମୁଖ୍ୟମନ୍ତ୍ରୀ **ଶ୍ରୀ ବିଜୁ ପଟ୍ଟନାୟକଙ୍କ** ବାର୍ତ୍ତା



"ବନ ମହୋତ୍ସବ ପାଳନର ଶୁଭ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଗଛ ଓ ଜଙ୍ଗଲ ସମ୍ପର୍କରେ ଜନ ଚେତନା ଜାଗ୍ରତ କରିବା ପାଇଁ ଦେଶ ସ୍ୱାଧୀନ ହେବା ପରେ ପରେ ବନ ମହୋତ୍ସବର ପରିକଳ୍ପନା କରାଯାଇଥିଲା । କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି ଯେ ୪୪ ବର୍ଷ ଧରି ବନ ମହୋତ୍ସବ ପାଳନ କରାଯିବା ସତ୍ତ୍ୱେ ଆଜି କେବଳ ଆମ ରାଜ୍ୟ ନୁହେଁ, ସାରା ଦେଶ ବୃକ୍ଷଲତା ଶୂନ୍ୟ ହେବାକୁ ବସିଲାଣି । ଗଛ ସହିତ ମଣିଷ ଜୀବନର ନିବିଡ଼ ସମ୍ପର୍କ ରହିଛି । ଏହି ସମ୍ପର୍କକୁ ଅତୁଟ ରଖିବା ପାଇଁ ରାଜ୍ୟର ଆୟତନର ଏକ ତୃତୀୟାଂଶ , ଅର୍ଥାତ୍ ଶତକଡ଼ା ୩୩ ଭାଗ ଜଙ୍ଗଲ ରହିବା କଥା । କିନ୍ତୁ ଏବେ ଆମ ରାଜ୍ୟରେ ଜଙ୍ଗଲର ପରିମାଣ ମାତ୍ର ଶତକଡ଼ା ୧୨ ଭାଗରେ ପହଞ୍ଚିଛି । ଏହି ପରିସ୍ଥିତିକୁ ବଦଳାଇ ନପାରିଲେ, ତାହା ଆମର ଜୀବନ ଓ ସଭ୍ୟତା ପ୍ରତି ଘୋର ବିପଦ ସୃଷ୍ଟି କରିବ ।

ବର୍ଷା, ମୃତ୍ତିକା ସଂରକ୍ଷଣ ଓ ପରିବେଶର ଭାରସାମ୍ୟ ରକ୍ଷା କରିବାରେ ଜଙ୍ଗଲର ଅବଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । କାଠ, ଜାଳେଣି ଓ ବନଜାତ ଦ୍ରବ୍ୟ ଆମ ସମସ୍ତଙ୍କର ବଞ୍ଚି ରହିବା ପାଇଁ ଏକାନ୍ତ ଲୋଡ଼ା । ତେଣୁ ପୂର୍ବ କାଳରେ ଆମର ପୂର୍ବ ପୁରୁଷମାନେ ଗଛ ଲଗାଇବାକୁ ଏକ ମହତ୍ ଓ ଧାର୍ମିକ କାର୍ଯ୍ୟ ବୋଲି ବିଶ୍ୱାସ କରୁଥିଲେ ।

ନିହାତି ଦରକାର ନହେଲେ, ଗଛଟିଏ କାଟିବା ଅନୁଚିତ । ଯଦି ଗୋଟିଏ ଗଛ କଟାଯାଏ, ତା' ବଦଳରେ ଅତି କମ୍‌ରେ ପାଞ୍ଚୋଟି ଗଛ ଲଗାଇ ତାକୁ ବଢ଼ାଇବା ପର୍ଯ୍ୟନ୍ତ ଯତ୍ନ ନେବା ଦରକାର । ତା'ଛଡ଼ା ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି, ନିଜ ଘରବାଡ଼ି, କ୍ଷେତ ହୁଡ଼ା ଓ ସର୍ବସାଧାରଣ ପତିତ ଅନାବାଦୀ ଜମିରେ ଅଧିକ ସଂଖ୍ୟକ ଗଛ ଲଗାଇବା ଦ୍ୱାରା ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ନିଜର ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିବ ।

ଗଛ ଓ ଜଙ୍ଗଲ ସହ ସମସ୍ତଙ୍କର ଜୀବନର ସମ୍ପର୍କ ଥିବା ହେତୁ, ଗଛ ଲଗାଇବା ଓ ଜଙ୍ଗଲ ସୁରକ୍ଷାରେ ସମସ୍ତେ ସାମିଲ ହେବା ଆବଶ୍ୟକ । ଏ କାର୍ଯ୍ୟ କେବଳ ଜଙ୍ଗଲ ବିଭାଗ ବା ସରକାରଙ୍କ ଦ୍ୱାରା ହୋଇପାରିବ ନାହିଁ ।

ତେଣୁ, ମୋ' ରାଜ୍ୟର ଅଗଣିତ ଛାତ୍ରଛାତ୍ରୀ, ଯୁବକ ଯୁବତୀ, କୃଷି ମଜଦୁର, କର୍ମଚାରୀ, ଅଫିସର ଏବଂ ପଞ୍ଚାୟତ, ଯୁବକ ସଂଘ, ମହିଳା ସମିତି ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଭ୍ୟ, ସଭ୍ୟାମାନେ ଏହି ଅବସରରେ ଅଧିକରୁ ଅଧିକ ସଂଖ୍ୟକ ଗଛ ଲଗେଇବା ପାଇଁ ଆଗେଇ ଆସନ୍ତୁ । ତା' ହେଲେ, ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ସଫଳ ହେବ । ଓଡ଼ିଶାକୁ ସବୁଜ ଓ ସୁନ୍ଦର କରିବାର ସ୍ୱପ୍ନ ସାକାର ହେବ" ।

**ଜୟହିନ୍ଦ୍ ।**



# ୪୪ ତମ ବନ ମହୋତ୍ସବ ଉପଲକ୍ଷେ ଜଙ୍ଗଲ ଓ ସମବାୟ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହଙ୍କ ବାର୍ତ୍ତା

"ପ୍ରତି ବର୍ଷ ପରି ଏ ବର୍ଷ ବନ ମହୋତ୍ସବ ଜୁଲାଇ ମାସରେ ପାଳିତ ହେଉଛି । ଦିନ ଥିଲା, ଲୋକେ ନିଜ ଘର ପାଖରେ କାଠ, ଜାଳେଣି କାଠ, ଗୋ–ଖାଦ୍ୟ, ଚେରମୂଳି ଔଷଧ ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ପାଉଥିଲେ । ସବୁ କିଛି ଗାଁ ଜଙ୍ଗଲରୁ ମିଳୁଥିଲା । ଲୋକ ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ଏ ସବୁ ଗାଆଁ ଜଙ୍ଗଲ ଲୋପ ହୋଇଗଲା । ଆଉ ଯାହା ନାଆଁକୁ ମାତ୍ର ଜଙ୍ଗଲ ଅଛି, ତହିଁରେ ଲୋକଙ୍କର ଦୈନିକ ଚାହିଦା ମେଣ୍ଟିଲା ଭଳି ଆଉ କିଛି ନାହିଁ, କହିଲେ ଚଳେ ।

ଲୋକଙ୍କୁ ଜଙ୍ଗଲଜାତ ଦ୍ରବ୍ୟରେ ଆତ୍ମ ନିର୍ଭରଶୀଳ ହେବାକୁ ହେବ । ସେମାନେ ନିଜର ଚାହିଦା ମେଣ୍ଟାଇବା ପାଇଁ ଜଙ୍ଗଲ ନିଜେ ତିଆରି କରି ତା'ର ଜଗାରଖା କରିବା ସହିତ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରିବାକୁ ଚେଷ୍ଟା କରିବା ଦରକାର ।

ସରକାର ଆମ ରାଜ୍ୟରେ ବିଭିନ୍ନ ଯୋଜନା, ଉପଯୋଜନା ମାଧ୍ୟମରେ ବନୀକରଣ ବ୍ୟବସ୍ଥା କରୁଛନ୍ତି । ଏ ଦିଗରେ ଲୋକେ ନିଜେ ନିଜ ପାଇଁ ଜଙ୍ଗଲ ସୃଷ୍ଟି ନକଲେ, ସେମାନଙ୍କର ଚାହିଦା ମେଣ୍ଟି ପାରିବ ନାହିଁ । ଯଦି ଗୋଟିଏ ଚାଷୀ ପରିବାର ବର୍ଷକୁ କୋଡ଼ିଏଟି କରି ବିଭିନ୍ନ ଧରଣର ଚାରା ଲଗାଇ, ତା'ର ସୁରକ୍ଷା ଦାୟିତ୍ୱ ନିଅନ୍ତି, ମାତ୍ର ଛଅ ବର୍ଷ ଭିତରେ ସେଇ ଚାଷୀ ପରିବାର କାଠ, ଜାଳେଣି କାଠ ଓ ଗୋ–ଖାଦ୍ୟରେ ଆତ୍ମ ନିର୍ଭରଶୀଳ ହୋଇପାରିବେ । ଗଛ କଟାକୁ ଏବଂ ସରକାରୀ କାମରେ କାଠ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଶିଳ୍ପ ସଂସ୍ଥାଗୁଡ଼ିକ ବୃକ୍ଷ ରୋପଣ କରିବାକୁ ବାଧ୍ୟ । ବେସରକାରୀ ସଂସ୍ଥାଗୁଡ଼ିକ ଏ ଦିଗରେ ଅଧିକ ସକ୍ରିୟ ହେଲେ, ଅଳ୍ପ କେଇ ବର୍ଷ ଭିତରେ ଆମ ରାଜ୍ୟର ପ୍ରତ୍ୟେକ ଅଂଶ ପୁଣି ଜଙ୍ଗଲରେ ଭରିଯିବ । ସେହିପରି ଉଜୁଡ଼ା ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଆମ ରାଜ୍ୟରେ ଥିବା ଅସଂଖ୍ୟ ବେସରକାରୀ ସଂସ୍ଥା ଓ ଗ୍ରାମବାସୀମାନେ ନିଜେ ଗ୍ରହଣ କରିନେବା ଉଚିତ । ବେସରକାରୀ ସଂସ୍ଥା ଓ ସରକାରୀ ସଂସ୍ଥା ମଧ୍ୟରେ ସଂଯୋଗ ସ୍ଥାପନ କରି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଓ ତ୍ୱରାନ୍ୱିତ କରିପାରିବେ । ଜଙ୍ଗଲ ଧ୍ୱଂସ ହୋଇଯିବା ଫଳରେ ଆର୍ଥିକ ଅନଟନ ବିଶେଷ ରୂପେ ମହିଳା ଓ ଶିଶୁମାନଙ୍କ ଉପରେ ପଡୁଛି । ସାମାଜିକ ବନୀକରଣ ଚାରା ନେଇ ଯେଉଁ ଉପଭୋକ୍ତାମାନେ ନିଜ ଘରଡିହ, କ୍ଷେତ ହୁଡ଼ାରେ ଗଛ ଲଗାଇଥିବେ, ସେଥିରୁ କେତେକ ଗଛର ଚାଲାଣ ଉପରୁ ସରକାର କଟକଣା ଉଠାଇ ନେଇଛନ୍ତି । ସେଗୁଡ଼ିକ ହେଲା–ଗୋହିରା, କାବୁଲ, ପଳାଶ, କରଞ୍ଜ, ପାଳଧୁଆ, ସୁବାବୁଲ, ମହାନିମ୍ବ, ରାଧାଚୂଡ଼ା, ସୀମାକଇଁଆ, ଦେବଦାରୁ, ବଡ଼ ଚକୁଣ୍ଡା, ଅଗସ୍ତି, ବିଲାତି ଅଗସ୍ତି, ନୀଳଗିରି, ସୁନାଝରି, ସାନ ଚକୁଣ୍ଡା ଏବଂ ସୁନ୍ଦରକଣି ବାଉଁଶ, ବାଡ଼ି ବାଉଁଶ ଓ ବକାଣି । ସେହିପରି ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାରେ ନିମ୍ବ, ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଉପଭୋକ୍ତା ଲଗାଉଥିବା ଅର୍ଜ୍ଜୁନ ଗଛର ଚାଲାଣ ଉପରୁ କଟକଣା ଉଠାଇ ନିଆଯାଇଛି ।

ଲୋକେ ଏହି ସୁଯୋଗରେ ସାମାଜିକ ବନ ପ୍ରକଳ୍ପ ମାଗଣାରେ ଯୋଗାଇ ଦେଉଥିବା ଚାରା ନେଇ ନିଜ ଜମିରେ କ୍ଷେତ ହୁଡ଼ା ଓ ଘରଡିହ ଇତ୍ୟାଦିରେ ଲଗାଇ ଉପକୃତ ହୋଇପାରିବେ । ଏହା ଏକ ସୁଖର ବିଷୟ ଯେ ଆମର ସାମାଜିକ ବନ ପ୍ରକଳ୍ପ ନିଜର ଉତ୍ତମ କାର୍ଯ୍ୟ ନିମିତ୍ତ ପ୍ରଶଂସିତ ହୋଇଛି ଓ ଆଉ ପାଞ୍ଚ ବର୍ଷ ପାଇଁ ସ୍ୱିଡେନ୍ ସହାୟତା ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇଛି ।

ପିଇବା ପାଣି ସମସ୍ୟା, ଜାଳେଣି କାଠ ଓ ଗୋ–ଖାଦ୍ୟ ସମସ୍ୟା ଏବଂ ବଢ଼ି ମରୁଡ଼ି ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ଆମ ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଉଛି । ଏ ସବୁ ସୁଧାରିବାକୁ ହେଲେ, ଆମକୁ ରହିଥିବା ଜଙ୍ଗଲର ସୁରକ୍ଷା କରିବା ସହିତ ଅଧିକରୁ ଅଧିକ ବୃକ୍ଷ ରୋପଣ କରି ଗାଁଗହଳିକୁ ସବୁଜିମାରେ ପୂର୍ଣ୍ଣ କରିଦେବାକୁ ହେବ । ଏତେ ବଡ଼ କାମ କରିବାକୁ ହେଲେ, ଲୋକମାନଙ୍କର ସାମୂହିକ ଉଦ୍ୟମ ନିତାନ୍ତ ଆବଶ୍ୟକ । ତା'ଛଡ଼ା ସରକାରୀ ଉଦ୍ୟମରେ କରାଯାଉଥିବା ବୃକ୍ଷ ରୋପଣ ବ୍ୟବସ୍ଥାରେ ଲୋକେ ଓ ବେସରକାରୀ ସଂସ୍ଥା ସାମିଲ ହୋଇ ତା'ର ଜଗାରଖା ଦାୟିତ୍ୱ ନିଜେ ହାତକୁ ନନେଲେ, ଭବିଷ୍ୟତରେ ମୃତ୍ତିକା କ୍ଷୟ, ଜଳ ସମ୍ପଦର ଅଭାବ ଆହୁରି ଭୟଙ୍କର ହୋଇ ଉଠିବ ଏବଂ ଆମ ସୁସ୍ଥ କାମରେ ବାଧା ଉପୁଜିବ । ଏ ସମସ୍ତ ବିଷୟକୁ ନେଇ କାୟମନୋବାକ୍ୟରେ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ନିର୍ବିଶେଷରେ ସବୁମନ୍ତେ ସାହାଯ୍ୟ କରି ବନ ମହୋତ୍ସବକୁ ବ୍ୟାପକ ଭାବରେ ପାଳନ କରିବାକୁ ମୁଁ ମୋର ରାଜ୍ୟର ଭାଇଭଉଣୀମାନଙ୍କୁ ବିନମ୍ର ନିବେଦନ ଜଣାଉଛି" ।

ଜୟହିନ୍ଦ୍ ।

# ସମ୍ପାଦକୀୟ

## ପରିବେଶ ସୁରକ୍ଷା ଏକ ସମୂହ ଦାୟିତ୍ୱ

ରାଜା ମହାରାଜାଙ୍କ ଶାସନ କାଳରେ ଯେଉଁ ରାଜ୍ୟରେ ଯେତେ ସଂଖ୍ୟାରେ ହାତୀ ଥିଲେ, ସେହି ରାଜ୍ୟ ସେତେ ପରିମାଣରେ ପରାକ୍ରମୀ ଓ ଧନଶାଳୀ ବୋଲି ବିବେଚିତ ହେଉଥିଲା । ସ୍ମରଣଯୋଗ୍ୟ ଯେ ଭାରତର ଅନ୍ୟାନ୍ୟ ସବୁ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଲକ୍ଷାଧିକ ହାତୀ ଥିଲେ ଏବଂ ସେଥିପାଇଁ ଆମ ରାଜ୍ୟର ରାଜା "ଗଜପତି" ନାମରେ ପରିଚିତ ।

ଲକ୍ଷାଧିକ ହାତୀ ପାଇଁ ବିସ୍ତୃତ ଜଙ୍ଗଲ ନିତାନ୍ତ ଆବଶ୍ୟକ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଆମ ରାଜ୍ୟରେ ଜଙ୍ଗଲ ସମ୍ପଦ ମଧ୍ୟ ଭରି ରହିଥିଲା । କିନ୍ତୁ ଦୁଃଖର ବିଷୟ, ଆଜି ସେହି ଜଙ୍ଗଲ ସମ୍ପଦ ନାହିଁ । ଆୟତନର ଏକ ତୃତୀୟାଂଶ ଅର୍ଥାତ୍ ୩୩ ଭାଗ ଜଙ୍ଗଲ ମଧ୍ୟରୁ ବର୍ତ୍ତମାନ ମାତ୍ର ୧୭ ଭାଗ ଜଙ୍ଗଲ ରହିଛି ।

ଆବଶ୍ୟକ ଅନୁପାତରେ ଜଙ୍ଗଲ ନରହିବା ଫଳରେ ବର୍ଷାର ଅଭାବ ଘଟୁଛି । ବର୍ଷା ଅଭାବରୁ ମରୁଡ଼ି, ମରୁଡ଼ି ଯୋଗୁଁ ଫସଲ ନଷ୍ଟ, ଖାଦ୍ୟାଭାବ, ଦର ବୃଦ୍ଧି ଇତ୍ୟାଦି ବିଭିନ୍ନ ଆନୁଷଙ୍ଗିକ ସମସ୍ୟାମାନ ସୃଷ୍ଟି ହୋଇ ରାଜ୍ୟର ଅର୍ଥନୈତିକ ସ୍ଥିତିକୁ ଦୋହଲାଇ ଦେଉଛି । ଜଙ୍ଗଲ ଧ୍ୱଂସ ହିଁ ଏ ସବୁ ସମସ୍ୟାର ମୂଳ କାରଣ, ଏଥିରେ କେହି ଦ୍ୱିମତ ହେବେ ନାହିଁ ।

ଜାଣିଶୁଣି କିମ୍ବା କୌଣସି କାରଣ ନଥାଇ ଜଙ୍ଗଲକୁ ଧ୍ୱଂସ କରାଯାଇଛି ବୋଲି କହିବା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବ ନାହିଁ । ଜନସାଧାରଣଙ୍କ ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ସାଜ ସରଞ୍ଜାମ ତିଆରି, କୋଠାବାଡ଼ି ନିର୍ମାଣ ତଥା ଜାଳେଣି କାଠର ଆବଶ୍ୟକତାକୁ ମେଣ୍ଟାଇ ମେଣ୍ଟାଇ ଆଜିର ଏ ଦୁରାବସ୍ଥା । ତେବେ ଆଗାମୀ ଦିନମାନଙ୍କରେ ଏ ସବୁ ଆବଶ୍ୟକତାର ପରିମାଣ ମଧ୍ୟ ଜନସଂଖ୍ୟା ବୃଦ୍ଧି ସହିତ ତାଳ ଦେଇ ବଢ଼ିବାରେ ଲାଗିବ । ତା'ହେଲେ ବର୍ତ୍ତମାନ ରହିଥିବା ନାମକୁ ମାତ୍ର ଜଙ୍ଗଲ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଲୋପ ହେବାକୁ ବେଶୀ ଦିନ ଲାଗିବ ନାହିଁ । ସେତିକିବେଳେ ଆମର ଆବଶ୍ୟକତାକୁ କିଭଳି ମେଣ୍ଟାଇବା ? କେବଳ ସେତିକି ନୁହେଁ, ପରିବେଶ ସୁରକ୍ଷା ଅଭାବରୁ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ପ୍ରତି ମଧ୍ୟ ସଚେତନ ହେବାକୁ ହେବ ।

ଏ ସବୁକୁ ଦୃଷ୍ଟିଦୃଷ୍ଟି ଦେଇ ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ପ୍ରତି ଗୁରୁତ୍ୱ ଆରୋପ କରି କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେଇଛନ୍ତି । ଏହା ସାଙ୍ଗକୁ ସୁଇଡେନ୍ ସରକାରଙ୍କ ସହାୟତାରେ ଗ୍ରାମାଞ୍ଚଳରେ ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଚାଲୁ ରହିଛି ଏବଂ ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ପାଇଁ ସୁଇଡେନ୍ ସରକାରଙ୍କ ସହାୟତା ମିଳିବ । କିନ୍ତୁ ଏ ସମସ୍ତ ଉଦ୍ୟମ ସତ୍ତ୍ୱେ ଯେ କୌଣସି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ନିତାନ୍ତ ଆବଶ୍ୟକ ।

ପରିବେଶ ସୁରକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟ ପାଇଁ ଆମ ସମସ୍ତଙ୍କର କିଛି କିଛି ଦାୟିତ୍ୱ ରହିଛି । ସୁତରାଂ ପ୍ରତ୍ୟେକେ ଏ ଦିଗରେ ସଚେତନ ହୋଇ ବୃକ୍ଷରୋପଣ ଭଳି ପୁଣ୍ୟ କାର୍ଯ୍ୟରେ ନିଜର କିଛି କିଛି ଅବଦାନ ରଖିପାରିଲେ ଆମର ପରିବେଶ ସମସ୍ୟା ଅବିଳମ୍ବେ ସୁଧୁରି ପାରିବ ।

# ଶ୍ରୀମନ୍ଦିରର ଗର୍ଭଗୃହ ମରାମତି : ମହାନ୍ କୀର୍ତ୍ତି

* ରାଜକିଶୋର ରାୟ

ଜୀର୍ଣ୍ଣ କବଳିତ ଶ୍ରୀମନ୍ଦିର ଗର୍ଭଗୃହ ଏବେ ଯୌବନ ପ୍ରାପ୍ତ । କେତେ ଆଶଙ୍କା, କେତେ ଯନ୍ତ୍ରଣା ଓଡ଼ିଆଙ୍କର ମନରେ ରୂପ ପାଉଥିଲା ତା'ର ଅବସାନ ଘଟିଛି ।

ପ୍ରଗାଢ଼ ଇଚ୍ଛା ଶକ୍ତି ଥିଲେ, ସମ୍ମିଳିତ ଉଦ୍ୟମ ଥିଲେ ଯେକୌଣସି କାର୍ଯ୍ୟ ସୁସମ୍ପନ୍ନ ହୋଇପାରିବ । ଆଖି ପାଉ ନଥିବା ଏ ବିଶାଳ କାର୍ଯ୍ୟ, ଏ ସଂସ୍କାର କିପରି ସମାହିତ ହେବ । ପ୍ରଥମେ ପରସ୍ପର ଦୋଷାରୋପ, ବିଭିନ୍ନ ବୈଠକରେ ଭିନ୍ନ ଭିନ୍ନ ମତପ୍ରକାଶ, ଆମର ପ୍ରତ୍ନତାତ୍ତ୍ୱିକ ଜ୍ଞାନର ଅଭାବ ଯୋଗୁ ସୁଦୂର କାନାଡ଼ା ଓ ଆମେରିକାର ବାସ୍ତୁଶିଳ୍ପୀମାନଙ୍କୁ ଆଣି ତାଙ୍କ ଦ୍ୱାରା ଏ ମରାମତିର ଚିନ୍ତା, ମାତ୍ର ସେମାନେ ବୈଦେଶିକ ହୋଇଥିବାରୁ ହିନ୍ଦୁ ମନ୍ଦିରରେ ତାଙ୍କର ପ୍ରବେଶ ନିଷିଦ୍ଧ ଇତ୍ୟାଦି ବହୁ ତର୍କବିତର୍କ ପରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଦୃଢ଼ ମନୋବଳ ଓ ଓଡ଼ିଆ ଜାତି ପ୍ରତି ତାଙ୍କର ପୂର୍ବ ସଂସ୍କାର ବଶତଃ ଗଭୀର ମମତାବୋଧ ଓ ପୁରୀର ବରିଷ୍ଠ ପ୍ରଶାସକ ଜିଲ୍ଲାପାଳ ଶ୍ରୀ ପଦ୍ମନାଭ ସାମଲଙ୍କର ତଥା ତାଙ୍କର ସହକର୍ମୀମାନଙ୍କର ଏ ବିଷୟରେ ଅବଦମିତ ଆସ୍ପୃହା ଏ ବିରାଟ ଧ୍ୱଂସମୁଖୀ ବିପର୍ଯ୍ୟୟରୁ ଶ୍ରୀମନ୍ଦିର ମୁକ୍ତ ହୋଇ ଅନ୍ତତଃ ଶହେବର୍ଷ ପର୍ଯ୍ୟନ୍ତ ଅମ୍ଳାନ ରହିବ, ଏହା ବିଶ୍ୱାସକୁ ଆସିଛି । ଶେଷରେ ଶ୍ରୀଜଗନ୍ନାଥଙ୍କ ଜଗନ୍ ନିବାସକୁ ନିଜେ ଜଗନ୍ନାଥ ନିର୍ମାଣ କରିବାରେ ଭକ୍ତ ହୃଦୟର କାରୁଣ୍ୟକୁ ଯେପରି କଲ୍ୟାଣ କଲେ, ତାହାର ଇତିହାସ ଭାବୀ କାଳ ଲେଖିବ, ଏହା ହିଁ ସାନ୍ତ୍ୱନା ।

କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗର କର୍ତ୍ତୃପକ୍ଷଙ୍କୁ କୋଟି କୋଟି ସାଧୁବାଦ । ରାଜ୍ୟର କୁଶଳୀ କାରୀଗରମାନଙ୍କର ସହାୟତାରେ ଯେଉଁମାନଙ୍କର ଜ୍ଞାନ ଓ ବାସ୍ତୁଶିଳ୍ପର ଚାତୁର୍ଯ୍ୟ, ଏଯାଏ ଉଜ୍ଜ୍ୱଳ ରହିଛି ସେମାନଙ୍କ ସହିତ ପ୍ରଶାସନର ସହଯୋଗ, ସେବକ ତଥା ମୁକ୍ତିମଣ୍ଡପର ପଣ୍ଡିତମାନଙ୍କର ଏକ ସମୟରେ ବିରୋଧର ଅବସାନ ପରେ ଏ ଯେଉଁ ପୁନଃ ଶ୍ରୀମନ୍ଦିର ନିର୍ମାଣ, ଏହା ଏକ ଅଭୂତପୂର୍ବ ଘଟଣା, ଯାହାର ପଟାନ୍ତର ନାହିଁ ।

ପ୍ରଥମେ ଶଙ୍କା ଘଟିଲା, ଶ୍ରୀଜୀଉମାନେ ସ୍ଥାନାନ୍ତରିତ ହେବେ ନାହିଁ, ଯଦି ହୁଅନ୍ତି କେଉଁ ଶାସ୍ତ୍ରବିଧି ଅନୁଯାୟୀ, ଯଦିବା ହେବେ ବିକଳ୍ପ ରତ୍ନସିଂହାସନ ନିର୍ମାଣ ଏତେ ସହଜ କି ? ସେଠାରେ ସ୍ଥାୟୀ ସେବକ ପାଳିଆ ପୂଜାର୍ଚ୍ଚନା କରିବେ କି, ସେ ଅଧିକାର ତାଙ୍କର ନୂଆ ନିର୍ମିତ ପୀଠ ଉପରେ ଅଛି କି, ଏହିଭଳି ନାନା ବିଭ୍ରାନ୍ତିକର ତତ୍ତ୍ୱ ନେଇ ଏକ ପ୍ରକାର ଅଚଳ ଅବସ୍ଥା ଆସିଥିଲା ।

ବିଜୁଙ୍କର ଏକ ବୈଠକରେ ଘୋଷୋକ୍ତି । ମୁଁ ଆଉ ଗୋଟାଏ ଶ୍ରୀମନ୍ଦିର ଗଢ଼ିବାପାଇଁ କୃତସଂକଳ୍ପ । ଯଦି ତମେ ଏହାର ସଂସ୍କାରରେ ସହଯୋଗ ନଦିଅ, ମୁଁ ବିଦେଶରୁ ଜ୍ଞାନ କିଣିଆଣି ଉପଯୋଗ କରିବି, କିନ୍ତୁ ମୁଁ ବଞ୍ଚିଥିବା ଭିତରେ ଶ୍ରୀମନ୍ଦିରର ଜୀର୍ଣ୍ଣ ସଂସ୍କାର ହେବ ହିଁ ହେବ । ଏହା କେବଳ ତାଙ୍କର ଦମ୍ଭୋକ୍ତି ନଥିଲା, ଥିଲା କଳିଙ୍ଗବାସୀଙ୍କ ପାଇଁ ଆଉଥରେ ଜାତି ଗଠନର ଉଦ୍‌ବୋଧନ ।

ପ୍ରଭୁ ଜଗନ୍ନାଥଙ୍କୁ ୭୮୦ ଖ୍ରୀଷ୍ଟାବ୍ଦରୁ ୧୭୩୧ ଖ୍ରୀଷ୍ଟାବ୍ଦ ଯାଏ ପ୍ରାୟ ୯୫୧ ବର୍ଷ ମଧ୍ୟରେ ବହୁବାର ସ୍ଥାନାନ୍ତରିତ କରାଯାଇଛି । (୧) ୭୮୦ ଖ୍ରୀଷ୍ଟାବ୍ଦରୁ ୮୦୦ ଖ୍ରୀଷ୍ଟାବ୍ଦ ଯାଏ ରାଜା ଶୋଭନ ଦେବଙ୍କ ରାଜୁତି ସମୟରେ ରକ୍ତ ବାହୁର ଆକ୍ରମଣରୁ ରକ୍ଷା କରିବା ଲାଗି ତିନି ଠାକୁରଙ୍କୁ ସୋନପୁରଠାରୁ ଷୋହଳ ମାଇଲ୍ ଦୂର ଗୋପାଳି ଗ୍ରାମରେ ନେଇ ଲୁଚାଇ ରଖାଯାଇଥିଲା । (୨) ୯୪୨ରୁ ୯୪୬ ଖ୍ରୀଷ୍ଟାବ୍ଦ ଭିତରେ ରାଜା ଯଯାତି କେଶରୀ–୧ଙ୍କ ରାଜୁତି ସମୟରେ ଏହି ବିଗ୍ରହମାନଙ୍କୁ ଆଣି ପୁନଶ୍ଚ ରତ୍ନ ସିଂହାସନ ଉପରକୁ ଅଣାଯାଇଥିଲା । (୩) ୧୫୦୯ ଖ୍ରୀଷ୍ଟାବ୍ଦରେ ପ୍ରତାପରୁଦ୍ରଦେବଙ୍କ ରାଜୁତି ସମୟରେ ବଙ୍ଗଳାର ସୁଲତାନ ଆଲ୍ଲାଉଦ୍ଦିନ ଉସ୍ମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଶ୍ରୀଜଗନ୍ନାଥଙ୍କୁ ରତ୍ନସିଂହାସନରୁ ସ୍ଥାନାନ୍ତରିତ କରାଯାଇ ଚିଲିକା ହ୍ରଦ ମଧ୍ୟରେ ଥିବା ଚଢ଼େଇ ଗୁମ୍ଫା ମଧ୍ୟରେ ରଖାଯାଇଥିଲା । (୪) ୧୫୬୮ ଖ୍ରୀଷ୍ଟାବ୍ଦରେ ଗଜପତି ମୁକୁନ୍ଦଦେବଙ୍କ ରାଜୁତି ସମୟରେ କଳାପାହାଡ଼ ଆକ୍ରମଣ ବେଳେ ପାରିକୁଦ ଭିତରେ ଥିବା ହସ୍ତୀପାଟଣା ଗ୍ରାମରେ ତିନି ଠାକୁରଙ୍କୁ ଲୁଚାଇ ରଖାଯାଇଥିଲା । (୫) ୧୬୨୦ ଖ୍ରୀଷ୍ଟାବ୍ଦରେ ଗଜପତି ପୁରୁଷୋତ୍ତମ ଦେବଙ୍କ ସମୟରେ ସୁବେଦାର ହସିମ୍ ଖାଁଙ୍କ ନେତୃତ୍ୱରେ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବିଗ୍ରହମାନଙ୍କୁ ଶ୍ରୀମନ୍ଦିରରୁ ନିଆଯାଇ ଖୋର୍ଦ୍ଧା ଦୁର୍ଗ ଭିତରେ ରଖାଯାଇଥିଲା । (୬) ୧୬୨୧ ଖ୍ରୀ.ଅ.ରେ ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜୁତି ସମୟରେ ମୁସଲିମ ସୁବେଦାର କଲ୍ୟାଣ ମଲ୍ଲର ଆକ୍ରମଣରୁ ରକ୍ଷା ପାଇବା ଲାଗି ତିନି ଠାକୁରଙ୍କୁ ଚିଲିକା ଭିତରେ ଥିବା ମହିଷା ଟାପୁରେ ରଖାଯାଇଥିଲା । (୭) ୧୬୨୭ ଖ୍ରୀ.ଅ.ରେ ଗଜପତି ପୁରୁଷୋତ୍ତମଙ୍କ ରାଜୁତି

ସମୟରେ ମୁସଲିମ୍ ସୁବେଦାର ମକରମ ଖାଁଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ବିଗ୍ରହମାନଙ୍କୁ ବାଣପୁରର ଗବାପଦର ଗ୍ରାମରେ ଲୁଚାଇ ରଖାଯାଇଥିଲା। (୮) ୧୬୨୨ରୁ ୧୬୪୮ ଖ୍ରୀ:ଅ: ଯାଏ ଗଜପତି ନରସିଂହ ଦେବଙ୍କ ରାଜତ୍ୱ ସମୟରେ ମୁସଲିମ୍ ସୁବେଦାର ମୀର୍ଜା ଅହମଦ ବେଗ୍‌ର ଆକ୍ରମଣ ଯୋଗୁ ତିନି ଠାକୁରଙ୍କୁ ମାଣିତୀର ଦୁର୍ଗ ମଧ୍ୟରେ ଲୁଚାଇ ରଖାଯାଇଥିଲା। (୯) ୧୬୨୫ ଖ୍ରୀ:ଅ:ରେ ଗଜପତି ନରସିଂହ ଦେବଙ୍କ ରାଜୁତି ସମୟରେ ମୁସଲମାନ ନେତା ଶାହାଜାହାନଙ୍କ ଆକ୍ରମଣ ଯୋଗୁଁ ବିଗ୍ରହମାନଙ୍କୁ ଖୋରଧା ଅନ୍ତର୍ଗତ ଗୋରଡ଼ା ଗ୍ରାମରେ ଲୁଚାଇ ରଖାଯାଇଥିଲା। (୧୦) ୧୬୯୨ ଖ୍ରୀଷ୍ଟାବ୍ଦରେ ମେ ମାସରେ ଗଜପତି ନରସିଂହ ଦେବ (୧) ରାଜା ଥିବା ସମୟରେ ଆଉରଙ୍ଗଜେବଙ୍କ ନିର୍ଦ୍ଦେଶରେ ମୁସଲିମ୍ ସୁବେଦାର ଏକରମ ଖାଁ ଏବଂ ସରମତ ଖାଁଙ୍କ ମିଳିତ ଆକ୍ରମଣରୁ ରକ୍ଷା ପାଇବା ଲାଗି ପ୍ରଥମ ଥର ପାଇଁ ତିନି ଠାକୁରଙ୍କୁ ସେହି ଶ୍ରୀମନ୍ଦିର ପରିବେଶରେ ଥିବା ବିମଳା ମନ୍ଦିର ପଛପଟେ ଲୁଚାଇ ରଖାଯାଇଥିଲା। (୧୧) ୧୭୩୧ ଖ୍ରୀଷ୍ଟାବ୍ଦରେ ଗଜପତି ରାମଚନ୍ଦ୍ର ଦେବ ରାଜା ଥିବା ବେଳେ ମୁସଲିମ ସୁବେଦାର ତକି ଖାଁର ଆକ୍ରମଣରୁ ରକ୍ଷା ପାଇବା ପାଇଁ ବିଗ୍ରହମାନଙ୍କୁ ରତ୍ନସିଂହାସନରୁ ପ୍ରଥମେ ବାଡ଼ପୁର ଅନ୍ତର୍ଗତ ଆଣ୍ଠୁଆଡ଼ ଗ୍ରାମରେ ଏବଂ ପରେ ସେଠାରୁ କୋଦଳା ଆଠଗଡ଼ ଅନ୍ତର୍ଗତ କରଡ଼ା ଗ୍ରାମରେ ନେଇ ଲୁଚାଇ ରଖାଯାଇଥିଲା।

ଏଇ ହେଲା ସମ୍ୟକ୍ ବିଗ୍ରହମାନଙ୍କର ସ୍ଥାନାନ୍ତରିତ ହେବା ପୂର୍ବ ଇତିହାସ। ୧୯୯୪ ମସିହା ଜୁନ୍ ମାସ ଶେଷ ସୁଦ୍ଧା ଶ୍ରୀମନ୍ଦିରର ବ୍ୟାପକ ମରାମତି ସମ୍ପୂର୍ଣ୍ଣ ହେବ ଏବଂ ଆଗାମୀ ପଞ୍ଚାଶ ବର୍ଷ ପର୍ଯ୍ୟନ୍ତ ଆପାତତଃ କୌଣସି ବିପଦ ଦେଖାଯିବ ନାହିଁ।

କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକ ଶ୍ରୀ ଜେ.ଏ. ଦୀକ୍ଷିତଙ୍କୁ ଏବଂ ତାଙ୍କର ଟାକ୍‌ସଫୋର୍ସ ଓ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କ ସହିତ ସ୍ଥାନୀୟ କୁଶଳୀ କାରିଗରଙ୍କୁ ଅଶେଷ ଧନ୍ୟବାଦ୍ ଜଣାଉଛୁ। ଏହା ସହିତ ଯେଉଁ ଶହ ଶହ କୁଶଳୀ ଶ୍ରମିକ ଜୀବନ ବିପନ୍ନକରି ଅତ୍ୟୁଚ୍ଚ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଏକାନ୍ତ ଅସ୍ୱାଭାବିକ ପରିସ୍ଥିତିରେ କେବଳ ଜଗନ୍ନାଥ ଧ୍ୟାନ କରି ପୁନଃ ନିର୍ମାଣ କାର୍ଯ୍ୟରେ ସହଯୋଗ କଲେ, ସେମାନଙ୍କୁ ଅନେକ ସଶ୍ରଦ୍ଧ ପ୍ରଣାମ।

ଶ୍ରୀ ଶକ୍ତିର ଜୟ ସତ୍ୟମେବ ଜୟ ଶକ୍ତିର ସହିତ ସମସ୍ତ ସର୍ବୋପରି ପୁରୀ ଜିଲ୍ଲାପାଳ ପଦ୍ମନାଭ ସାମଲଙ୍କ ନେତୃତ୍ୱକୁ ଶ୍ରଦ୍ଧା ଅଭିନନ୍ଦନ। ନିଜର ଭକ୍ତି ମାନସ ସଞ୍ଚାରିତ ନହୋଇଥିଲେ, ଏହା ସମ୍ଭବ ହୋଇନଥାନ୍ତା।

---

ବଡ଼ଶଙ୍ଖ, ଶ୍ରୀକ୍ଷେତ୍ର, ପୁରୀ।




ଭୁବନେଶ୍ୱରଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଜ୍ୟ ପ୍ରଦୂଷଣ ପରିଷଦର "ପରିବେଶ ଭବନ"କୁ ଉଦ୍‌ଘାଟନ କରୁଛନ୍ତି (୫/୬)।

# ଅକ୍ଷମମାନଙ୍କ ତାଲିମ ଓ ଥଇଥାନ ଯୋଜନା

* ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି

ଶାରୀରିକ ଅକ୍ଷମ ଲୋକମାନଙ୍କର ସମସ୍ୟା ଏକ ଜାତୀୟ ସମସ୍ୟା । ଜନସାଧାରଣଙ୍କୁ ସମାନ ସୁବିଧା ଯୋଗାଇ ଦେବା ହେଉଛି ସମାଜର ମୁଖ୍ୟ ଲକ୍ଷ୍ୟ । କିନ୍ତୁ ଭାରତ ସମେତ ପୃଥିବୀର ଅନେକ ବିକାଶଶୀଳ ରାଷ୍ଟ୍ରରେ ସାମାଜିକ କ୍ଷେତ୍ରରେ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ସୁବିଧା ସୁଯୋଗ ମିଳିବା ସେଭଳି ଅନେକ ଅସମତା ରହିଛି । ଶାରୀରିକ ଅକ୍ଷମ ବ୍ୟକ୍ତିମାନେ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଦୁର୍ବଳ । ଏକ ହିସାବରୁ ଜଣାଯାଏ ଯେ ଭାରତରେ ଜନସଂଖ୍ୟାର ଶତକଡ଼ା ୬ ଭାଗ ହେଉଛନ୍ତି ଶାରୀରିକ ଅକ୍ଷମ । ତେଣୁ ଏମାନଙ୍କ ସଂଖ୍ୟା ପ୍ରାୟ ୪୦ ନିୟୁତ ହେବ ।

ସ୍ୱାଧୀନତା ପୂର୍ବରୁ ଶାରୀରିକ ଅକ୍ଷମମାନଙ୍କ ଥଇଥାନ ପାଇଁ ସଙ୍ଗଠିତ ଉଦ୍ୟମ କରାଯାଇ ନଥିଲା । କିନ୍ତୁ ସ୍ୱାଧୀନତା ପରେ ଏହି ଉଦ୍ୟମ ତ୍ୱରାନ୍ୱିତ କରାଗଲା । ବିଶେଷ କରି ଭାରତର ସମ୍ବିଧାନରେ ଶାରୀରିକ ଅକ୍ଷମ ସମେତ ସମସ୍ତ ବ୍ୟକ୍ତିଙ୍କର କଲ୍ୟାଣ ପାଇଁ ବୈଧାନିକ ବ୍ୟବସ୍ଥା କରାଯିବା ପରେ ଏହି ଉଦ୍ୟମ ଅଧିକ ସକ୍ରିୟ ହେଲା । ଶାରୀରିକ ଅକ୍ଷମତାକୁ କିପରି ପ୍ରତିହତ କରାଯାଇ ପାରିବ ତାହା ଉପରେ ସରକାର ବିଶେଷ ଧ୍ୟାନ ଦେଲେ । ଦେଶର ବିଭିନ୍ନ ସ୍ଥଳରେ ଶାରୀରିକ ଅକ୍ଷମମାନଙ୍କ ସେବା ପାଇଁ ପ୍ରତିଷ୍ଠାନମାନ ଥିଲା, କିନ୍ତୁ ଅନ୍ଧ, ମୂକ, ବଧିର, ମାନସିକ ଅକ୍ଷମ, ଶାରୀରିକ ଅକ୍ଷମମାନଙ୍କ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦିଷ୍ଟ ଭାବେ କୌଣସି ପ୍ରତିଷ୍ଠାନ ନଥିଲା । ତେଣୁ ସେମାନଙ୍କର ଉପଯୁକ୍ତ ଶିକ୍ଷା, ତାଲିମ ଓ କାର୍ଯ୍ୟକ୍ଷମ ହେବା ପାଇଁ ନିମ୍ନଲିଖିତ ୫ଟି ଜାତୀୟ ପ୍ରତିଷ୍ଠାନ ପ୍ରତିଷ୍ଠା କରାଗଲା ।

(କ) ଜାତୀୟ ଦୃଷ୍ଟିଶକ୍ତି ଅକ୍ଷମ ପ୍ରତିଷ୍ଠାନ, ଡେରାଡୁନ୍ ।
(ଖ) ଜାତୀୟ ମାନସିକ ଅକ୍ଷମ ପ୍ରତିଷ୍ଠାନ, ସିକନ୍ଦରାବାଦ ।
(ଗ) ଅଲି ଜବରଜଙ୍ଗ ଶ୍ରବଣ ଅକ୍ଷମ ପ୍ରତିଷ୍ଠାନ, ବମ୍ବେ ।
(ଘ) ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଅର୍ଥପେଡିକାଲ୍ କଲିକତା ହ୍ୟାଣ୍ଡିକ୍ୟାପ୍ ।

ଏହି ଜାତୀୟ ପ୍ରତିଷ୍ଠାନ ଛଡ଼ା ଆଉ ଦୁଇଟି ପ୍ରତିଷ୍ଠାନ ଜାତୀୟ ସ୍ତରରେ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଏହି ପ୍ରତିଷ୍ଠାନ ଦୁଇଟି ହେଲା ଓଡ଼ିଶାର ଥଇଥାନ ତାଲିମ ଓ ଜାତୀୟ ଗବେଷଣା ପ୍ରତିଷ୍ଠାନ ଏବଂ ନୂଆଦିଲ୍ଲୀର ଶାରୀରିକ ଅକ୍ଷମ ପ୍ରତିଷ୍ଠାନ । ଏହି ପ୍ରତିଷ୍ଠାନ ଦୁଇଟିରେ ଫିଜିଓ ଥେରାପି ଚିକିତ୍ସା, ପେଶାଦାର ଥେରାପି ଚିକିତ୍ସା ଏବଂ ଅନ୍ୟାନ୍ୟ ଚିକିତ୍ସାର ସୁବିଧା ସୁଯୋଗ ଅଛି । ଏହି ଜାତୀୟ ପ୍ରତିଷ୍ଠାନଗୁଡ଼ିକର ବିଶେଷତ୍ୱ ହେଉଛି ଯେ ଏଠାରେ ବିଶେଷଜ୍ଞମାନେ ଅଛନ୍ତି ଏବଂ ଚିକିତ୍ସା ପାଇଁ ଅତ୍ୟାଧୁନିକ ବୈଜ୍ଞାନିକ ଯନ୍ତ୍ରପାତିମାନ ଅଛି । ଏହି ପ୍ରତିଷ୍ଠାନମାନଙ୍କରେ ଦୀର୍ଘ ମିଆଦି ତାଲିମ ଦିଆଯାଇଥାଏ ।

ଏହି ପ୍ରତିଷ୍ଠାନଗୁଡ଼ିକ ମଧ୍ୟରୁ ମଧ୍ୟ ସ୍ୱଳ୍ପ ମିଆଦି ତାଲିମ କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ର କରି ଶାରୀରିକ ଅକ୍ଷମମାନଙ୍କ ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ସମସ୍ୟା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯାଇଥାଏ ।

ଶାରୀରିକ ଅକ୍ଷମତାର ବିଭିନ୍ନ ଦିଗ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ବର୍ଷକୁ ଦୁଇଥର ଏକ ପତ୍ରିକା ପ୍ରକାଶ କରାଯାଉଛି । ଏହି ପତ୍ରିକାର ନାମ ହେଉଛି "ଶାରୀରିକ ଅକ୍ଷମ ଓ ଥଇଥାନ ପାଇଁ ଭାରତୀୟ ପତ୍ରିକା" । ଏଥିରେ ଗବେଷଣା ମୂଳକ ସନ୍ଦର୍ଭମାନ ପ୍ରକାଶ କରାଯାଇଥାଏ ।

ଶାରୀରିକ ଅକ୍ଷମମାନଙ୍କୁ ଥଇଥାନ କରିବା ଲାଗି ଅତ୍ୟାଧୁନିକ ବୈଷୟିକ କୌଶଳର ପ୍ରୟୋଗ କରି ୧୯୮୮ ମସିହାରେ ଭାରତ ସରକାର ଏସ୍: ଆଣ୍ଡ୍ ଟି: ପ୍ରକଳ୍ପ ନାମକ ଏକ ମିଶନ୍ ଆରମ୍ଭ କରିଛନ୍ତି । କେନ୍ଦ୍ର କଲ୍ୟାଣ ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟ କରୁଛି । ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳରୁ ଯାହା ସୁଫଳ ମିଳୁଛି ତାହା ଅକ୍ଷମ ବ୍ୟକ୍ତିମାନଙ୍କୁ ଯୋଗାଇ ସେମାନଙ୍କୁ କାର୍ଯ୍ୟକ୍ଷମ କରିବା ହେଉଛି ଏହି ମିଶନ୍‌ର ଲକ୍ଷ୍ୟ । ଏହି ମିଶନ୍ ପକ୍ଷରୁ ବହୁ ନୂତନ ଅଙ୍ଗ ପ୍ରତ୍ୟଙ୍ଗ ଏବଂ ଯନ୍ତ୍ରପାତି ପ୍ରସ୍ତୁତ କରାଯାଉଛି, ଯାହା କି ଅକ୍ଷମ ବ୍ୟକ୍ତିମାନଙ୍କର କଲ୍ୟାଣରେ ଉପଯୋଗ ହୋଇପାରିବ ।

ଭାରତରେ ଶାରୀରିକ ଅକ୍ଷମମାନେ ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଦୁର୍ବଳ । ସେମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ରାଜ୍ୟ ସରକାର କେତେକ କଲ୍ୟାଣକର ଯୋଜନା ଗ୍ରହଣ କରିଛନ୍ତି । ଏହି ଯୋଜନା ଅନୁଯାୟୀ ଶାରୀରିକ ଅକ୍ଷମ ଓ ବିକଳାଙ୍ଗ

ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ବେତେକ କ୍ଷେତ୍ରରେ ରିହାତି ଓ ସୁବିଧା ସୁଯୋଗ ଦିଆଯାଉଛି ।

## ରେଳଯାତ୍ରୀ ପାଇଁ ରିହାତି ବ୍ୟବସ୍ଥା :

ଶାରୀରିକ ଅକ୍ଷମ ବ୍ୟକ୍ତିମାନେ ଯଦି ରେଳରେ ଯାତ୍ରା କରନ୍ତି, ତେବେ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀରେ ସେମାନେ ଶତକଡ଼ା ୭୫ ଭାଗ ଯାତ୍ରୀଭଡ଼ା ରିହାତି ପାଇପାରିବେ । ଅନ୍ଧ, ଛୋଟା, କେମ୍ପା ଓ ମାନସିକ ଅକ୍ଷମ ବ୍ୟକ୍ତିମାନଙ୍କ ସହିତ ସାହାଯ୍ୟକାରୀ ଭାବରେ ଯାଉଥିବା ବ୍ୟକ୍ତି ମଧ୍ୟ ଯାତ୍ରୀ ଭଡ଼ାରେ ୭୫ ଭାଗ ରିହାତି ପାଇପାରିବେ ।

## ବିମାନ ଯାତ୍ରୀ ପାଇଁ ରିହାତି ବ୍ୟବସ୍ଥା

କେବଳ ବିମାନରେ ଯିବା ପାଇଁ ଅକ୍ଷମମାନଙ୍କ ନିମିତ୍ତ ଶତକଡ଼ା ୫୦ ଭାଗ ରିହାତି ଇଣ୍ଡିଆନ୍ ଏୟାର୍ ଲାଇନ୍ସ ପକ୍ଷରୁ ଦିଆଯାଉଛି । କିନ୍ତୁ ଫେରିବା ବିମାନ ଖର୍ଚ୍ଚ ସେମାନଙ୍କୁ ବହନ କରିବାକୁ ପଡ଼ିବ ।

## ଡାକ ସୁବିଧା :

ବ୍ରେଲିରେ ଛପାଯାଇଥିବା ଅନ୍ଧମାନଙ୍କ ପାଇଁ ଯେଉଁ ପୁସ୍ତକ, ପତ୍ରିକା ଇତ୍ୟାଦି ଡାକରେ ପଠାଯାଏ ତା' ଉପରେ ଡାକ ମାସୁଲ ପଡ଼େନାହିଁ । କିନ୍ତୁ ଗୋଟିଏ ପ୍ୟାକେଟ୍‌ରେ ଓଜନ ୭ କିଲୋରୁ ଅଧିକ ହୋଇନଥିବା ଉଚିତ ।

## ବହିଃ ଶୁଳ୍କ :

ବିଦ୍ୟାଳୟମାନଙ୍କୁ ପଠାଯାଉଥିବା କିମ୍ବା ବ୍ରେଲି ପ୍ରେସ୍‌କୁ ପଠାଯାଉଥିବା କାଗଜ ଉପରେ ଅବକାରୀ ଶୁଳ୍କ ଆଦୌ ପଡ଼େ ନାହିଁ । କିନ୍ତୁ ଏହି ପ୍ୟାକେଟ୍ ଉପରେ ଡେରାଡୁନ୍‌ସ୍ଥିତ ଦୃଷ୍ଟିଶକ୍ତି ଅକ୍ଷମ ପ୍ରତିଷ୍ଠାନର ସ୍ୱୀକୃତି ଥିବା ବାଞ୍ଛନୀୟ ।

## ଯାତାୟାତ ଖର୍ଚ୍ଚ :

କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଅନ୍ଧ କିମ୍ବା ଶାରୀରିକ ଅକ୍ଷମ କର୍ମଚାରୀମାନଙ୍କୁ ମୂଳ ଦରମାର ଶତକଡ଼ା ୫ ଭାଗ ଯାତାୟାତ ଖର୍ଚ୍ଚ ଦିଆଯାଇଥାଏ । କିନ୍ତୁ ଏହା ଏକଶତ ଟଙ୍କାରୁ ଅଧିକ ହେବ ନାହିଁ ।

## ଶିକ୍ଷା ଭତ୍ତା :

କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କର ଯଦି ଶାରୀରିକ ଏବଂ ମାନସିକ ଅକ୍ଷମ ପିଲା ଥାନ୍ତି, ତେବେ ସେମାନଙ୍କୁ ଶିକ୍ଷା ଭତ୍ତା ବାବଦରେ ୫୦ ଟଙ୍କା ଦିଆଯିବାର ବ୍ୟବସ୍ଥା ରହିଛି ।

## ଆୟକର ରିହାତି :

ଅନ୍ଧ, ମାନସିକ ଅକ୍ଷମ, ଶାରୀରିକ ଅକ୍ଷମମାନଙ୍କୁ ସର୍ବନିମ୍ନ ରିହାତି ଦିଆଯାଇଥାଏ ।

## ତୈଳ କମ୍ପାନୀମାନଙ୍କ ଦ୍ୱାରା ଡିଲରସିପ୍ ପ୍ରଦାନ :

ରାଷ୍ଟ୍ରାୟତ୍ତ କମ୍ପାନୀମାନଙ୍କରେ ଯେତେ ସବୁ ଡିଲରସିପ୍ ଏଜେନ୍ସି ଅଛି, ସେଥି ମଧ୍ୟରୁ ଶତକଡ଼ା ସାଢ଼େ ସାତ ଭାଗ ଅଣ ଶାରୀରିକ ଅକ୍ଷମମାନଙ୍କ ପାଇଁ ସଂରକ୍ଷଣ କରି ରଖିବା ଲାଗି କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଅନ୍ଧ ବ୍ୟକ୍ତିମାନଙ୍କ ପାଇଁ ଏଲ୍. ପି. ଜି. ଡିଲରସିପ୍ ବ୍ୟବସ୍ଥା ନାହିଁ । ଏହା ବ୍ୟତୀତ ଯେଉଁ ଶାରୀରିକ କର୍ମଚାରୀମାନେ ଯୁଦ୍ଧରେ କିମ୍ବା କର୍ତ୍ତବ୍ୟ ପାଳନ କରୁଥିବା ସମୟରେ ଅକ୍ଷମ ହୋଇଯାଇଛନ୍ତି, ସେମାନଙ୍କ ପାଇଁ ମଧ୍ୟ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ସାଢ଼େ ସାତ ଭାଗ ଡିଲରସିପ୍ ସଂରକ୍ଷଣ କରିଛନ୍ତି ।

## କୃତ୍ରିମ ଅଙ୍ଗ ଓ ଯନ୍ତ୍ରପାତି କିଣିବା ଏବଂ ରୋପଣ କରିବା :

ଯେଉଁ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କର ମାସିକ ଆୟ ୧୨ ଶହ ଟଙ୍କା ତାହାଠାରୁ କମ୍ ସେମାନଙ୍କୁ ମାଗଣାରେ କୃତ୍ରିମ ଅଙ୍ଗ ଓ ଯନ୍ତ୍ରପାତି ଯୋଗାଇ ଦିଆଯିବା ପାଇଁ କେନ୍ଦ୍ର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି । କିନ୍ତୁ ଯେଉଁମାନଙ୍କର ଆୟ ୧,୨୦୧ ଟଙ୍କାରୁ ୨,୫୦୦ ଟଙ୍କା ମଧ୍ୟରେ ହୋଇଥିବ, ସେମାନେ ଶତକଡ଼ା ୫୦ ଭାଗ ରିହାତି ପାଇପାରିବେ । ସରକାରୀ ଓ ବେସରକାରୀ ସଂସ୍ଥା ମାଧ୍ୟମରେ ଏହା କାର୍ଯ୍ୟକାରୀ କରାଯାଉଛି । ସମ୍ପ୍ରତି କେନ୍ଦ୍ର ସରକାର ୧୨୦ଟି ସଙ୍ଗଠନକୁ ଏହି କାର୍ଯ୍ୟ କରିବା ଲାଗି ସ୍ୱୀକୃତି ଦେଇଛନ୍ତି ଏବଂ ଏଥିପାଇଁ କେନ୍ଦ୍ର ମନ୍ତ୍ରଣାଳୟରୁ ଆର୍ଥିକ ସାହାଯ୍ୟ ନେଉଥିବା 'ଆଲିମ୍‌କୋ' ଏକଟି ପ୍ରତିଷ୍ଠାନକୁ ସ୍ୱୀକୃତି ଦେଇଛି ।

## ମେଡିକାଲ୍‌ରେ ସ୍ଥାନ ସଂରକ୍ଷଣ :

ଶାରୀରିକ ଅକ୍ଷମ ପିଲାମାନଙ୍କ ପାଇଁ ମେଡିକାଲ୍ କଲେଜମାନଙ୍କରେ ଶତକଡ଼ା ୫ ଭାଗ ସ୍ଥାନ ସଂରକ୍ଷଣ କରିବା ପାଇଁ ବ୍ୟବସ୍ଥା ରହିଛି । କେନ୍ଦ୍ରୀୟ ପୁଲରୁ ଏହା ଯୋଗାଇ ଦିଆଯାଇଥାଏ ।

ଶାରୀରିକ ଅକ୍ଷମ ଓ ଅସମର୍ଥ ଲୋକମାନଙ୍କ କଲ୍ୟାଣ ପାଇଁ ଆମ ରାଜ୍ୟ ସରକାର ନିଜସ୍ୱ ସମ୍ବଳ ତଥା କେନ୍ଦ୍ରୀୟ ଅନୁଦାନ ବିନିଯୋଗ କରି ଅନେକ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ତାହାର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା ।

## ତାଲିମ ବ୍ୟବସ୍ଥା :

ଆମ ରାଜ୍ୟରେ ଅନ୍ଧ, ମୂକ, ବଧିର ଓ ମାନସିକ ବାଧାଗ୍ରସ୍ତ ପିଲାମାନଙ୍କ ଶିକ୍ଷା ଓ ତାଲିମ ପାଇଁ ୪୧ଟି ସ୍ୱତନ୍ତ୍ର ବିଦ୍ୟାଳୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହାୟତାରେ ସ୍ଥାପନ କରାଯାଇଛି ଓ ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ଅନୁଦାନ ଦେଉଛନ୍ତି । ଅନ୍ଧ ଓ ବଧିର ବିଦ୍ୟାଳୟଗୁଡ଼ିକୁ ଉପଯୁକ୍ତ

ଟ୍ରେନିଂପ୍ରାପ୍ତ ଶିକ୍ଷକ ଯୋଗାଇ ଦେବା ପାଇଁ ଡେରାଡୁନ୍ ଓ ସେଠାରେ ଅନୁଷ୍ଠିତ ସମ୍ପୃକ୍ତ ଜାତୀୟ ପ୍ରତିଷ୍ଠାନ ସହଯୋଗରେ ଭୁବନେଶ୍ୱରଠାରେ ଦୁଇଟି ଶିକ୍ଷକ ତାଲିମ କେନ୍ଦ୍ର ସ୍ଥାପନ କରାଯାଇଛି ଓ ମାନସିକ ଅକ୍ଷମମାନଙ୍କ ଶିକ୍ଷକମାନଙ୍କୁ ତାଲିମ ଦେବା ପାଇଁ ସିକନ୍ଦରାବାଦସ୍ଥିତ ଜାତୀୟ ମାନସିକ ଅକ୍ଷମ ପ୍ରତିଷ୍ଠାନର ସହାୟତାରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ଭୁବନେଶ୍ୱରଠାରେ ଏକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

ପ୍ରାପ୍ତ ବୟସ୍କ ବିକଳାଙ୍ଗମାନଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରି ରୋଜଗାରକ୍ଷମ କରିବା ପାଇଁ ୫ଟି ବୈଷୟିକ ତାଲିମ କେନ୍ଦ୍ର ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ ହେଉଅଛି ।

## ଶିକ୍ଷା ବ୍ୟବସ୍ଥା :

ଶାରୀରିକ ଅକ୍ଷମ ତଥା ମାନସିକ ଅପାରଗ ଶିଶୁମାନଙ୍କ ଶିକ୍ଷା ପାଇଁ ରାଜ୍ୟରେ ୮୭ଟି ସ୍ୱତନ୍ତ୍ର ବିଦ୍ୟାଳୟ, ଅନ୍ଧ ଶିଶୁମାନଙ୍କ ପାଇଁ ୧୬ଟି ବିଦ୍ୟାଳୟ ଓ ମାନସିକ ଅପାରଗ ଶିଶୁମାନଙ୍କ ପାଇଁ ୯ଟି ବିଦ୍ୟାଳୟ ସ୍ଥାପନ କରାଯାଇଛି । ଏହି ବିଦ୍ୟାଳୟଗୁଡ଼ିକରେ ନିମ୍ନ ଆୟକାରୀ ବର୍ଗର ପିତାମାତାଙ୍କର ସନ୍ତାନମାନଙ୍କୁ ମାସିକ ଭତ୍ତା ଓ ଆବାସିକ ସୁବିଧା ପ୍ରଦାନ କରି ଶିକ୍ଷା ଦେବାର ସୁବିଧା କରାଯାଇଛି ।

## ଅକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ମେଧା ବୃତ୍ତି ଓ ଷ୍ଟାଇପେଣ୍ଡର ବ୍ୟବସ୍ଥା :

ଆମ ରାଜ୍ୟରେ ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶାରୀରିକ ଅକ୍ଷମ ବିଦ୍ୟାର୍ଥୀମାନଙ୍କ ପାଇଁ ମେଧା ବୃତ୍ତି ପ୍ରଦାନ କରି ପାଠ ପଢ଼ିବା ପାଇଁ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ରହିଛି । ଯେଉଁ ଅକ୍ଷମ ଛାତ୍ରଛାତ୍ରୀର ପିତାମାତାଙ୍କ ମାସିକ ଆୟ ୧,୫୦୦ ଟଙ୍କାରୁ ଊଣା ହୋଇଥିବ, ସେମାନଙ୍କୁ ଏହି ମେଧା ବୃତ୍ତି ଦିଆଯାଉଛି । ଏହାଛଡ଼ା ବୃତ୍ତି ପାଇବା ପାଇଁ ଛାତ୍ରଛାତ୍ରୀ ପ୍ରତି ବର୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ।

ଯେଉଁ ଅକ୍ଷମ ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ନିମନ୍ତେ ବୈଷୟିକ କିମ୍ବା ବୃତ୍ତିଗତ ଧନ୍ଦା ଆରମ୍ଭ କରିବାକୁ ଚାହାନ୍ତି ସେମାନଙ୍କର ପାଠ ପଢ଼ାକାଳୀନ ବୃତ୍ତି ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ପ୍ରଦାନ କରିଥାନ୍ତି ।

## ଆତ୍ମ ନିଯୁକ୍ତି :

ସହରାଞ୍ଚଳରେ ବାସ କରୁଥିବା ବ୍ୟକ୍ତିମାନଙ୍କ ଆତ୍ମ ନିଯୁକ୍ତି ଲାଗି ସରକାର ଏକ ନୂତନ ଯୋଜନା ଗ୍ରହଣ କରିଛନ୍ତି । ଏହି ଯୋଜନା ଅନୁଯାୟୀ ଜଣେ ଅକ୍ଷମ ବ୍ୟକ୍ତିଙ୍କୁ ସବ୍‌ସିଡି ଆକାରରେ ମୁଣ୍ଡ ପିଛା ୮,୦୦୦ ଟଙ୍କା ଯୋଗାଇ ଦିଆଯାଇଥାଏ । ମ୍ୟୁନିସିପାଲିଟି ଓ ଏନ୍. ଏ. ସି. ଅଞ୍ଚଳରେ ୬,୦୦୦ ଟଙ୍କା ବ୍ୟୟରେ ଗୋଟିଏ ଦୋକାନ ଘର, ଷ୍ଟଲ୍ କିମ୍ବା ବୁଥ୍ ନିର୍ମାଣ କରି ଆତ୍ମ ନିଯୁକ୍ତି ପାଇଁ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଅବଶିଷ୍ଟ ଦୁଇ ହଜାର ଟଙ୍କା ପ୍ରୋତ୍ସ ଅକ୍ଷମ ବ୍ୟକ୍ତିଙ୍କୁ କାର୍ଯ୍ୟକାରୀ ମୂଳଧନ ଆକାରରେ ଦିଆଯାଇଥାଏ ।

## ଥଇଥାନ ବ୍ୟବସ୍ଥା :

ଶାରୀରିକ ଅକ୍ଷମ ଓ ବିକଳାଙ୍ଗ ଲୋକମାନଙ୍କୁ ଉଚିତ୍ ଶିକ୍ଷା ଦେଇ ସେମାନେ କିପରି ଜୀବନ ଧାରଣ ପାଇଁ ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ସମାଜରେ ସୁସ୍ଥ ଜନସାଧାରଣଙ୍କ ସହିତ ସମତା ରକ୍ଷା କରି ଚଳିପାରିବେ ସେ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଥଇଥାନ କାର୍ଯ୍ୟକ୍ରମ ସାଧାରଣତଃ କେତେକ ଚିହ୍ନଟ କରାଯାଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି । ଏହିପରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ୫ଟି ତାଲିମ କେନ୍ଦ୍ର କାର୍ଯ୍ୟକାରୀ ହେଉଛି ଏବଂ ସମୁଦାୟ ୧୩୮ ଜଣ ଅକ୍ଷମ ବ୍ୟକ୍ତି ତାଲିମ ଗ୍ରହଣ କରୁଛନ୍ତି । ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକର କର୍ମୀଙ୍କର ଦରମା ଉପକରଣ ତଥା କଞ୍ଚା ମାଲ୍ ଦସ୍ତ ପାଇଁ ଅନୁଦାନ ରାଜ୍ୟ ସରକାର ଯୋଗାଇ ଦେଇଥାନ୍ତି ।

## ବ୍ରେଲ୍ ପୁସ୍ତକ ଛପା ବ୍ୟବସ୍ଥା :

ଦୃଷ୍ଟିହୀନ ପିଲାମାନଙ୍କର ପଢ଼ିବାର ଏକମାତ୍ର ମାଧ୍ୟମ ହେଉଛି ବ୍ରେଲ୍ ପଦ୍ଧତିରେ ଛପାଯାଇଥିବା ପୁସ୍ତକ । ଏହି ବ୍ରେଲ୍ ପୁସ୍ତକ ଛପାଇବା ପାଇଁ ଜର୍ମାନ୍ ସାଧାରଣତନ୍ତ୍ରର ସହାୟତାରେ ଗୋଟିଏ ଛାପାଖାନା ବ୍ରହ୍ମପୁରରେ ପ୍ରତିଷ୍ଠା କରାଯାଇଛି । ଏହି ଛାପାଖାନାରେ ବ୍ରେଲ୍ ପଦ୍ଧତିରେ ବହି ଛପାଯାଇ ଅନ୍ଧ ପିଲାମାନଙ୍କୁ ଯୋଗାଇ ଦିଆଯାଉଛି ।

## ଅପରିପକ୍ୱ ପିଲାମାନଙ୍କର ଯତ୍ନ :

୧୯୯୦–୯୧ ମସିହାରୁ ଅପରିପକ୍ୱ ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା ଲାଗି ଦୁଇଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଚିହ୍ନଟ କରାଯାଇଛି । ଏହି ଅନୁଷ୍ଠାନ ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା ଲାଗି ସେମାନଙ୍କୁ ତଥା ସେମାନଙ୍କର ସହକାରୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି ।

## ଆରୋଗ୍ୟ ପ୍ରାପ୍ତ କୁଷ୍ଠ ରୋଗୀମାନଙ୍କ ଥଇଥାନ :

କୁଷ୍ଠ ରୋଗ ଏପରି ଏକ ରୋଗ ଯାହା ଭଲ ହୋଇଗଲେ ମଧ୍ୟ ମାନସିକ ଯନ୍ତ୍ରଣାର ଅବସାନ ହୁଏ ନାହିଁ । ସମାଜରେ ରୋଗୀ ପ୍ରତି ଥିବା ଘୃଣା ଭାବ ସହଜରେ ଦୂର ହୁଏ ନାହିଁ । କୁଷ୍ଠ ରୋଗକୁ ଚିହ୍ନଟ କରିବା, ଚିକିତ୍ସା କରିବା ଓ ଥଇଥାନ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ରାଜ୍ୟ ସରକାର ଗ୍ରହଣ କରିଛନ୍ତି । ଆରୋଗ୍ୟ ପ୍ରାପ୍ତ କୁଷ୍ଠ ରୋଗୀମାନଙ୍କ ଥଇଥାନ ପାଇଁ ମାନ୍ୟବର ରାଜ୍ୟପାଳଙ୍କ ସଭାପତିତ୍ୱରେ କାର୍ଯ୍ୟ କରୁଥିବା ହିନ୍ଦ୍ କୁଷ୍ଠ ନିବାରଣ ସଂଘକୁ ଦାୟିତ୍ୱ ଦିଆଯାଇଛି । ଆରୋଗ୍ୟ ଲାଭ କରୁଥିବା କୁଷ୍ଠ ରୋଗୀମାନଙ୍କୁ ତାଲିମ ଦେବା ଓ ସେମାନଙ୍କ ଥଇଥାନ ଲାଗି ବିଭିନ୍ନ ପ୍ରକାର ବ୍ୟବସାୟିକ ପ୍ରକଳ୍ପ ଯଥା–ଲୁଗାବୁଣା, ଦଉଡ଼ି ବଳିବା, ମହମବତୀ ତିଆରି, ସିଲେଇ, କମାର କାର୍ଯ୍ୟ, ଚମଡ଼ା

କାର୍ଯ୍ୟ ଇତ୍ୟାଦି କ୍ଷୁଦ୍ର ଉଦ୍ୟୋଗମାନ ପ୍ରତିଷ୍ଠା କରାଯାଇଛି । ଏହି କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ସମ୍ବଲପୁର ଜିଲ୍ଲାର ହାତୀବାଡ଼ି, ବାଲେଶ୍ୱର, ପାରଳାଖେମୁଣ୍ଡି, କଟକ, ପୁରୀ ଓ ରାମେଶ୍ୱରପୁରଠାରେ ଅବସ୍ଥିତ ।

ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କୁଷ୍ଠ ରୋଗ ମୁକ୍ତ ବ୍ୟକ୍ତିମାନଙ୍କୁ ଜବାହର ରୋଜଗାର ଯୋଜନା ମଧ୍ୟରେ ନିଯୁକ୍ତି, ଗ୍ରାମାଞ୍ଚଳର ଯୁବକମାନଙ୍କୁ ତାଲିମ କାର୍ଯ୍ୟକ୍ରମ ଜରିଆରେ ଆତ୍ମ ନିଯୁକ୍ତି ପାଇଁ ଆର୍ଥିକ ସାହାଯ୍ୟ, ଇନ୍ଦିରା ଆବାସ ଯୋଜନା ଅନୁଯାୟୀ ବାସଗୃହ ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ୬୦ ବର୍ଷ ବୟସର କୁଷ୍ଠ ମୁକ୍ତ ବୃଦ୍ଧ ଲୋକମାନଙ୍କୁ ୧୦୦ ଟଙ୍କା ଲେଖାଏଁ ମାସିକ ଭତ୍ତା ଦିଆଯାଉଛି । ଏହାଛଡ଼ା ହିନ୍ଦ୍ କୁଷ୍ଠ ନିବାରଣ ସଂସ୍ଥା ୧୭ ଗୋଟି ଶିଶୁ ଆଳୟର ପରିଚାଳନା କରୁଛନ୍ତି । ଏଠାରେ ଆରୋଗ୍ୟ ଲାଭ କରିଥିବା ଶିଶୁମାନଙ୍କୁ ଶିକ୍ଷାଗତ ସୁବିଧା ଯୋଗାଇ ଦିଆଯାଇଥାଏ ।

## ଅକ୍ଷମ ଭତ୍ତା :

୧୯୮୪ ମସିହା ଅକ୍ଟୋବର ୨ ତାରିଖରୁ ଶାରୀରିକ ବିକୃତ ଥିବା ଆର୍ଥିକ ଅଭାବଗ୍ରସ୍ତ ଓ ବିଶେଷ ଅପାରଗ, ଅନ୍ଧ ବ୍ୟକ୍ତି ବିକଳାଙ୍ଗ ବ୍ୟକ୍ତିମାନଙ୍କ ନିମିତ୍ତ ଅକ୍ଷମ ଭତ୍ତା ପ୍ରଦାନ କରିବାକୁ ସରକାର ସ୍ଥିର କରିଛନ୍ତି । ଏହି ଶ୍ରେଣୀର ଅକ୍ଷମ ବ୍ୟକ୍ତିମାନଙ୍କୁ ମାସିକ ୧୦୦ ଟଙ୍କା କରି ଭତ୍ତା ଦେବାର ବ୍ୟବସ୍ଥା କରାଯାଇଛି । ସମ୍ପୂର୍ଣ୍ଣ ଅନ୍ଧ ବ୍ୟକ୍ତି, ଅସ୍ଥିଶଲ୍ୟ ବିକଳାଙ୍ଗ ବ୍ୟକ୍ତି, କୁଷ୍ଠ ବ୍ୟାଧିଗ୍ରସ୍ତ, ଯେ କି ସ୍ୱାଭାବିକ ଭାବେ କାର୍ଯ୍ୟ କରିବାକୁ ଅକ୍ଷମ ହୋଇଥିବେ, ସେମାନଙ୍କ ପାଇଁ ଏ ଭତ୍ତା ୫ ବର୍ଷ ବୟସରୁ ମିଳିଥିବା ବ୍ୟବସ୍ଥା କରାଯାଇଛି । ବ୍ଳକ୍ ଉନ୍ନୟନ ଅଧିକାରୀ, ତହସିଲଦାର ଓ ମେଡିକାଲ୍ ଅଫିସରଙ୍କୁ ନେଇ ଗଠିତ ଏକ କମିଟି ଯେଉଁମାନେ ଅକ୍ଷମ ଭତ୍ତା ପାଇବା ପାଇଁ ଯୋଗ୍ୟ ସେମାନଙ୍କୁ ବିଚାର କରାଯାଇ ମନୋନୀତ କରାଯାଇଥାଏ । ୧୯୯୨-୯୩ରେ ଏହି ବ୍ୟବସ୍ଥା ଅନୁଯାୟୀ ୩୦ ହଜାର ବ୍ୟକ୍ତିଙ୍କୁ ଅକ୍ଷମ ଭତ୍ତା ପାଇବା ପାଇଁ ଚିହ୍ନଟ କରାଯାଇଛି ।

ଏତଦ୍ ବ୍ୟତୀତ ବଧିର ବ୍ୟକ୍ତିଙ୍କୁ ଶ୍ରୁତି ସହାୟକ ଯନ୍ତ୍ର, ଖଞ୍ଜଙ୍କୁ ତିନି ଚକିଆ ସାଇକେଲ, ଅନ୍ଧଙ୍କୁ ଚାଲିବା ପାଇଁ ଆଖାବାଡ଼ି, କୁଷ୍ଠ ରୋଗୀଙ୍କୁ ରବର ଚପଲ, ହାତ ବା ଗୋଡ଼ କଟି ଯାଇଥିବା ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ପ୍ରଭୃତି ସ୍ୱତନ୍ତ୍ର ଉପକରଣ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି ।

ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରି ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିର ବିକାଶ କରାଇବା ଆମ୍ଭମାନଙ୍କର ନୈତିକ କର୍ତ୍ତବ୍ୟ । ଏହା ଫଳରେ ସେମାନେ ଅର୍ଥନୈତିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ ହୋଇପାରିବେ । ସେମାନଙ୍କ ମନୋଭାବକୁ ବୁଝି ଯଦି ସେମାନଙ୍କୁ ସାହାଯ୍ୟ କରାଯାଏ ତେବେ ସେମାନେ ମଧ୍ୟ ନିଜର ଜୀବନକୁ ସରସ ସୁନ୍ଦର କରିବା ସହିତ ସମାଜର ସାମୂହିକ ପ୍ରଗତିରେ ସାହାଯ୍ୟ କରିପାରିବେ । ବିଶ୍ୱ ଅକ୍ଷମ ଦିବସ ହେଉଛି ଆମ୍ଭମାନଙ୍କ ପାଇଁ ଏକ ସୁଯୋଗ ଯେଉଁଥିରେ କି ଆମ୍ଭେମାନେ ଅକ୍ଷମ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ଲାଗି ନିଜକୁ ଉତ୍ସର୍ଗ କରିବା ।

---

ଯୁଗ୍ମ ଶାସନ ସଚିବ,
ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଭୁବନେଶ୍ୱର ।



ବିଶ୍ୱପତି ଶ୍ରୀ ନବକୁମାର ଦାଶ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ଏକ ରିପୋର୍ଟ ପ୍ରଦାନ କରୁଛନ୍ତି (୨୮/୬) ।

# 'କପ୍ତିପଦା' ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା

* ଶ୍ରୀ ବିଜୟ ପଣ୍ଡା

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆଦିବାସୀମାନଙ୍କର ଦୀର୍ଘକାଳୀନ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ । ନିଜକୁ ନିଜେ ବା ଆତ୍ମ ସହାୟ ନୀତି ଦ୍ୱାରା ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ସଂସ୍ଥାର ଲକ୍ଷ୍ୟ । ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ମାଧ୍ୟମରେ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ଘଟାଇ ତାଙ୍କ ମାଧ୍ୟମରେ ଆତ୍ମ ନିର୍ଭରତା ଏବଂ ଆତ୍ମ ସମ୍ମାନ ସୃଷ୍ଟି ପାଇଁ ସଂସ୍ଥା ତରଫରୁ ପଦକ୍ଷେପ ନିଆଯାଉଛି । ପ୍ରତ୍ୟେକ ପରିକଳ୍ପନାକୁ ସଫଳ କରିବା ପାଇଁ ଗୋଷ୍ଠୀଗୁଡ଼ିକୁ ପରିଚାଳନା ଦାୟିତ୍ୱ ଦିଆଯାଇ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓତଃପ୍ରୋତ ଭାବେ ଜଡ଼ିତ ହେବାକୁ ସୁଯୋଗ ଦିଆଯାଉଅଛି । କର୍ମଚାରୀମାନେ ଗ୍ରାମକୁ ଗ୍ରାମ ଯାଇ ମତାମତ ସଂଗ୍ରହ କରୁଅଛନ୍ତି । ଲୋକମାନଙ୍କ ମତକୁ ସମ୍ମାନ ଦିଆଯାଇ ସେମାନେ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ତାହା କରାଯାଉଛି, ଉପରୁ କିଛି ଲଦିଦିଆ ଯାଉନାହିଁ । ମତ ବିନିମୟ ସମୟରେ ସେମାନଙ୍କ ଠାରୁ କର୍ମଚାରୀମାନଙ୍କୁ ମଧ୍ୟ ଶିକ୍ଷା ମିଳୁଛି । ଦେଖାଯାଉଛି ଯେଉଁ ସରକାରୀ ବିଭାଗର କର୍ମଚାରୀମାନେ ସେମାନଙ୍କର ବିଶ୍ୱାସ ଭାଜନ ହୋଇପାରୁଛନ୍ତି — ସେମାନଙ୍କର ଯୋଜନା ସଫଳ ହୋଇପାରୁଛି । କନ୍ଦମୂଳ ଚାଷ ସମ୍ବନ୍ଧରେ ଉଦ୍ୟାନ୍‌ବିତ୍‌ଙ୍କ ଦ୍ୱାରା ଲଗାଇବା ସମୟରେ ପଟାସ ସାର ଦେବାକୁ ପ୍ରବର୍ତ୍ତାଇବାରେ ଚାଷୀମାନେ ତାହା ଗ୍ରହଣ କଲେ ନାହିଁ । ସେମାନେ କହିଲେ ଯେ ଫଳ ଉତ୍ପାଦନର ୧୫ ଦିନ ମଧ୍ୟରେ ଯଦି କନ୍ଦମୂଳ ବିକ୍ରି ନହେବ ତେବେ ସାର ଦିଆଯାଇଥିବା କନ୍ଦମୂଳ ସବୁ ପଚି ଯିବ । ଏଣୁ ବାଡ଼ି ପଟରେ ଥିଲେ ମଧ୍ୟ ସାର ଗଛରେ ଦେବା ପାଇଁ ତାଙ୍କୁ ବାଧ୍ୟ କରାଗଲା ନାହିଁ । ଏକ ଜଳସେଚନ ପ୍ରକଳ୍ପରେ ଗ୍ରାମବାସୀମାନେ ଭଙ୍ଗା ପଥର (Rubble) ବ୍ୟବହାରକୁ ବିରୋଧ କରି ମାଙ୍କଡ଼ା ପଥର (Laterite)ରେ ବାନ୍ଧିବାକୁ ଅନୁରୋଧ କଲେ । ସେମାନଙ୍କ ମତକୁ ସମ୍ମାନ ଦିଆଗଲା ଏବଂ ମାଙ୍କଡ଼ା ପଥରରେ ବନ୍ଧ ବନ୍ଧାଗଲା । ଏହାଦ୍ୱାରା ସ୍ଥାନୀୟ ଉପାଦାନରେ ବ୍ୟବହାର ମଧ୍ୟ ହୋଇପାରିଲା । ଗୋଷ୍ଠୀକୁ ପରିଚାଳନାରେ ଜଡ଼ିତ କରାଇ କର୍ମଚାରୀମାନେ ଯଦି ଉତ୍ପ୍ରେରକ (Catalyst)ର କାର୍ଯ୍ୟ ସମ୍ପାଦନ କରିବେ, ତେବେ ପ୍ରତ୍ୟେକ ପ୍ରକଳ୍ପକୁ ଗୋଷ୍ଠୀ ନିଜର ବୋଲି ଭାବି ତାହାର ସମସ୍ତ ଦାୟିତ୍ୱ ବହନ କରିବେ । ଏହାଦ୍ୱାରା ଦୋବବଣ୍ଟା ସାହାଯ୍ୟ (Charity oriented) ପରିକଳ୍ପନାଗୁଡ଼ିକର ମୂଳପୋଛ ହୋଇ ପାରିବ । ଲୋକମାନଙ୍କର କର୍ମଚାରୀଙ୍କ ଉପରେ ନିର୍ଭର କରିବା ମଧ୍ୟ ଆପେ ଆପେ କମିଯିବ ।

ଆଦିବାସୀମାନେ ମାଟି ମା' ବୋଲି ଭାବି ପୂଜା କରନ୍ତି । ପ୍ରତ୍ୟେକ ଚାଷ ପୂର୍ବରୁ ଏବଂ ଚାଷର ବିଭିନ୍ନ ସ୍ତରରେ ସେମାନେ ପୂଜାର ଆୟୋଜନ କରିଥାନ୍ତି । ଦେଖାଯାଉଛି — ଭୂମି ଭିତ୍ତିକ ଯୋଜନାଗୁଡ଼ିକୁ ସେମାନେ ଖୁବ୍ ଶୀଘ୍ର ଏବଂ ସହଜରେ ଗ୍ରହଣ କରୁଛନ୍ତି । ସେମାନଙ୍କ ସହିତ ଆଲୋଚନା କରିବା ସମୟରେ ପ୍ରଥମେ ଜମିକୁ ଜଳ ଯୋଗାଣ ପାଇଁ ଦାବୀ ଉପସ୍ଥାପନା କରନ୍ତି । ଜଳର ଉତ୍ସ କେଉଁଠି ଓ କିପରି ଭାବରେ ତାକୁ ରୋକାଯିବ ସେମାନେ ତାଙ୍କ ନିଜଆଡୁ ପ୍ରକାଶ କରନ୍ତି । ବହୁତ ଜାଗାରେ ସଂପରୀକ୍ଷା (Survey)ର ଦରକାର ମଧ୍ୟ ପଡ଼େ ନାହିଁ । କାରଣ ସେହି ଉତ୍ସଗୁଡ଼ିକରେ ଗଛର ଗଣ୍ଡି ଓ ପଥର ପକାଇ ବହୁତ କଷ୍ଟରେ ଅସ୍ଥାୟୀ ବନ୍ଧମାନ ବାନ୍ଧି ଜଳସେଚନ କରିଥାନ୍ତି । ଅଧିକ ବର୍ଷାରେ ତାହା ବାରମ୍ବାର ଧୋଇଯାଏ ଏବଂ ଚାଷୀମାନେ କ୍ଷତିଗ୍ରସ୍ତ ହୁଅନ୍ତି । ଏଣୁ ସ୍ଥାୟୀ ବନ୍ଧ ପାଇଁ ଅନୁରୋଧ କରନ୍ତି । ସ୍ଥାୟୀ ବନ୍ଧ କରି ଜଳସେଚନରେ ସୁବିଧା କରିଦେଲେ ତାଙ୍କର ଆଉ କିଛି ଦରକାର ନାହିଁ ବୋଲି ପ୍ରକାଶ କରନ୍ତି । କୃଷି କାର୍ଯ୍ୟରେ ଶାରୀରିକ ଶ୍ରମ ଦରକାର ପଡ଼ିଥାଏ । ସେମାନେ ଖୁବ୍ ପରିଶ୍ରମୀ । ଏଣୁ ଜମିକୁ ଜଳ ଯୋଗାଇ ଦିଆଗଲେ ସେମାନେ ନିଜ ପରିଶ୍ରମ ବଳରେ ଏକରୁ ଅଧିକ ଫସଲ ଉପୁଜାଇ ନିଜର ତଥା ରାଜ୍ୟର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆଣିପାରିବେ । କୃଷି, ଫଳ ଏବଂ ପନିପରିବା ଚାଷ, ସବାଇ ଘାସ, ମାଛ ଚାଷ ଏବଂ ଅନ୍ୟାନ୍ୟ ଭୂମି ଭିତ୍ତିକ ଯୋଜନାଗୁଡ଼ିକୁ ଆନନ୍ଦର ସହ ଗ୍ରହଣ କରନ୍ତି । ଏହି ସବୁ ଚାଷ ଓ ଜଳସେଚନର ସୁବିଧା ପାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ କିପରି ଚାଷୀମାନଙ୍କୁ ଜଡ଼ିତ କରାଯାଉଛି ତାହା ନିମ୍ନରେ ବର୍ଣ୍ଣନା କରାଗଲା ।

### ଜଳସେଚନ :

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକ ସାଧାରଣତଃ ସମତଳ ନଥାଇ ଢାଲୁ ହୋଇଥାଏ । ଜଙ୍ଗଲ ଏବଂ ପାହାଡ଼ମାନଙ୍କରୁ ବାହାରିଥିବା ଛୋଟ ଛୋଟ ଝରଣା ଏବଂ ନାଳର ପାଣି ଢାଲୁ ଅଞ୍ଚଳରୁ ସମତଳ ଅଞ୍ଚଳକୁ ବହିଯାଏ । ଏହା ଉପର ମୁଣ୍ଡରେ ମୃତ୍ତିକା କ୍ଷୟ କରାଇ ତଳ ମୁଣ୍ଡରେ ବନ୍ୟା କରାଏ । ଅଧିକ ବର୍ଷା

ହୋଇ କୂଳ ପ୍ଲାବିତ ହେଲେ ଆସେ ବନ୍ୟା ଏବଂ ବର୍ଷା ନହେଲେ ମରୁଡ଼ିର ଆଶଙ୍କା ଦେଉ । ସମୟେ ସମୟେ ଆମେମାନେ ମରୁଡ଼ିର ପ୍ରତିରୋଧ କରିବାରେ ବ୍ୟସ୍ତ ଥିଲାବେଳେ ଠିକ୍ ୨୪ ଘଣ୍ଟା ମଧ୍ୟରେ ବନ୍ୟାର ମୁକାବିଲା କରିବାକୁ ଲାଗିପଡୁ । ଉତ୍ତମ ଭାବେ ଜଳ ପରିଚାଳନାରେ ବିଫଳ ହେବା ହିଁ ଏହାର କାରଣ । ନଦୀ କିମ୍ବା ନାଳର ଉପର ମୁଣ୍ଡରେ ଠାଏ ଠାଏ ଛୋଟ ଛୋଟ ବନ୍ଧ କମ୍ ପଇସା ଖର୍ଚ୍ଚ କରି କରାଯାଇ ପାରିବ । ଏହାର ଜଳକୁ ଅଟକାଇ କେନାଲ ସାହାଯ୍ୟରେ ଉଭୟ ପାର୍ଶ୍ୱରେ ଜଳସେଚନ ବ୍ୟବହାର କରାଯାଇ ପାରିବ । ଗୋଟିଏ ଗୋଟିଏ ଉତ୍ସରେ ଏକରୁ ଅଧିକ ବନ୍ଧମାନ ପକାଯାଇ ଜଳସେଚନ ସହିତ ତଳ ମୁଣ୍ଡରେ ବନ୍ୟାକୁ ରୋଧ କରାଯାଇ ପାରିବ । ଉଦାହରଣ ସ୍ୱରୂପ ଏହି ଆଇ. ଟି. ଡି. ଏ.ର ଉଦଲା ବ୍ଲକ୍‌ରେ ନୁଆଣି ନାଳକୁ ଚାରୋଟି ସ୍ଥାନରେ ବନ୍ଧାଯାଇ ଏହାର ଜଳକୁ ଜଳସେଚନରେ ଲଗାଯାଉଛି ।

ଆଦିବାସୀମାନଙ୍କ ଜମିରେ ସଂସ୍ଥା ତରଫରୁ ଜଳସେଚନ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି । ଏହା ଫଳରେ ସେମାନେ ଏକରୁ ଅଧିକ ଫସଲ ଏକ ନିର୍ଦ୍ଦିଷ୍ଟ ଜମିରୁ ଉତ୍ପାଦନ କରିପାରିବେ । ନିଜର ଶ୍ରମ ବଳରେ ଜଳସେଚନର ସୁଯୋଗ ନେଇ ନିଜର ଆର୍ଥିକ ମାନଦଣ୍ଡକୁ ବୃଦ୍ଧି କରିପାରିବେ । ଜଳ ପାଇଲା ମାତ୍ରେ ହିଁ କାହାର ସାହାଯ୍ୟ ନନେଇ ଚାଷ କାମରେ ଲାଗି ପଡ଼ିବେ । ଏହି ସଂସ୍ଥା ମାଧ୍ୟମରେ ପୂର୍ବରୁ ୪ଟି ଜଳସେଚନ ଯୋଜନା ସମ୍ପୂର୍ଣ୍ଣ କରାଯାଇଛି ଏବଂ ଭବିଷ୍ୟତରେ ହେବା ପାଇଁ ୨ଟି ପ୍ରକଳ୍ପର ଚିହ୍ନଟ ସରିଛି ।

ଯେଉଁଠାରେ ପ୍ରବାହ ଜଳସେଚନ (Flow Irigation)ର ସୁବିଧା କରାଯାଇ ପାରେନାହିଁ ସେଠାକାର ନଦୀ ଓ ନାଳରେ ଯଦି ବର୍ଷ ସାରା ପାଣି ବହୁଥାଏ, ତେବେ ଉତ୍ଥାନ ବା ଉଠା ଜଳସେଚନ (Lift Irrigation) ଯୋଜନା ମାଧ୍ୟମରେ ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦିଆଯାଇଥାଏ । ପୂର୍ବରୁ ଏହି ସବୁ ଯୋଜନା ପାଇଁ ଆଦିବାସୀ ସଂସ୍ଥାରୁ ଅର୍ଥ ନେଇ ରାଜ୍ୟ କୃଷି ଶିଳ୍ପ ନିଗମ ଓ ଉଠା ଜଳସେଚନ ନିଗମର କର୍ମଚାରୀମାନେ କାମ କରୁଥିଲେ । ବର୍ତ୍ତମାନ କିନ୍ତୁ ଚାଷୀ ଭାଇମାନେ ଜଳସେଚନ ସମିତି ଗଢ଼ି ସମିତି ଜରିଆରେ କାମ କରିବାକୁ ଆଗଭର ହୋଇ ବାହାରିଲେଣି ।

ଆଦିବାସୀ ଚାଷୀମାନଙ୍କୁ ମଧ୍ୟ ନିଜ ଜମିରେ ବନ୍ଧ, ପୋଖରୀ, ନାଳ, ନଦୀ କିମ୍ବା ନିଜର କୂପରୁ ପାଣି ଉଠାଇ ଜଳସେଚନ ପାଇଁ ବ୍ୟାଙ୍କ୍ ଋଣ ମାଧ୍ୟମରେ ଡିଜେଲ୍ କିମ୍ବା ବିଦ୍ୟୁତ୍ ମଟର ପମ୍ପସେଟ୍‌ମାନ ଯୋଗାଇ ଦିଆଯାଉଛି । ଏ ବାବଦ ସମ୍ପୂର୍ଣ୍ଣ ଖର୍ଚ୍ଚର ଅଧା ସଂସ୍ଥା ତରଫରୁ ଅନୁଦାନ ଆକାରରେ ଯୋଗାଇ ଦିଆଯାଇଥାଏ । ଅବଶିଷ୍ଟ ଅଧା ଦାମ୍ ଚାଷୀଙ୍କୁ ୫ ବର୍ଷ ମଧ୍ୟରେ ସୁଝିବାକୁ ପଡ଼ିଥାଏ । ନିଜ ବ୍ଲକ୍‌ର ବି. ଡି. ଓ.ଙ୍କ ଦ୍ୱାରା ଚାଷୀ ଚିହ୍ନଟଠାରୁ ଆରମ୍ଭ କରି ପମ୍ପସେଟ୍ କିଣି ଦିଆଯିବା ଯାଏ ଏ କାର୍ଯ୍ୟ କରାଯାଇଥାଏ ।

## କୃଷିର ଉନ୍ନତି :

ବ୍ଲକ୍ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଚିହ୍ନଟ କରାଯାଇଥିବା ପ୍ରତ୍ୟେକ ଆଦିବାସୀ ପରିବାରଙ୍କୁ ସୁବିଧା ସୁଯୋଗ ମିଳେ । କୃଷିର ଉନ୍ନତି ନିମନ୍ତେ ଅଧିକ ଅମଳକ୍ଷମ ବିହନ, ସାର, ପୋକମରା ଔଷଧ ଇତ୍ୟାଦି ମାଗଣାରେ ପ୍ରତି ପରିବାର ପିଛା ଏକ ଏକର ପାଇଁ ୫୦୦ ଟଙ୍କା ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଥାଏ । ସେମାନେ ଏହି ଅନୁଦାନ ସହିତ ନିଜର ଶ୍ରମ ଦାନ କରି ନିଜେ ନିଜର ଜମିରୁ ଅଧିକ ଅମଳକ୍ଷମ ଫସଲ ଉତ୍ପନ୍ନ କରିଥାଆନ୍ତି । ବ୍ଲକ୍‌ରେ ଥିବା କୃଷି ବିଭାଗର କର୍ମଚାରୀଙ୍କ ଜରିଆରେ ସେମାନଙ୍କୁ ବୈଷୟିକ ତାଲିମ ଦିଆଯାଇଥାଏ । ଯେଉଁ ଗ୍ରାମଗୁଡ଼ିକରେ ଆଦିବାସୀ ଚାଷୀମାନେ ମିଳିମିଶି ଗୋଟିଏ ଚକରେ ଏକାଦିକ୍ରମେ ୩୦ ଏକରରୁ ବେଶୀ ଜମିରେ ଚାଷ କରିବା ପାଇଁ ଇଚ୍ଛୁକ ଥାଆନ୍ତି ସେହି ଗ୍ରାମଗୁଡ଼ିକରେ ଏହା କାର୍ଯ୍ୟକାରୀ କରାଯାଇଥାଏ । ଏହା ଉଭୟ ଜଳସେଚିତ ଏବଂ ଅଣ ଜଳସେଚିତ ଜମି ପାଇଁ ମଧ୍ୟ ପ୍ରଯୁଜ୍ୟ । ପର୍ଯ୍ୟାୟକ୍ରମେ ଚାଷ (Crop Rotation) ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଚାଷୀଙ୍କ ମନରେ ଆଗ୍ରହ ସୃଷ୍ଟି କରାଯାଏ । ଧାନ ବଦଳରେ ତୈଳବୀଜ ଯଥା–ଚିନାବାଦାମ, ସୋରିଷ ଇତ୍ୟାଦି ଅର୍ଥକାରୀ ଚାଷ କରିବା ପାଇଁ ଅନୁଦାନ ପ୍ରଦର୍ଶନ ମାଧ୍ୟମରେ ଯୋଗାଇ ଦିଆଯାଇଥାଏ । ଏହା ମଧ୍ୟ ସଫଳ ହୋଇଛି । ଗତ ୧୯୯୧–୯୨ ଆର୍ଥିକ ବର୍ଷରେ ଧାନ ପରିବର୍ତ୍ତେ ଚାଷୀମାନେ ୧,୦୦୦ ଟନ୍ ଚିନାବାଦାମ କଣ୍ଟିପଦା ଆଦିବାସୀ ସମନ୍ୱିତ ଅଞ୍ଚଳରେ ଉପୁଯାଇ ପାରିଛନ୍ତି । ଅଧିକ ଜମିରେ ଚିନାବାଦାମ କରିବା ପାଇଁ ମଧ୍ୟ ସେମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି । ଅଧିକ ଅମଳକ୍ଷମ ଧାନ ଏବଂ ଅନ୍ୟାନ୍ୟ କୃଷିଜାତ ପଦାର୍ଥ ଉତ୍ପାଦନ ପରେ ତାହାର କେତେକାଂଶକୁ ଭବିଷ୍ୟତରେ ବୀଜ ରୂପେ ବ୍ୟବହାର କରିବା ପାଇଁ କୃଷି ବିଭାଗ ତରଫରୁ ପରାମର୍ଶ ଦିଆଯାଇଥାଏ ।

ଆଦିବାସୀ ଚାଷୀଙ୍କର ନିଜ ଜମିରେ ଉନ୍ନତ କିସମର ଫଳ ବୃକ୍ଷ ଯଥା–କଦଳୀ, ଆମ୍ବ, ଲେମ୍ବୁ, ପଣସ, ପିଜୁଳି, ନଡ଼ିଆ ଇତ୍ୟାଦି ଫଳ ଗଛର ଚାରା, ସାର, ପୋକମରା ଔଷଧ ପ୍ରଭୃତି ଅନୁଦାନ ଆକାରରେ ମଧ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଚାଷୀ ଭାଇମାନେ ବାଡ଼ ଦେବା, ଗାତ ଖୋଳିବା, କମ୍ପୋଷ୍ଟ ଖାତ କରିବା, ଜଳସେଚନର ବ୍ୟବସ୍ଥା କରିବା ଏବଂ ରକ୍ଷଣାବେକ୍ଷଣ କରିବାର ଦାୟିତ୍ୱ ନିଜେ ଗ୍ରହଣ କରନ୍ତି । ଗଛରେ ଫଳ ଆସିବା ପର୍ଯ୍ୟନ୍ତ ଯେଉଁ ପରିମାଣର ସାର ଓ ଔଷଧ ଦରକାର ହୁଏ ତାହା ସଂସ୍ଥା ମାଧ୍ୟମରେ ଯୋଗାଇ ଦିଆଯାଏ । ଫଳ ଚାଷ ପାଇଁ ବୈଷୟିକ ଜ୍ଞାନ ଉଦ୍ୟାନବିତ୍ ଦିଅନ୍ତି । ଫଳ ଗଛ ଲଗାଇବାର ଏକ ବର୍ଷ ପର୍ଯ୍ୟନ୍ତ ଗଛ ମଧ୍ୟରେ ଥିବା ଫାଙ୍କା ସ୍ଥାନଗୁଡ଼ିକରେ ପନିପରିବା ଚାଷ କରିବା ପାଇଁ ସଂସ୍ଥା ମଧ୍ୟରୁ ମଧ୍ୟ ୫୦୦ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଯୋଗାଇ ଦିଆଯାଇଥାଏ । ଯେଉଁ ଗ୍ରାମର ଆଦିବାସୀ ଚାଷୀମାନେ ମିଳିମିଶି ଏକାଦିକ୍ରମେ ୧୦ ଏକରରୁ ବେଶୀ ଜମି ଗୋଟିଏ ଚକରେ ଫଳ ଚାଷ ପାଇଁ ନିଯୋଜନ କରନ୍ତି, ସେହି ଗ୍ରାମରେ ଏହା କରାଯାଏ । ତାହାଛଡ଼ା ଜଳସେଚନର ସୁବିଧା ନଥିଲେ ଏ ଚାଷ ହୋଇପାରେ ନାହିଁ । ଚାଷର ମୂଳରୁ ଶେଷ ପର୍ଯ୍ୟନ୍ତ ଚାଷୀ ନିଜେ ଶ୍ରମ ଦାନ କରି ନିଜକୁ ସମ୍ପୃକ୍ତ କରେ । ସରକାରୀ କର୍ମଚାରୀମାନେ କେବଳ ବୈଷୟିକ ଜ୍ଞାନ, ଉନ୍ନତ ବିହନ, ଚାରା, ସାର ଓ ଔଷଧ ଯୋଗାଇ ଦିଅନ୍ତି । ଚାଷୀ ନିଜେ

ଶ୍ରମ ଦେବା ଦ୍ୱାରା ବ୍ୟାଙ୍କରୁ ଋଣ ଆଣିବାକୁ ପଡେ ନାହିଁ । ଉଦାହରଣ ସ୍ୱରୂପ ଏକ ଏକରରେ କଦଳୀ ଚାଷ ପାଇଁ ୧୧,୦୦୦ ଟଙ୍କା ଖର୍ଚ୍ଚ ହୁଏ । ଚାଷୀ ୬,୦୦୦ ଟଙ୍କା ନିଜେ ନିଜର ଶ୍ରମ, ଜମି ପ୍ରସ୍ତୁତିକରଣ, ଜଳସେଚନ, ବାଡ ଦେବା ଓ କମ୍ପୋଷ୍ଟ ଖତ ଦେବା ବାବଦ ଦେଇଥାଏ ଓ ସଂସ୍ଥା ତରଫରୁ ଅବଶିଷ୍ଟ ୫,୦୦୦ ଟଙ୍କା ବାବଦକୁ ଉତ୍କୃଷ୍ଟ କଦଳୀ ପୁଅ, ସାର ଓ ଔଷଧ ଦିଆଯାଇଥାଏ । ଯେଉଁ ଚାଷୀମାନେ ଶ୍ରମ ଦାନ ସହିତ ନିଜେ ଯୋଜନାରେ ମନରୁ ସମ୍ପୃକ୍ତ ହେବାକୁ ଆଗେଇ ଆସନ୍ତି ସେମାନଙ୍କୁ ତାଙ୍କ ମନ ମୁତାବକ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଏ । ଏହି ଚିତ୍ରଡା ପଞ୍ଚାୟତରେ ପାଣେଇ ଗ୍ରାମର ଜଣେ କଦଳୀ ଚାଷୀ ଶ୍ରୀ ଚିନ୍ତାମଣି ନାଏକ ୧୯୯୮-୯୯ରେ କଦଳୀ ଚାଷରୁ ୪୦,୦୦୦ ଟଙ୍କା ପାଇଛନ୍ତି । ଗ୍ରାମ ସଭାଗୁଡ଼ିକରେ ପ୍ରଥମେ ଚାଷୀମାନଙ୍କୁ କଦଳୀ ଚାଷର ଲାଭ ସମ୍ପର୍କରେ ବୁଝାଇ ଦିଆଯାଇଥାଏ । ପରେ ସେମାନଙ୍କୁ ଶ୍ରୀ ନାଏକଙ୍କ କଦଳୀ ବାଡ଼ିକୁ ନେଇ କଦଳୀ ଚାଷ କିପରି ହୋଇଛି ଦେଖାଇ ଦିଆଯାଏ । ସେମାନେ ନିଜ ଆଖିରେ ଦେଖନ୍ତି ଓ କଦଳୀ କରିଥିବା ଚାଷୀ ସହିତ ଭଲ ମନ୍ଦ ବିଚାର କରନ୍ତି । କର୍ମଚାରୀମାନେ କେବଳ ନୀରବଦ୍ରଷ୍ଟା ସାଜନ୍ତି । ଯେଉଁ ଚାଷୀଙ୍କ ମନକୁ ପାଏ ସେ ତା'ପରେ କଦଳୀ ଚାଷ କରିବାକୁ ଇଚ୍ଛା କରନ୍ତି ।

ସେହିପରି ନିଜ ବାଡ଼ି ବଗିଚାରେ ବିଭିନ୍ନ ପନିପରିବା ଚାଷ କିପରି ଅଧିକ ଉପାର୍ଜନ କରିବା ପାଇଁ ପ୍ରଦର୍ଶନୀ ମାଧ୍ୟମରେ ଜଣ ପିଛା ୫୦୦ ଟଙ୍କା ପର୍ଯ୍ୟନ୍ତ ସାହାଯ୍ୟ ଦିଆଯାଇଥାଏ । ଏଥିପାଇଁ ଆଗ୍ରହୀ ଚାଷୀମାନଙ୍କୁ ଉତ୍କୃଷ୍ଟ ଧରଣର ବିହନ, ସାର, ପୋକମରା ଔଷଧ ଉଦ୍ୟାନବିତ୍‌ଙ୍କ ମାଧ୍ୟମରେ ଯୋଗାଇ ଦିଆଯାଏ ।

ମାଛ ଚାଷ ମାଧ୍ୟମରେ ଆଦିବାସୀମାନଙ୍କର ଅର୍ଥନୈତିକ ପରିସ୍ଥିତି ପାଇଁ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ଯେଉଁ ଆଦିବାସୀମାନଙ୍କର ଜମି ଖାଲୁଆ ଅଞ୍ଚଳରେ ଅବସ୍ଥିତ ଏବଂ ସେଥିରେ ବର୍ଷର ଅଧିକାଂଶ ମାସଗୁଡ଼ିକରେ ପାଣି ଜମି ରହିଥାଏ କିମ୍ବା ଜମିର ଉପର ମୁଣ୍ଡ ଦେଇ କେନାଲ ଯାଇଥାଏ, ସେହି ଜମି ଅତି କମ୍‌ରେ ଅଧ ଏକରାଗୁଡ଼ିକୁ ସେମାନେ ନିଜର ଶ୍ରମ ସହିତ ସଂସ୍ଥାର ଅନୁଦାନ ମିଶାଇ ନିଜେ ପୋଖରୀରେ ପରିଣତ କରନ୍ତି । ଏ ସବୁ କାମ ଠିକାଦାରଙ୍କ ମାଧ୍ୟମରେ କରାଯାଏ ନାହିଁ । ବ୍ଲକ୍‌ରେ ଥିବା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ବୈଷୟିକ ଜ୍ଞାନ ଦିଅନ୍ତି । ପୋଖରୀ ତିଆରି ସରିବା ପରେ ବର୍ଷା ଋତୁ ଆରମ୍ଭରେ ଉନ୍ନତ ମାଛ ବିହନ, ସାର ଓ ଖାଦ୍ୟ ସଂସ୍ଥା ତରଫରୁ ଯୋଗାଇ ଦିଆଯାଏ । ବିନା ବ୍ୟାଙ୍କ୍ ଋଣରେ କେବଳ ସରକାରଙ୍କ ଅନୁଦାନ ଓ ଚାଷୀର ଶ୍ରମ ଦାନ ମିଶାଇ ଏ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏପରି ଉଦ୍ଦେଶ୍ୟ ଯେ ନିଜେ ଯଦି ଚାଷ କାର୍ଯ୍ୟର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିଜକୁ ନିୟୋଜନ କରେ ତେବେ ଯୋଜନାଟି ସଫଳ ହୋଇପାରିବ । ବ୍ୟାଙ୍କ୍ ଋଣ ବାବଦକୁ ଚାଷୀ ଏବଂ ଅନ୍ୟାନ୍ୟ ସ୍ୱଳ୍ପ ମୂଲ୍ୟ ଥିବା ଆନୁଷଙ୍ଗିକ ପଦାର୍ଥମାନ ଯୋଗାଇ ଥାଆନ୍ତି । ଏହାଛଡ଼ା ବଡ଼ ବଡ଼ ଜଳଭଣ୍ଡାରଗୁଡ଼ିକରେ ଆଦିବାସୀମାନଙ୍କୁ ମତ୍ସ୍ୟ ଚାଷ ସମବାୟ ସମିତିରେ ସଦସ୍ୟଭୁକ୍ତ କରାଯାଇ ମାଛ ଧରି ଜୀବିକା ନିର୍ବାହ ପାଇଁ କେବଳ ମାଛଧରା ଜାଲ ଯୋଗାଇ ଦିଆଯାଇଥାଏ । ସାହାଯ୍ୟ ଯୋଗାଇବା ପୂର୍ବରୁ ସେ ପହଁରା ଶିଖିଛି କି ନାହିଁ, ଡଙ୍ଗା ବାହି ପାରୁଛି କି ନାହିଁ ଇତ୍ୟାଦି ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀଙ୍କ ଦ୍ୱାରା ପରୀକ୍ଷା କରାଯାଏ । ଯେଉଁ ଆଗ୍ରହୀ ମାଛ ଚାଷୀ ନିଜେ ଓ ନିଜର ପରିବାରର ଶ୍ରମ ଦାନ ଦ୍ୱାରା ଡଙ୍ଗାଟିଏ ବ୍ୟବସ୍ଥା କରେ ସେହି ସ୍ଥଳରେ ସଂସ୍ଥା ତରଫରୁ ଜାଲ ଯୋଗାଇ ଦିଆଯାଏ । ଏଣୁ ବ୍ୟାଙ୍କ୍ ଋଣ ଆଣିବାକୁ ପଡ଼ିନଥାଏ ।

ଉନ୍ନତ ଆଦିବାସୀ ଚାଷୀଙ୍କ ଅଧୀନରେ ଜମି ଥିଲେ ମଧ୍ୟ ଜମିକୁ ସେମାନେ ପଇସାଭାବରୁ ଚାଷୋପଯୋଗୀ କରିପାରି ନଥାନ୍ତି । ଅତି କମ୍‌ରେ ଏକ ସ୍ଥାନରେ ୫୦ ଏକର କିମ୍ବା ତଦୂର୍ଦ୍ଧ୍ୱ ଜମିକୁ ଗୋଟିଏ କରି ଚିହ୍ନ ପକାଇବାକୁ ଥିଲେ ତାହା ସଂରକ୍ଷଣ କର୍ମଚାରୀଙ୍କ ଦ୍ୱାରା ଚିହ୍ନିତ କରାଯାଇ କାମ ଆରମ୍ଭ କରାଯାଏ । ଏହି ଜମିର ଉନ୍ନତି ପରେ ଯେଉଁ ଫସଲ କରାଗଲେ ଚାଷୀର ଲାଭ ହେବ ତାହା ବି କରାଯାଏ । ଯେଉଁ ଜମିଗୁଡ଼ିକରେ ଜଳସେଚନର ବ୍ୟବସ୍ଥା ନଥାଏ ଏବଂ ତାହା କୃଷି କିମ୍ବା ଫଳ ଚାଷ ଅନୁପଯୋଗୀ ହୋଇଥାଏ, ସେହି ଜମିଗୁଡ଼ିକରେ ସଂସ୍ଥା ତରଫରୁ ସବାଇ ଘାସ ଚାଷ କରାଯାଏ । ସବାଇ ଘାସ ଚାଷ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇ ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିପାରିଛି । ସମଗ୍ର କପିପଦା ଉପଖଣ୍ଡରେ ୧୯୯୭-୯୮ ବର୍ଷରେ ପ୍ରଥମ ଥର ପାଇଁ ୨୦ ଜଣଙ୍କ ଜମିରେ ତୁତ (Mulber) ଚାଷ କରାଯିବା ପାଇଁ ମଧ୍ୟ ଠିକ୍ କରାଯାଇଛି । ଏହା ଯଦି ସଫଳ ହୁଏ, ତେବେ ଅଧିକ ବ୍ୟକ୍ତିଙ୍କୁ ଏହା ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯିବ ।

---

ପ୍ରତିନିଧି, ମାତୃଭାଷା,
କ୍ୱାର୍ଟର୍ ନଂ-୨ ଆର୍. ବି. ଏ.,
ୟୁନିଟ୍-୩, ଭୁବନେଶ୍ୱର ।

# ଅମର କବି ଶ୍ରୀଜୟଦେବ

* ଶ୍ରୀମତୀ ଶରତ କୁମାରୀ ମହାନ୍ତି

ଓଡ଼ିଶାର ବଡ଼ ଠାକୁର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କଠାରେ ଶ୍ରୀ ରାଧାକୃଷ୍ଣଙ୍କ ଆରୋପର ପରମ୍ପରା " ଜଗନ୍ନାଥାଷ୍ଟକରୁ ଆରମ୍ଭ ହୋଇଥିଲେ ମଧ୍ୟ ପ୍ରଥମକରି ଶ୍ରୀଜଗନ୍ନାଥଙ୍କୁ ରାଧାମାଧବଙ୍କ ଯୁଗ୍ମ ବିଗ୍ରହ ତଥା ଦଶାବତାର ରୂପରେ ଚିନ୍ତାକରି ଓ ଏହି ଭାବଧାରାର ପରିପ୍ରକାଶ ସଂସ୍କୃତ ଭାଷାରେ ଗୀତ ଗୋବିନ୍ଦ ରଚନା ମାଧ୍ୟମରେ କରି କବି ଜୟଦେବ ଜନ ମାନସରେ ଅମର ହୋଇ ପାରିଛନ୍ତି । ଗୀତ ଗୋବିନ୍ଦ ଭକ୍ତକବି ଜୟଦେବଙ୍କର ଏକ ଅନବଦ୍ୟ ସୃଷ୍ଟି । ସଂସ୍କୃତ ଭାଷାରେ ବ୍ୟୁତ୍ପତି ଲାଭ କରିଥିବା ବିଶ୍ୱ ବିଖ୍ୟାତ କବି କାଳିଦାସ, ଭବଭୂତି, ଶ୍ରୀହର୍ଷ, ମାଘଙ୍କ ପରି କବି ଜୟଦେବ ଗୀତ ଗୋବିନ୍ଦ ପାଇଁ ସୁପ୍ରସିଦ୍ଧ । ଅତି ମନୋରମ ରଚନା ଶୈଳୀ ଓ ଭାଷାବିନ୍ୟାସ ହିଁ ତାଙ୍କ ରଚନାର ଅଦ୍ଭୁତ ପରାକାଷ୍ଠା । ଓଡ଼ିଆ ଜାତିର ସଂସ୍କୃତି ଓ ଭାଷା ବହୁ ପ୍ରାଚୀନ । ଯେ କୌଣସି ଜାତିର ପ୍ରଧାନ ଅଭିମାନ ହେଉଛି ତା'ର ଭାଷା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, କଳା ଓ ସଂସ୍କୃତି । ଏ ସବୁ ନଥିଲେ କେବଳ ଭୌତିକ ଐଶ୍ୱର୍ଯ୍ୟ ଦ୍ୱାରା କୌଣସି ଜାତିର ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇ ନଥାଏ । କବି ଜୟଦେବଙ୍କ ଗୀତଗୋବିନ୍ଦ ଓଡ଼ିଶାର ପ୍ରାଚୀନ କଳା, ସଙ୍ଗୀତ ଓ ଭାସ୍କର୍ଯ୍ୟ ମଧ୍ୟରେ ଥିବା ସାମଞ୍ଜସ୍ୟର ପ୍ରତୀକ । ଏହା ଯୁଗ ଯୁଗଧରି ଓଡ଼ିଶାର ପ୍ରସ୍ତର ଗାତ୍ରରେ ଖୋଦିତ, ପ୍ରାଚୀନ ବସ୍ତ୍ରରେ ମୁଦ୍ରିତ ଓ ଓଡ଼ିଶୀ ସଙ୍ଗୀତ ମଧ୍ୟରେ ପ୍ରସ୍ଫୁଟିତ । ଯେତେବେଳେ ଆମେ ସେହି ଯୋଗଜନ୍ମା ମନୀଷୀଙ୍କୁ ସ୍ମରଣ କରୁ ସେତେବେଳେ ତାଙ୍କ ସମ୍ବନ୍ଧରେ ଜାଣିବାକୁ ମନ ବ୍ୟାକୁଳ ହୋଇଉଠେ । ହେଲେ ସେହି ଶ୍ରୀଜଗନ୍ନାଥଙ୍କ ସେବାରେ ଆତ୍ମ ନିୟୋଗ କରିଥିବା କାନ୍ତ କୋମଳ ପଦାବଳୀ ବିଶିଷ୍ଟ ଗୀତଗୋବିନ୍ଦର କବି ଜୟଦେବ ନିଜ ସମ୍ବନ୍ଧରେ ତାଙ୍କ ରଚନା ମାଧ୍ୟମରେ କୌଣସି ସ୍ଥାନରେ କିଛି ପରିଚୟ ଦେଇ ନାହାନ୍ତି । ତେବେ ବହୁ ଗବେଷଣା ପରେ ଜଣାପଡ଼ିଛି ଯେ କବି ଜୟଦେବ ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ର ନିକଟସ୍ଥ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଭୋଜଦେବ ଓ ମା'ଙ୍କ ନାମ ରାମାଦେବୀ । ମାତ୍ର ୧୧ ବର୍ଷ ବୟସରେ ସେ ପିତୃ ମାତୃ ହରା ହୋଇ ପଡ଼ିଥିଲେ । ବାଲ୍ୟାବସ୍ଥାରେ ସଂସ୍କୃତ ଭାଷା ତଥା କାବ୍ୟ, ସାହିତ୍ୟ, ବ୍ୟାକରଣ, ଜ୍ୟୋତିଷ ଶାସ୍ତ୍ର ଇତ୍ୟାଦି ବିଭିନ୍ନ ଶାସ୍ତ୍ରରେ ସେ ପାଣ୍ଡିତ୍ୟ ଲାଭ କରିଥିଲେ । ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ପିତା ଭୋଜଦେବ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେହି ଗ୍ରାମର ଜଣେ ଗ୍ରାମବାସୀଙ୍କଠାରୁ କିଛି ଅର୍ଥ ଋଣ ଆକାରରେ ଆଣିଥିଲେ । ଋଣ ପରିଶୋଧ କରି ନ ପାରିଲେ ତା' ପରିବର୍ତ୍ତେ ନିଜେ ରହୁଥିବା ଗୃହ ଖଣ୍ଡିକ ତାଙ୍କୁ ଦେବା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ । ପୂର୍ବ ଚୁକ୍ତି ଅନୁସାରେ ପିତାଙ୍କର ମୃତ୍ୟୁ ପରେ ଉକ୍ତ ଗ୍ରାମବାସୀ ଜୟଦେବଙ୍କ ବାସଗୃହକୁ ଅଧିକାର କରିବାକୁ ଚାହିଁଲେ । ଜୟଦେବ ମଧ୍ୟ ସର୍ତ୍ତ ଅନୁସାରେ ବାସଗୃହ ଛାଡ଼ିଦେଇ ସନ୍ନ୍ୟାସୀ ହୋଇ ଯିବା ପାଇଁ ବାହାରି ଆସିଲେ । ମାତ୍ର ପ୍ରଭୁଙ୍କର ଅପାର କରୁଣାରୁ ଉକ୍ତ ଋଣ ଦାତାଙ୍କର ନିଜର ବାସଗୃହ ହଠାତ୍ ହୁ ହୁ ହୋଇ ଜଳି ଉଠିଲା । ଭକ୍ତ ଜୟଦେବ ବିବ୍ରତ ହୋଇ ସେହି ଜଳୁଥିବା ଘରକୁ ପରିକ୍ରମା କରିବା ମାତ୍ରେ ଅଗ୍ନି ନିର୍ବାପିତ ହୋଇ ଯାଇଥିଲା । ଏହି ଘଟଣାରେ ଗ୍ରାମବାସୀ ଜଣକ ମନରେ ବିରାଟ ପରିବର୍ତ୍ତନ ହୋଇଥିଲା ଏବଂ ସେ ୧୧ ବର୍ଷର ବାଳକ ଜୟଦେବଙ୍କୁ ତାଙ୍କ ନିଜ ବାସଗୃହଟି ଫେରାଇ ଦେଇଥିଲେ । କିନ୍ତୁ ଜୟଦେବ ନିଜ ପ୍ରତିଜ୍ଞାରେ ଅଟଳ ଥିଲେ । ପିତାଙ୍କର ଚୁକ୍ତିକୁ ପୂରଣ କରି ପୁତ୍ରର କର୍ତ୍ତବ୍ୟ ପାଳନ କରିବାକୁ ସେ ଚାହିଁଲେ । ତେଣୁ ସମସ୍ତ ପାର୍ଥିବ ମୋହ ତୁଟାଇ ସେ ସନ୍ନ୍ୟାସୀ ହୋଇ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଯାତ୍ରା କଲେ ।

ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଥମ ପର୍ଯ୍ୟାୟରେ ଶ୍ରୀଜୟଦେବ ଏକ ବୃକ୍ଷ ମୂଳରେ ଓ ପରବର୍ତ୍ତୀ କାଳରେ ଏକ ଛୋଟ କୁଡ଼ିଆ ମଧ୍ୟରେ ରହି ସବୁ ସମୟରେ ଧର୍ମ ଚର୍ଚ୍ଚା ଓ ଠାକୁର ଭଜନ କରି ସମୟ ଅତିବାହିତ କରିବାକୁ ଲାଗିଲେ । କ୍ରମେ ଜୟଦେବ ଯୌବନାବସ୍ଥାରେ ଉପନୀତ ହେଲେ । ସେହି ସମୟରେ ଦେବଶର୍ମା ନାମକ ଜନୈକ ବ୍ରାହ୍ମଣ ନିଜର ପତ୍ନୀ ଓ କନ୍ୟା ସହିତ ଶ୍ରୀକ୍ଷେତ୍ରକୁ ଆସି ପରମାସୁନ୍ଦରୀ କନ୍ୟା ପଦ୍ମାବତୀକୁ ଜଗନ୍ନାଥଙ୍କ ପାଖରେ ସମର୍ପଣ କରିବା ଉଦ୍ଦେଶ୍ୟରେ ପହଞ୍ଚିଥାନ୍ତି । ଜଗନ୍ନାଥଙ୍କୁ କନ୍ୟା ସମର୍ପଣ କରିବା ସମୟରେ ଦେବଶର୍ମାଙ୍କୁ ମହାପ୍ରଭୁଙ୍କର ସ୍ୱପ୍ନାଦିଷ୍ଟ ହେଲା ଯେ "ଦେବଶର୍ମା ! ପଦ୍ମାକୁ ତୁମେ ଜୟଦେବଙ୍କୁ ସମର୍ପଣ କର । ସେ ମୋର ଜଣେ ପରମ ଭକ୍ତ । ପ୍ରାଚୀନଦୀ କୂଳରେ କେନ୍ଦୁଲି ଶାସନରୁ ଆସି ତା'ର ସମସ୍ତ କିଛି ମୋତେ ସମର୍ପଣ କରି ଏଠାରେ ଅଛି । ତା' ମୋ ଭିତରେ କୌଣସି ପ୍ରଭେଦ ନାହିଁ । ତୁ ପଦ୍ମାକୁ ତାକୁ ସମର୍ପଣ କରିବୁ" । ତା'ଆରଦିନ ସକାଳୁ ଦେବଶର୍ମା କନ୍ୟାକୁ ଧରି ଜୟଦେବଙ୍କୁ ଅନ୍ୱେଷଣ କରିବାରେ ଲାଗିପଡ଼ିଲେ । ଉକ୍ତ ସମୟରେ ଜୟଦେବ

ଶ୍ରୀକ୍ଷେତ୍ରରେ ଜଣେ ସାଧାରଣ ଲୋକ ଭାବରେ ରହୁଥିଲେ । ଦେବଶର୍ମା ବହୁ ଅନ୍ୱେଷଣ ପରେ ଶ୍ରୀଜୟଦେବଙ୍କୁ ପାଇଲେ ଏବଂ କନ୍ୟାକୁ ତାଙ୍କୁ ସମର୍ପଣ କରିବା ପାଇଁ ମହାପ୍ରଭୁଙ୍କର ସ୍ୱପ୍ନାଦେଶ ହୋଇଛି ବୋଲି କହିଲେ । ମାତ୍ର ଜୟଦେବ ଏହିପ୍ରସ୍ତାବ ଅସ୍ୱୀକାର କରି କହିଲେ ମୁଁ ମୋ ଘର ଦ୍ୱାର ତ୍ୟାଗ କରି ସନ୍ନ୍ୟାସ ବ୍ରତ ଗ୍ରହଣ କରି ସାରିଛି । ଏ ଅବସ୍ଥାରେ ପଦ୍ମାଙ୍କୁ ଗ୍ରହଣ କରି ସଂସାର କରିବା ମୋ ପକ୍ଷରେ ସମ୍ଭବ ନୁହେଁ ।" ଦେବଶର୍ମା ବହୁ ବୁଝାଇବା ପରେ ବି କିଛି ଫଳ ହେଲାନି । ଶେଷରେ ଦେବାର୍ପିତ କନ୍ୟାକୁ ଶ୍ରୀମନ୍ଦିର ବେଢ଼ା ଭିତରେ ଛାଡ଼ିଦେଇ ପିତା ମାତା ଫେରିଗଲେ । ପଦ୍ମା ମହାପ୍ରଭୁଙ୍କ ଜଣେ ବୃଦ୍ଧ ସେବକଙ୍କ ନିର୍ଦ୍ଦେଶରେ ଜୟଦେବଙ୍କ କୁଡ଼ିଆ ବାହାରେ ବସି ମହାପ୍ରଭୁଙ୍କୁ ଡାକି ଝୁରିଲେ । ପରେ ପରେ ଜୟଦେବଙ୍କୁ ପ୍ରଭୁଙ୍କର ସ୍ୱପ୍ନାଦେଶ ହେଲା–"ଜୟଦେବ ! ତୋ ପ୍ରତି ଏହା ହେଉଛି ମୋର ଆଦେଶ । ପଦ୍ମାକୁ ତୁ ବିବାହ କରିବୁ । ତା' ସମ୍ପର୍କରେ ଆସିଲା ପରେ ତୋ ମଧ୍ୟରେ କବିତ୍ୱର ପରିପ୍ରକାଶ ହେବ । ମୋତେ କୃଷ୍ଣ ଭାବେ ଗ୍ରହଣ କରି ତୁ ରାଧାପ୍ରେମର ଯେଉଁ ସୁନ୍ଦର ଆଲେଖ୍ୟକୁ ଲେଖନୀ ମୁନରେ ଆଙ୍କିବୁ ତାହା ଚୀରକାଳ ତୋତେ ଅମର କରି ରଖିବ । ଏହି ସ୍ୱପ୍ନ ଦେଖିବା ପରେ ଜୟଦେବ ପଦ୍ମାକୁ ପତ୍ନୀ ଭାବରେ ଗ୍ରହଣ କରି କୁଡ଼ିଆ ମଧ୍ୟକୁ ପାଛୋଟି ନେଲେ । ସେହି ଶ୍ରୀକ୍ଷେତ୍ରରେ ପତିପତ୍ନୀ ଦୁହେଁ ପ୍ରଭୁଙ୍କର ସେବାରେ ସମୟ ଅତିବାହିତ କଲେ ।

ଶ୍ରୀକ୍ଷେତ୍ରରେ ସେହି କୁଡ଼ିଆ ଭିତରେ ଥାଇ ଜୟଦେବ ଗୀତଗୋବିନ୍ଦ ରଚନା ଆରମ୍ଭ କଲେ । ପ୍ରତ୍ୟେକ ଦିନ ଗୀତଗୋବିନ୍ଦ ଯାହା କିଛି ରଚନା କରନ୍ତି ସେହି ଗୀତଗୁଡ଼ିକୁ ମନ୍ଦିର ଭିତରେ ଭକ୍ତି ବିହ୍ୱଳ କଣ୍ଠରେ ଜୟଦେବ ଗାନ କରିବା ସମୟରେ ପଦ୍ମାବତୀ ଉକ୍ତ ଗୀତର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ କରୁଥାନ୍ତି । ଏକଦା ଗୀତ ରଚନା ସମୟରେ ଶ୍ରୀ ରାଧାଙ୍କର ମାନ ଭଞ୍ଜନ ପ୍ରସଙ୍ଗ ବର୍ଣ୍ଣନା କରିବା ସମୟରେ ଦଶମ ସର୍ଗର ଊନବିଂଶତମ ଗୀତରେ ମହାପ୍ରଭୁ ଶ୍ରୀକୃଷ୍ଣ ନିଜର ଦୋଷ ପାଇଁ ପ୍ରିୟତମା ରାଧାଙ୍କର ପାଦତଳେ କ୍ଷମାଭିକ୍ଷା କରିବା ଭାବନାକୁ ଗୀତରେ ପରିପ୍ରକାଶ କରିବାକୁ ଚାହୁଁଥିବା ବେଳେ ଉକ୍ତ ପଦଟି ଲୋକାଗ୍ରର ଦୃଷ୍ଟିରୁ ପୂରଣ କରିବା ପାଇଁ ସମର୍ଥ ହୋଇ ନଥିଲେ । ଶେଷରେ ପରେ ଚିନ୍ତା କରି ଲେଖିବେ ବୋଲି ସ୍ଥିର କରି ସେ ସ୍ନାନ କରିବା ଉଦ୍ଦେଶ୍ୟରେ ଗଲେ । ତାଙ୍କ ଅନୁପସ୍ଥିତିରେ ସ୍ୱୟଂ ଶ୍ରୀକୃଷ୍ଣ ନିଜେ ଜୟଦେବଙ୍କ ରୂପରେ ଆବିର୍ଭୂତ ହୋଇ ସ୍ନାନ କରିବାକୁ ଯାଉଥିବା ସମୟରେ ପଦଟି ସ୍ମରଣ ହେବାରୁ ଫେରି ଆସିଲି ବୋଲି ପଦ୍ମାଙ୍କୁ କହି ଗୀତଗୋବିନ୍ଦ ପାଣ୍ଡୁଲିପିରେ ଥିବା ଶୂନ୍ୟସ୍ଥାନଟିରେ "ଦେହି ପଦ ପଲ୍ଲବ ମୁଦାରମ୍" ପଦଟି ଲେଖି ସଙ୍ଗେ ସଙ୍ଗେ ଅନ୍ତର୍ଦ୍ଧାନ ହୋଇଗଲେ । ସ୍ନାନ ସାରି ଜୟଦେବ ଫେରି ଆସି ଦେଖନ୍ତି ଯେ ଶୂନ୍ୟ ଥିବା ପଦଟି ପୂରଣ ହୋଇଯାଇଛି । ଭଗବାନ ସ୍ୱୟଂ ଶ୍ରୀକୃଷ୍ଣ ଆସି ପଦଟି ଯେ ପୂରଣ କରି ଯାଇଛନ୍ତି ଏଥିରେ ସନ୍ଦେହର ଅବକାଶ ରହିଲା ନାହିଁ । ଭଗବଦ୍ ପ୍ରେମରେ ଆତ୍ମହରା ହୋଇ ଜୟଦେବ ଓ ପଦ୍ମା ଯଥା ଶୀଘ୍ର ଗୀତଗୋବିନ୍ଦ ରଚନା ସମ୍ପୂର୍ଣ୍ଣ କରି ଶ୍ରୀଜଗନ୍ନାଥଙ୍କ ନିକଟରେ ତାକୁ ସମର୍ପଣ କରିଥିଲେ । କଥିତ ଅଛି ଏକଦା ଜଣେ ଗ୍ରାମ୍ୟ ଯୁବତୀ ରାତିର ଶେଷ ପ୍ରହରରେ ନିଜ ବାଡ଼ିରୁ ବାଇଗଣ ତୋଳୁଥିବା ସମୟରେ ଗୀତଗୋବିନ୍ଦର କେତେକ ପଂକ୍ତି ସୁଲଳିତ ସ୍ୱରରେ ଗାନ କରୁଥିଲା ଶ୍ରୀଜଗନ୍ନାଥ ତାଙ୍କର ପ୍ରିୟ ଗୀତ ଗୋବିନ୍ଦର ମଧୁର ମୂର୍ଚ୍ଛନାରେ ବିହ୍ୱଳିତ ହୋଇ ଶ୍ରୀମନ୍ଦିର ମଧ୍ୟରୁ ବାହାରି ଆସି ଗୋପନରେ ଉକ୍ତ ଯୁବତୀର ଅନୁଗମନ କଲେ । ଫଳରେ ପ୍ରଭୁଙ୍କ ଶ୍ରୀଅଙ୍ଗରେ ଥିବା ବସ୍ତ୍ରରେ ବାଇଗଣ କଣ୍ଟା ଲାଗିଥିବାର ଦୃଶ୍ୟ ପରେ ଅନୁଭୂତ ହୋଇଥିଲା । ପରଦିନ ପ୍ରଭାତରେ ପ୍ରଭୁଙ୍କର ପୂଜା ସମୟରେ ବଡ଼ପଣ୍ଡା ଏହି ଅଙ୍ଗ ବସ୍ତ୍ର କ୍ଷତବିକ୍ଷତ ହୋଇଥିବାର ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ରାଜାଙ୍କ ଜ୍ଞାତ ସାରରେ ଅନୁସନ୍ଧାନ ହୋଇ ଉକ୍ତ ଘଟଣା ଜଣାପଡ଼ିଥିଲା । ତତ୍ପରେ ଉକ୍ତ ଯୁବତୀର ସନ୍ଧାନ ନିଆଯାଇ ତାହାକୁ ମହାପ୍ରଭୁଙ୍କ ନିକଟରେ ପ୍ରତ୍ୟହ ଗୀତଗୋବିନ୍ଦ ଗାନ କରିବାକୁ ନିଯୁକ୍ତି ଦିଆଗଲା । ଆଉ ଏକ ଅଲୌକିକ ଘଟଣା ମଧ୍ୟ ସେହି ସମୟରେ ଲୋକ ଲୋଚନକୁ ଆସିଥିଲା । ତାହା ହେଉଛି ପଦ୍ମାବତୀର ତୁଳସୀ ପତ୍ରରେ ଗୀତଗୋବିନ୍ଦ ଲେଖି ଜଗନ୍ନାଥଙ୍କୁ ସମର୍ପଣ କରିବା । ଗୀତଗୋବିନ୍ଦର ମହିମା ଚାରିଆଡ଼େ ପ୍ରସାର ହୋଇଯିବା ଫଳରେ ତତ୍କାଳୀନ ଉତ୍କଳର ଗଜପତି ଗୀତଗୋବିନ୍ଦ ପଢ଼ି ଆଉ ଏକ ଗୀତଗୋବିନ୍ଦ ଲେଖିବସିଲେ । ଏହାର ନାମଥିଲା "ଅଭିନବ ଗୀତଗୋବିନ୍ଦ" । ନିଜ ରଚନାର ଉତ୍କର୍ଷତା ଦାବୀ କରି ପୂର୍ବରୁ ପଢ଼ାଯାଉଥିବା ଜୟଦେବଙ୍କ ରଚିତ ଗୀତଗୋବିନ୍ଦକୁ ବନ୍ଦକରି ସ୍ୱରଚିତ ଅଭିନବ ଗୀତଗୋବିନ୍ଦକୁ ପାଠ କରିବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ଜୟଦେବ ସେଥିରେ ସମ୍ମତ ନହୋଇ ନିଜ ଗୀତଗୋବିନ୍ଦକୁ ପାଠ କରିବାକୁ ଲାଗିଲେ । ଫଳରେ ରାଜା କ୍ଷୁବ୍ଧହୋଇ ଉଭୟ କୃତୀ ମଧ୍ୟରେ ଉତ୍କର୍ଷତାର ଆଧିକ୍ୟ ପରୀକ୍ଷା କରିବା ପାଇଁ ମହାପ୍ରଭୁଙ୍କ ଶୟନ ପୂର୍ବରୁ ତାଙ୍କ ସମ୍ମୁଖରେ ଦୁଇଟିଯାକ ଗ୍ରନ୍ଥରଖି ଦୃଢ଼ ଭାବରେ ଦ୍ୱାରରୁଦ୍ଧ କଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ପରିଦିନ ପ୍ରଭାତରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଦ୍ୱାର ଖୋଲିବା ମାତ୍ରେ ଦେଖାଗଲା ଯେ ଜୟଦେବଙ୍କ ଗୀତଗୋବିନ୍ଦ ଅନ୍ୟ ରଚନାଟିର ଉପରେ ସ୍ଥାପିତ ହୋଇଛି । ରାଜା ନିଜର ଭୁଲ ବୁଝିପାରିଲେ ଏବଂ ସେହି ଦିନଠାରୁ ଶ୍ରୀ ମନ୍ଦିରରେ ପ୍ରତ୍ୟହ ଜୟଦେବଙ୍କ ଗୀତଗୋବିନ୍ଦ ପୂର୍ବପରି ପାଠ ହେବାର ନିର୍ଦ୍ଦେଶ ଦେଲେ । ସେହି ରାତିରେ ଜୟଦେବଙ୍କ ଗୀତଗୋବିନ୍ଦର ମହତ୍ତ୍ୱକୁ ସର୍ବତ୍ର ପ୍ରଚାର ଓ ପ୍ରସାର କରିବା ପାଇଁ ପ୍ରଭୁ ଜଗନ୍ନାଥ ମହାରାଜାଙ୍କ ସ୍ୱପ୍ନରେ ଆଦେଶ ଦେଇଥିଲେ ।

ଧୀରେ ଧୀରେ ଗୀତ ଗୋବିନ୍ଦର ଲୋକପ୍ରିୟତା ସର୍ବତ୍ର ପ୍ରଚାର ପ୍ରସାରିତ ହେଲା । ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ଶୁଣିବା ପାଇଁ ପ୍ରତ୍ୟହ ଶହ ଶହ ଭକ୍ତ ଭିଡ଼ ହେବାକୁ ଲାଗିଲେ । ଗୀତଗୋବିନ୍ଦର ଗୋଟିଏ ଲେଖାଏଁ ଧାଡ଼ି ଲେଖା ହୋଇଥିବା ୧୨ ଖଣ୍ଡ ପବିତ୍ର ପଟବସ୍ତ୍ର ଶ୍ରୀଜଗନ୍ନାଥଙ୍କ ପୂଜାପଦ୍ଧତିରେ ବ୍ୟବହୃତ ହେବାର ବିଧି ଆରମ୍ଭ କରାଗଲା । କେନ୍ଦୁଲି ଗ୍ରାମର ବୁଣକାରୀ ବସ୍ତ୍ରକାରମାନେ ଉକ୍ତ ପଟବସ୍ତ୍ର ବୁଣିବା କାମରେ ନିଯୁକ୍ତି ହେଲେ । ଜୟଦେବ ଶୁଦ୍ଧପୁତ ଭାବରେ ଗୀତଗୋବିନ୍ଦ ଗାନ କଲେ । ସେମାନେ ବୁଣିବା କାର୍ଯ୍ୟ ଆରମ୍ଭ କରିବେ ଏବଂ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଏହି ଗୀତଗୋବିନ୍ଦ ହିଁ ସେମାନେ ଶୁଣିବେ । ତାହାହିଁ ହେଲା । କଥିତ ଅଛି ପରେ ଜୟଦେବ ଗୀତଗୋବିନ୍ଦ ଗାଇବା ସମୟରେ

ଏତେ ଆସକ୍ତ ହୋଇ ଯାଉଥିଲେ ଯେ ଗୀତ ବନ୍ଦକରି ସ୍ଥିର ହୋଇ ରହିଯାଉଥିଲେ । ସେହି ସମୟରେ ବୁଣାଳୀମାନେ ବୁଣାକାର୍ଯ୍ୟ ବନ୍ଦ କରି ଦେଉଥିଲେ । ହଠାତ୍ କେହି ଜଣେ ସାଧୁ ବ୍ୟକ୍ତି ସେଠାରେ ଉପସ୍ଥିତ ହୋଇ ଜୟଦେବଙ୍କ ସ୍ଥାନରେ ଗୀତଗୋବିନ୍ଦ ଗାନ କରିଥିଲେ । ଫଳରେ ଯଥା ସମୟରେ ବୁଣାକାର୍ଯ୍ୟ ଶେଷ ହୋଇଥିଲା । ଏହିପରି ଜୟଦେବ, ପଦ୍ମା ଓ ଗୀତଗୋବିନ୍ଦ ନେଇ ବହୁ ଅଲୌକିକ ଘଟଣା ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଘଟିଯାଇଛି ।

ଶ୍ରୀ ଜୟଦେବ ଗୀତଗୋବିନ୍ଦରେ କହିଛନ୍ତି କେବଳ ରାଧା କୃଷ୍ଣଙ୍କର ପ୍ରେମ ଲୀଳା ଏଥିରେ ଯେ ବର୍ଣ୍ଣିତ ହୋଇଛି ତାହା ନୁହେଁ । ମଣିଷ ଯାହା ପାଇବାକୁ ଇଚ୍ଛାକରେ, ଯେଉଁ ରସର ଚର୍ଚ୍ଚା କରିବାକୁ ଚାହେଁ ତାହା ଏହାରି ଭିତରୁ ହିଁ ଲାଭ କରିପାରିବ । ସେଥି ପାଇଁ କବି ଲେଖିଛନ୍ତି:-

"ଯଦି ହରି ଭଜନେଷୁ ସରସଂ ମନ
ଯଦା ବିଳାସ କଳାସୁ କୁତୂହଳଂ ।

ଅର୍ଥାତ୍ ଯଦି ହରିଭଜନ ବା ଆଧ୍ୟାତ୍ମିକ ଲାଭ ପାଇଁ ଇଚ୍ଛା ହେବେ ଗୀତଗୋବିନ୍ଦ ପାଠକର । ଯଦି ପ୍ରେମରସ ଆସ୍ୱାଦନ କରିବାକୁ ଇଚ୍ଛାକର ତା'ହେଲେ ଗୀତଗୋବିନ୍ଦ ପାଠକର । ଯଦି ଭଗବାନଙ୍କୁ ପାଇବାକୁ ଚାହଁ ତା'ହେଲେ ମଧ୍ୟ ସେହି ଗୀତଗୋବିନ୍ଦ ପାଠକର ।

---

ମାଷ୍ଟ୍ର-ଶ୍ରୀ ପ୍ରମୋଦ କିଶୋର ମହାନ୍ତି,
ଗ୍ରାମ- ଜୟଦେବଙ୍ଗ, ପୋଷ୍ଟ- ଦେଓ୍ୱାକୁଣ୍ଡା,
ଜିଲ୍ଲା- କଟକ ।



# ମୟୂରଭଞ୍ଜ ଜିଲ୍ଲାର କୃଷି କାର୍ଯ୍ୟକ୍ରମ

* ଜାନକୀ ବଲ୍ଲଭ ଦାଶ

ଚଳିତ ଋତୁର ଶେଷ ଆଡକୁ ବର୍ଷାର ଅଭାବ ଯୋଗୁଁ କେତୋଟି ବ୍ଲକ ଅଞ୍ଚଳରେ ଫସଲ ନଷ୍ଟ ହୋଇଛି । ସମୀକ୍ଷାରୁ ଜଣାଯାଏ ଯେ ଜିଲ୍ଲାରେ ହାରାହାରି ପ୍ରାୟ ନଅ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି ।

ତେବେ ଫସଲ କାଟି ପରେ କ୍ଷତିର ସଠିକ୍ ବିବରଣୀ ଜଣାପଡିବ । ଅବଶିଷ୍ଟ ୩ ଲକ୍ଷ ୩୬ ହଜାର ହେକ୍ଟର ଧାନ ଜମିରେ ଫସଲ ଭଲ ହୋଇଛି । ଏହାର ପ୍ରଭାବରେ ଧାନ ସରକାରୀ ଦରଠାରୁ କମ୍ ଦରରେ ହାଟ ବଜାରରେ ବିକ୍ରି ହେବା ଦେଖାଯାଉଛି ।

ବର୍ତ୍ତମାନ ଏହି ଜିଲ୍ଲାରେ କୃଷି ବିଭାଗ ବ୍ୟାପକ ରବି କାର୍ଯ୍ୟକ୍ରମ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଚଳିତ ରବି ଋତୁ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଏକ ଲକ୍ଷ ୩୪ ହଜାର ୬୦୦ ହେକ୍ଟର ଜମିରେ ବିଭିନ୍ନ ରବି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବାର ଯୋଜନା କରାଯାଇଛି ।

ବର୍ତ୍ତମାନ ଜିଲ୍ଲାରେ ଥିବା ୬ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ୪୬ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ୬୨୪ଟି ସରକାରୀ ଉଠା ଜଳସେଚନ ପ୍ରକଳ୍ପ ତଥା ୩,୯୨୬ଟି ସେଚ କୂପ ଓ ପୋଖରୀରୁ ମିଳୁଥିବା ଜଳକୁ ସମ୍ପୂର୍ଣ୍ଣ ଭାବେ ବିନିଯୋଗ କରି ରବି କାର୍ଯ୍ୟକ୍ରମ କରାଯାଉଛି । ତେବେ ଜିଲ୍ଲାର ମୋଟ୍ ଜଳସେଚିତ ଜମି ହେଲା ୬୭ ହଜାର ହେକ୍ଟର । ବାକୀ ଜମିରେ ମାଟିର ବତରକୁ ଦୃଷ୍ଟି ଫସଲ ନିର୍ବାଚନ କରାଯାଇଛି ଏବଂ ଜିଲ୍ଲାର କୃଷି ବିଭାଗର କର୍ମଚାରୀମାନେ ଏଥିପାଇଁ ବହୁ ତତ୍ପରତାର ସହିତ ଲାଗି ପଡ଼ିଛନ୍ତି । ଜିଲ୍ଲାରେ ଥିବା ୬୦ଟି କୃଷି ବିକ୍ରୟ କେନ୍ଦ୍ରକୁ ରବି ଋତୁ ପାଇଁ ବିଭିନ୍ନ କିସମ ବିହନଗୁଡ଼ିକ ଗଲାଣି ଏବଂ ଆଉ କେତେକ କିସମ ବିହନ ମଧ୍ୟ ପଠାଯାଉଛି । ବର୍ତ୍ତମାନ ସୁଦ୍ଧା କୃଷି ବିଭାଗ ବିହନ ନିଗମରୁ ସୋରିଷ ୨୬୭ କ୍ୱିଣ୍ଟାଲ୍ ଆଣି ୨୨୦ କ୍ୱିଣ୍ଟାଲ୍ ବିକ୍ରୟ କେନ୍ଦ୍ରଗୁଡ଼ିକୁ ପଠାଇ ଦେଇଛି । ସେହିପରି ଗହମ ୪୩୭.୮ କ୍ୱିଣ୍ଟାଲ୍, ଚିନାବାଦାମ ୬୪.୩୮ କ୍ୱିଣ୍ଟାଲ୍, ବୁଟ ୩୬.୮୦ କ୍ୱିଣ୍ଟାଲ୍, ମଟର ୧୧.୮୦ କ୍ୱିଣ୍ଟାଲ୍ ଓ ଅଳସୀ ୨୯ କ୍ୱିଣ୍ଟାଲ୍ ବିହନ ବିକ୍ରୟ କେନ୍ଦ୍ରଗୁଡ଼ିକୁ ପଠାଇ ଦିଆସରିଛି ଏବଂ ଚାଷୀମାନେ ମଧ୍ୟ ଏହାକୁ ଜମିରେ ବୁଣିବା ଆରମ୍ଭ କରିଛନ୍ତି । ଏହାଛଡ଼ା ଚଳିତ ରବି ଋତୁ ପାଇଁ ଜିଲ୍ଲାରେ ବିଭିନ୍ନ କିସମ ବିହନ ଯଥା– ଗହମ ୧୩ କ୍ୱିଣ୍ଟାଲ୍, ମକା ୨୦ କ୍ୱିଣ୍ଟାଲ୍, ଚିନାବାଦାମ ୮୦୦ କ୍ୱିଣ୍ଟାଲ୍, ରାଶି ୨ କ୍ୱିଣ୍ଟାଲ୍, ମୁଗ ୬୭ କ୍ୱିଣ୍ଟାଲ୍, ବିରି ୨୬ କ୍ୱିଣ୍ଟାଲ୍, ସବଳ କିସମ ଧାନ ୪୦୦ କ୍ୱିଣ୍ଟାଲର ଚାହିଦା ଅଛି ଏବଂ ଏହି ସବୁ କିସମ ବିହନ ଆଣି ଜିଲ୍ଲାରେ ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ କୃଷି ବିଭାଗ ଆପ୍ରାଣ ଚେଷ୍ଟା ଚଳାଇଛି । ମୋଟ୍ ଉପରେ ଏହି ଜିଲ୍ଲାରେ ରବି କାର୍ଯ୍ୟକ୍ରମର ଧାର୍ଯ୍ୟ ଲକ୍ଷ୍ୟ ହେଲା, ଧାନ ୬,୨୧୨ ହେକ୍ଟର, ଗହମ ୨,୩୬୦ ହେକ୍ଟର, ମକା ୪୦୦ ହେକ୍ଟର, ଡାଲି ଜାତୀୟ ଫସଲ ୪୭,୦୦୦ ହେକ୍ଟର, ତୈଳବୀଜ ୪୩,୩୯୫ ହେକ୍ଟର, ପନିପରିବା ୯,୭୦୦ ହେକ୍ଟର ଓ ୯,୬୦୦ ହେକ୍ଟର ବିଭିନ୍ନ ମସଲା ଜାତୀୟ ଫସଲ ।

ଜିଲ୍ଲାରେ ତୈଳବୀଜର ବହୁଳ ପ୍ରସାର ପାଇଁ ପ୍ରଦର୍ଶନ କ୍ଷେତ୍ର ମାଧ୍ୟମରେ ଚାଷୀମାନଙ୍କୁ ସୋରିଷ ୨ କେଜିଆ ପୁଡ଼ିଆ ୧୨୫ଟି, ରାଶି ୨ କେଜିଆ ପୁଡ଼ିଆ ୧୦୦ଟି ଏବଂ ଅଳସୀ ୧ କେଜିଆ ପୁଡ଼ିଆ ୧୦୦ଟି ଯୋଗାଇ ଦିଆଯାଇଛି । ଜିଲ୍ଲାରେ ସାରର ଚାହିଦା ବେଶ୍ ବଢ଼ିଛି ଏବଂ ଏହା ଯେମିତି ସୁବିଧାରେ ଚାଷୀମାନେ ପାଇପାରିବେ ସେଥିପାଇଁ ମୟୂରଭଞ୍ଜର କୃଷି ଉପ ନିର୍ଦ୍ଦେଶକ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଜିଲ୍ଲାରେ ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମଟି ବେଶ୍ ସୁରୁଖୁରୁରେ ଚାଲିଛି ଓ ଚାଷୀମାନେ ଆଧୁନିକ ଚାଷ ପଦ୍ଧତି ତଥା ନୂତନ ବୈଷୟିକ କୌଶଳକୁ ବେଶ୍ ଆଗ୍ରହ ସହକାରେ ଗ୍ରହଣ କରୁଛନ୍ତି । ଆଶା କରାଯାଏ ଗତ ଖରିଫ୍‌ରେ ଯାହା କିଛି ଅଳ୍ପ କ୍ଷତି ଚାଷୀମାନଙ୍କୁ ସହିବାକୁ ପଡ଼ିଥିଲା, ଚଳିତ ରବି ଋତୁରେ ତାହାର ଭରଣା ହୋଇ ଚାଷୀମାନେ ଆଉ ଅଧିକ ଲାଭ କରିପାରିବେ ।

ସାମ୍ବାଦିକ,
ଶ୍ରୀରାମଜୀ ଭବନ, ଟେମ୍ପଲ୍ ଷ୍ଟ୍ରିଟ୍,
ବାରିପଦା ।

# ଆଘାତ

* ଡଃ ଅପର୍ଣ୍ଣା ମହାନ୍ତି

୧

ଆଗ୍ନେୟାସ୍ତ୍ର
ବରୁଣାସ୍ତ୍ର
ବ୍ରହ୍ମାସ୍ତ୍ର
କି
ଯିଶୁ ଅସ୍ତ୍ରଠାରୁ
ଆହୁରି କୌଶଳରେ
ତିଆରି ଏଇ ଶବାସ୍ତ୍ର ।
ଅଧିକ ଭୟଙ୍କର
ଆହୁରି ଧ୍ୱଂସମୁଖୀ
ଆଘାତ ଓ ପ୍ରତିଘାତ ପାଇଁ
ପ୍ରସ୍ତୁତ ହେଲାବେଳେ ।

ଏ ଆଘାତରେ
ଭୁଶୁଡ଼ି ପଡ଼େନା କୋଠା ବାଡ଼ି
ନିଶ୍ଚିହ୍ନ ହୁଏନା ଜନପଦ
କିମ୍ବା
ତେଜସ୍କ୍ରିୟ ରଶ୍ମି ଯୋଗୁଁ
ପଙ୍ଗୁ ହୋଇ ଯାଏ ନା
ବଂଶାବଳୀ
ଖାଲି ଯା
ଜୀବନ ପରି ବିଶ୍ୱସ୍ତ ଥିବା
ଛାତିଟି ଭିତରୁ

୨

ନିଭୃତରେ ମରିଯାଉଥାଏ ଜୀବନ
ସଙ୍ଗୀତରୁ ମରିଯାଉଥାଏ ସ୍ୱର
ଫୁଲରୁ ବାସ୍ନା
ଶିଶିରରୁ ଶୀତଳତା.........
ଏବେ ସୃଷ୍ଟି
ଏ ଆଘାତ ଯେ.........
ସବୁ ଠିକ୍ ଥିଲାପରି ଲାଗେ
କିନ୍ତୁ
ସବୁ ଶେଷ ହୋଇ ଯାଇଥାଏ ।

କଦବା କ୍ୱଚିତ୍
ବିଶ୍ୱମୟ ବିସ୍ତାର ନେଇ
କବିତା ଠିଆ ହୋଇଯାଏ
ଏ ରଣ କ୍ଷେତ୍ରର
କେନ୍ଦ୍ର ବିନ୍ଦୁରେ......... ।
ଏବଂ
ଶବର ସୂକ୍ଷ୍ମ ତୀକ୍ଷ୍ଣତମ
ଆଘାତ/ପ୍ରତି ଆଘାତ
ନରମ ଫୁଲମାଳଟିଏ ହୋଇ
ଝୁଲି ପଡ଼ନ୍ତି
ତା ଗଳାରେ...... ।

ତୁଳସୀ ମହାବିଦ୍ୟାଳୟ,
କେନ୍ଦ୍ରାପଡ଼ା ।

# ଶିଶୁ ସମ୍ପଦର ଉନ୍ନତିରେ ଦେଶର ପ୍ରଗତି

* ଶ୍ରୀ ଉଦୟନାଥ ରଥ

ଶିଶୁ ଦେଶର ଭବିଷ୍ୟତ — ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଆଜିର ଯେଉଁମାନେ ଶିକ୍ଷାବିତ୍, ଚିକିତ୍ସକ, ଯନ୍ତ୍ରକୌଶଳୀ, ବୈଜ୍ଞାନିକ, ସେନାଧ୍ୟକ୍ଷ, ଶାସକ ସେମାନେ କାଲି ଥିଲେ ଶିଶୁ । ପରିବାରର ପ୍ରଯତ୍ନ ଫଳରେ ସେମାନେ ଆଲୋକ ପଥର ପଥିକ ହୋଇ ଦେଶ ମାତୃକାର ସେବା ଓ ସଙ୍ଗଠନରେ ବ୍ରତୀ ହୋଇ ପାରିଛନ୍ତି । ଶିଶୁ ସମ୍ପଦ ପ୍ରତି ପ୍ରତ୍ୟେକ ପରିବାରର ପିତାମାତା ଯଦି ସଚେତନ ହେବେ ଓ ସଜାଗ ରହିବେ, ନିଶ୍ଚିତ ଭାବେ ଶିଶୁ ଉଚ୍ଚାଭିଳାଷୀ ହୋଇ ଦେଶଦଶର କଲ୍ୟାଣ ସାଧନ କରିବା ଅବଶ୍ୟମ୍ଭାବୀ ।

ଜବାହରଲାଲ୍ ନେହେରୁ ଯେ କି ଶିଶୁମାନଙ୍କ ମଧ୍ୟରେ ଚାଚା ନେହେରୁ ରୂପେ ସୁପରିଚିତ, ସେ ଥରେ ଉତ୍ତର ପ୍ରଦେଶର ମୋଦୀ ନଗରରେ ଆୟୋଜିତ ଏକ ସଭା ମଞ୍ଚ ଉପରେ ପଚାରିଥିଲେ, ଦେଶର ଧନ କହିଲେ ଆପଣମାନେ କ'ଣ ବୁଝୁଛନ୍ତି ? ସେ ନିଜେ ଏହାର ଉତ୍ତର ଦେଇ କହିଥିଲେ, ଦେଶର ଧନ ଏହା ନୁହେଁ, ଯାହା ମହାଜନମାନଙ୍କ ପାଖରେ ଅଛି ବା ବ୍ୟାଙ୍କରେ ରଖାଯାଇଛି । ଦେଶର ଧନ ସୁନା, ରୁପା, ହୀରା, ନୀଳା ନୁହେଁ । ଦେଶର ଧନ ଆମ ଦେଶର ପିଲାମାନେ, ବାଳକ ଓ ବାଳିକାମାନେ ।

ଜନତାର ଭ୍ରମ ଧାରଣାକୁ ଦୂର କରିବା ପାଇଁ ପୁଣି କହିଲେ, ପିଲାମାନଙ୍କ ପ୍ରତି ମୋର ଅଗାଧ ସ୍ନେହ ଅଛି । ସେମାନଙ୍କୁ ଦେଖିଲେ ମତେ ଯେତେ ଆନନ୍ଦ ଲାଗେ ଦୁନିଆର କୌଣସି ଜିନିଷ ମତେ ସେତେ ଆନନ୍ଦ ଦେଇ ପାରେନି । ଗୋଲାପ ଫୁଲ ମୁଁ ବ୍ୟବହାର କରେ । ସେ ମୁହୂର୍ତ୍ତକ ପାଇଁ ସତେଜ ରହେ ଏବଂ ପର ମୁହୂର୍ତ୍ତରେ ଝାଉଁଳି ଯାଏ । କିନ୍ତୁ ଶିଶୁମାନଙ୍କର ରକ୍ତିମା ଓଠର ଗୋଲାପୀ ହସ ସଦା ସର୍ବଦା ଜୀବନ୍ତ, ସତେଜ ଓ ସୁନ୍ଦର । ନେହେରୁଙ୍କ ପ୍ରତ୍ୟକ୍ଷ ଧାରଣାକୁ ଅବିସ୍ମରଣୀୟ କରିବା ପାଇଁ ତାଙ୍କ ଜନ୍ମ ଦିବସ ନଭେମ୍ବର ୧୪ ତାରିଖକୁ ଶିଶୁ ଦିବସ ଭାବେ ଆମ ଦେଶରେ ପାଳନ କରାଯାଏ ।

ନେହେରୁ ଭାରତର ରାଷ୍ଟ୍ର ନିର୍ମାତା । ତାଙ୍କ ଜୀବନର ଚିନ୍ତା ଓ ଚେତନା ଭାରତର ରାଷ୍ଟ୍ର ନିର୍ମାଣ ଉପରେ ଆଧାରିତ ଥିଲା । ନେହେରୁଙ୍କର ବୈଜ୍ଞାନିକ ଦୃଷ୍ଟିକୋଣ ଥିଲା ଯେ ବିଜ୍ଞାନ ମାନବିକ ଶକ୍ତି ବର୍ଦ୍ଧକ ଓ ଦେଶ ପ୍ରଗତିର ପଥ ପ୍ରଦର୍ଶକ । ଯେଉଁ ଦେଶ ବୈଜ୍ଞାନିକ କୌଶଳରେ ଯେତେ ଉନ୍ନତ ସେ ଦେଶ ସର୍ବୋତ ଭାବେ ସେତେ ସମୃଦ୍ଧ । ବିଜ୍ଞାନ କେବଳ ମନୁଷ୍ୟର ଦୈନନ୍ଦିନ ଜୀବନ ଯାପନ ସହିତ ସମ୍ପୃକ୍ତ ନୁହେଁ, ମନୁଷ୍ୟର ସମସ୍ତ ସାମାଜିକ ଓ ପାରିବାରିକ ପ୍ରକ୍ରିୟା ସହିତ ଘନିଷ୍ଠ ଭାବେ ଜଡ଼ିତ । ତେଣୁ ଶିଶୁମାନଙ୍କୁ ବୈଜ୍ଞାନିକ ଶିକ୍ଷା ଦିଗରେ ପ୍ରଭାବିତ କରି ପାରିଥିଲେ, ଦେଶର ପ୍ରଗତି ସମ୍ଭବ ହୋଇ ପାରିବ ।

କେତେକ ସଭାସଦ୍ ନେହେରୁଙ୍କ ଶୈଶବାବସ୍ଥା ବର୍ଣ୍ଣନା କରିବାକୁ କହିଥିଲେ । ସେ ଅନୁରୋଧ ରକ୍ଷା କରି କହିଥିଲେ — "ଅତୀତର ବାଲ୍ୟାବସ୍ଥାକୁ ସ୍ମରଣ କରିବା ବଡ଼ କଠିନ । ବେଳେବେଳେ ମୁଁ ଅନୁଭବ କରେ ସତେ ଯେପରି ମୋ ବାଲ୍ୟାବସ୍ଥାର ବର୍ତ୍ତମାନ ସୁଦ୍ଧା ପରିସମାପ୍ତି ଘଟିନି ।

ଶିକ୍ଷା ଦିଗରେ କହିଲେ, ବିଜ୍ଞାନ ହିତକାରୀ ସତ, କିନ୍ତୁ ବିଜ୍ଞାନର ଦୁରୁପଯୋଗ ହେଲେ ଦେଶ ଧ୍ୱଂସ ବିଧ୍ୱସ୍ତ ହେବା ସୁନିଶ୍ଚିତ । ତା'ର ସଦୁପଯୋଗରେ ଦେଶ ପ୍ରଗତିଶୀଳ ହୁଏ । ଯେଉଁ ମହାନ୍ ବ୍ୟକ୍ତି ଛୁରୀ ଉଦ୍‌ଭାବନ କରିଛି ତା' ଦ୍ୱାରା ଆମେ ଛୋଟ ବଡ଼ କାମ କରିପାରୁଛେ । ଏହାର ଦୁରୁପଯୋଗରେ ଆମେ ଯଦି ପ୍ରତିବେଶୀର ବେକ କାଟିବା, ତାହା ହେଲେ ଆମ ଦେଶ ପ୍ରଗତିର ଦୃଷ୍ଟିକୋଣ କେଉଁ ଆଡ଼କୁ ତା' ସହଜରେ ଅନୁମେୟ ।

ଶିଶୁମାନଙ୍କୁ ସୁସ୍ଥ ବାତାବରଣ ଭିତରେ ଗଢ଼ିବା ପ୍ରତ୍ୟେକଙ୍କର ପାରିବାରିକ ଓ ସାମାଜିକ କର୍ତ୍ତବ୍ୟ । କିନ୍ତୁ ଅନେକ ପରିବାର ଦାରିଦ୍ର୍ୟର କଶାଘାତରେ ଜର୍ଜରିତ ହୋଇ ଶିଶୁର ଯତ୍ନ ନେବାରେ ଅସମର୍ଥ ହୋଇ ଥାଆନ୍ତି ଯାହା ଫଳରେ ଅନେକ ଶିଶୁ ଜନ୍ମ ହେବାର ଖୁବ୍ କମ୍ ଦିନ ଭିତରେ ମୃତ୍ୟୁବରଣ କରିଥାଆନ୍ତି । ଜାତିର ଜନକ ମହାତ୍ମା ଗାନ୍ଧୀ କହିଛନ୍ତି, "ଆମ ଦେଶର ଦରିଦ୍ର ପରିବାରର ଖାଦ୍ୟାଭାବ ଯୋଗୁ ପିତାମାତା ଶିଶୁକୁ ଆବଶ୍ୟକୀୟ ଖାଦ୍ୟପ୍ରାଣ ଯୋଗାଇ ପାରନ୍ତି ନାହିଁ । ଆମ ଦେଶରେ ଶତକଡ଼ା ୫୦ ଜଣ ଶିଶୁ ପ୍ରୋଟିନ୍ ଅଭାବରେ ରୋଗାକ୍ରାନ୍ତ ହୋଇଥାଆନ୍ତି । ତା'ହେଲେ ୬୦ ଜଣ ଶିଶୁ ପୁଷ୍ଟିହୀନତା ଯୋଗୁ ରକ୍ତାଳ୍ପତାରେ ଆକ୍ରାନ୍ତ ହୋଇ ମରଣକୁ ବରଣ କରିଥାଆନ୍ତି । ଖାଦ୍ୟରେ ଭିଟାମିନ୍ "ଏ" ଅଭାବରେ ପ୍ରାୟ ୨୫ ଲକ୍ଷ ଶିଶୁ ଦୃଷ୍ଟିହୀନ ହୋଇ ଭବିଷ୍ୟତକୁ ଅନ୍ଧକାର କରିଥାଆନ୍ତି ।

**Indian Council of Medical Research** ଏବଂ **State Nutrition** ରିପୋର୍ଟମାନଙ୍କରୁ ଯାହା ଜଣାଯାଏ ପ୍ରାୟ ୮ କୋଟି ଶିଶୁମାନଙ୍କ ମଧ୍ୟରେ ଶତକଡ଼ା ୪୦ ଜଣ ଶିଶୁ

ଆହାରରେ ପ୍ରୋଟିନ୍ ଓ କିଲୋରୀ ଅଭାବରେ ପଡ଼ିଥାଆନ୍ତି । ଦେଶର ପରିସଂଖ୍ୟାନ ବିଭାଗରୁ ଯାହା ସୂଚିତ ହୁଏ ଆମ ଦେଶର ବହୁ ଶିଶୁ ହଇଜା, ବସନ୍ତ, ମିଳିମିଳା ଓ ଲହର ଲଗା କାଶ ପ୍ରଭୃତିରେ ପୀଡ଼ିତ ହୋଇ ଜନ୍ମର ଅଳ୍ପ ଦିନରେ ମରିଥାଆନ୍ତି ।

ମା'ର କ୍ଷୀର ଶିଶୁମାନଙ୍କର ସର୍ବୋତ୍ତମ ଆହାର । ମା' କ୍ଷୀର ବିନା ଶିଶୁ ଦୁର୍ବଳ ହୋଇ ବିଭିନ୍ନ ରୋଗର ସମ୍ମୁଖୀନ ହୋଇଥାଏ । ଆମ ଗାଁ ଗହଳରେ ଏକ କିମ୍ବଦନ୍ତୀ ଅଛି । ଯଦି କୌଣସି ପିଲା ମାନସିକ ବଳ କିମ୍ବା ଶାରୀରିକ ଶକ୍ତିରେ ଅକ୍ଷମତା ପ୍ରକାଶ କରେ, ତାକୁ କହନ୍ତି — "ତୁ କ'ଣ ମା' କ୍ଷୀର ଖାଇନୁ କି"? ଆଧୁନିକ ଯୁଗରେ ତାକୁ କଦର୍ଥ କରି ବିଭିନ୍ନ ପ୍ରକାର ଯୁକ୍ତିରେ ଅନ୍ୟଥା କରିଥାଆନ୍ତି । ଏହା ସୁପରୀକ୍ଷିତ ଯେ ଯଦି କୌଣସି ଶିଶୁ ମା' କ୍ଷୀର ଏକ ବର୍ଷ ପର୍ଯ୍ୟନ୍ତ ଖାଇଥାଏ, ତା'ର ଶାରୀରିକ ଓ ମାନସିକ ବିକାଶ ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ ।

ଗରିବର କେହି ନୁହେଁ — ଏ କଥା ଗରିବ ଲୋକମାନଙ୍କ ମଧ୍ୟରେ ଦୃଢ଼ ଧାରଣା । ଭଗବାନଙ୍କ ସୃଷ୍ଟିରେ ଗରିବର ପ୍ରାକୃତିକ ସୁବିଧା ଓ ସୁଯୋଗ ଯାହା ଅଛି ତାହା ଧନୀମାନଙ୍କ ଅପେକ୍ଷା ଯଥେଷ୍ଟ ଉତ୍କୃଷ୍ଟତର । ମା' କ୍ଷୀର ଦେବା ଦିଗରେ ସାଧାରଣତଃ ଗରିବ ପରିବାରର ସ୍ତ୍ରୀମାନେ କ୍ଷୀଣ ହୋଇଥାଆନ୍ତି । ତେଣୁ ସେମାନଙ୍କ ପକ୍ଷରେ ଶିଶୁମାନଙ୍କୁ କ୍ଷୀର ଦେବା ସମ୍ଭବ ହୋଇନଥାଏ । ବର୍ତ୍ତମାନ ବୈଜ୍ଞାନିକ ପ୍ରଣାଳୀରେ କୃତ୍ରିମ କ୍ଷୀର ଉତ୍ପାଦନ କରିବା ସମ୍ଭବ ହୋଇ ପାରିଛି । ତାହା ଏତେ ସହଜସାଧ୍ୟ ଯେ, ଯେ କୌଣସି ଲୋକ କଞ୍ଚା ଚିନାବାଦାମରୁ ତାହା ଉତ୍ପାଦନ କରିପାରିବ । ତାକୁ ଶିଶୁକୁ ଦେଲେ ଶିଶୁ କେତେକାଂଶରେ ମା' କ୍ଷୀର କିମ୍ବା ଗାଈ କ୍ଷୀରର ଗୁଣାତ୍ମକ ଫଳ ପାଇପାରିବ । ଶିଶୁ ୨/୩ ବର୍ଷର ହୋଇଗଲେ ଗରିବ ପରିବାରରେ ଶିଶୁକୁ ବଞ୍ଚାଇବା ଦିଗରେ ସେତେ କଷ୍ଟ ସ୍ୱୀକାର କରିବାକୁ ପଡ଼େ ନାହିଁ, ଭଗବାନ ସବୁଜ ଗଛ ପତ୍ରରେ ଖାଦ୍ୟପ୍ରାଣ ଭରି ଦେଇଛନ୍ତି । ତାକୁ ଯଦି କେହି ଋତୁ ଅନୁଯାୟୀ ଶିଶୁକୁ ଦିଏ, ତାହାହେଲେ ସେ ବୁଦ୍ଧିମାନ୍ ଓ ରୋଗଠାରୁ ଦୂରରେ ରହିବା ନିଶ୍ଚିତ ।

ଶିଶୁ ସମ୍ପଦର ଉନ୍ନତି ପ୍ରଧାନତଃ ସୁସ୍ଥ ବାତାବରଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ନିର୍ଭର କରେ । ଶିଶୁର ଭବିଷ୍ୟତ ଦୃଷ୍ଟି ତଥା ଦେଶର ପ୍ରଗତି ଦୃଷ୍ଟିରୁ ଶିଶୁର ଶିକ୍ଷା କି ପ୍ରକାର ହେବା ଉଚିତ ? ଶିଶୁକୁ ବୈଜ୍ଞାନିକ ଶିକ୍ଷାରେ ଶିକ୍ଷିତ କରାଇବା ସର୍ବାଦୌ ଉଚିତ । କାରଣ ଦେଶର ପ୍ରଗତି ବିଜ୍ଞାନ ଉପରେ ଆଧାରିତ । ତତ୍ ସଙ୍ଗେ ସଙ୍ଗେ ଶିଶୁ କିପରି ପ୍ରାପ୍ତ ବୟସରେ ଚରିତ୍ରବାନ୍ ଶ୍ରେଷ୍ଠ ସେବକ ଓ ସୁନାଗରିକ ହୋଇପାରିବ ତତ୍ ଜନିତ ଶିକ୍ଷା ମଧ୍ୟ ଆବଶ୍ୟକ ।

ପିଲାମାନଙ୍କୁ ଶିକ୍ଷିତ, ଚରିତ୍ରବାନ୍ ଓ ସୁନାଗରିକ କରିବାକୁ ହେଲେ ପ୍ରଧାନତଃ ଅଭିଭାବକ, ଶିକ୍ଷକ ଓ ପ୍ରତିବେଶୀମାନଙ୍କୁ ନିମ୍ନଲିଖିତ ଦିଗରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ।

(୧) ଶିଶୁ ଅଭିଭାବକ ତଥା ପରିବାରର ଉପରିସ୍ଥମାନଙ୍କର ନିୟନ୍ତ୍ରଣାଧୀନ ହେବା ଦରକାର ।

(୨) ଯଦି ଶିଶୁ ସ୍କୁଲକୁ ଯାଉଥାଏ, ତା'ର ଲେଖା ପଢ଼ା ପ୍ରତି ଦୃଷ୍ଟି ରଖି ସେହି ସଂପର୍କରେ ଅସୁବିଧା ଦୂରୀକରଣ ଅଭିଭାବକଙ୍କ କର୍ତ୍ତବ୍ୟ ।

(୩) ପିଲାର ସ୍କୁଲ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ସମୟରେ ପିଲାର ବହୁମୁଖୀ ବିକାଶ ପାଇଁ ଶିକ୍ଷକ, ପରିବାର ଓ ପ୍ରତିବେଶୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

(୪) ଶୈଶବ ଅବସ୍ଥା ପୂର୍ଣ୍ଣ କରି କିଶୋରାବସ୍ଥାକୁ ଯିବାବେଳେ ପରିବାର ପିଲାର କାର୍ଯ୍ୟକଳାପ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବେ । ନଚେତ୍ ପିଲା ଅସାମାଜିକ ହୋଇଯିବାର ସମ୍ଭାବନା ।

(୫) ପିଲା ପରିବାର ଓ ସମାଜ ସହିତ ସମ୍ପୂର୍ଣ୍ଣ ଭାବେ ଜଡ଼ିତ । ତେଣୁ ପିତାମାତା ପିଲାର ପାରିବାରିକ ଓ ସାମାଜିକ ସଂସ୍କାରଗୁଡ଼ିକୁ ନୈତିକ ଭାବେ ଗ୍ରହଣ କରିବାର ପନ୍ଥା ପ୍ରତି ଦୃଷ୍ଟି ଦେବେ ।

(୬) ଯୌବନର ଉଚ୍ଛୃଙ୍ଖଳତା ପିଲାର ଭବିଷ୍ୟତକୁ ନଷ୍ଟ କରିବା ସ୍ୱାଭାବିକ । ତା' ଗତିବିଧିକୁ ନିରୀକ୍ଷଣ କରି କୁସଙ୍ଗ ବିରୁଦ୍ଧରେ ବଳିଷ୍ଠ ପଦକ୍ଷେପ ନେବା ଉଚିତ ।

(୭) ଛାତ୍ର ଜୀବନରେ ରାଜନୈତିକ ଆନ୍ଦୋଳନରେ ଅନୁପ୍ରାଣିତ ହୋଇ ସେଥିରେ ସକ୍ରିୟ ଅଂଶ ଗ୍ରହଣ ଶିକ୍ଷାର୍ଥୀର ଏକାଗ୍ରତାର ଅନ୍ତରାୟ ।

(୮) ଶିକ୍ଷା ଦ୍ୱାରା ଶିଶୁର ମାନସିକ ବିକାଶ ହୁଏ ଏବଂ ତାକୁ ସ୍ୱାବଲମ୍ବୀ କରାଏ — ଏହା ତା' ମନରେ ଦୃଢ଼ୀଭୂତ କରାଇବା ଆବଶ୍ୟକ ।

(୯) ମାନବୀୟ ପରମ୍ପରାକୁ ସାମାଜିକ ପୃଷ୍ଠ ଭୂମି ଉପରେ ଅଭିନବ ବୈଜ୍ଞାନିକ, ରୂପରେଖ ଦେବା ଶିକ୍ଷକଙ୍କ କର୍ତ୍ତବ୍ୟ ।

(୧୦) ଜ୍ଞାନିକାରୀ ହୋଇ ପାରିବାରିକ ଓ ସାମାଜିକ କୁସଂସ୍କାର ଦୂର କରିବାର ପ୍ରବୃତ୍ତି ମନରୁ ଦେବା ଦରକାର ।

(୧୧) ସାଧୁ ଓ ସଚ୍ଚୋଟ ମନୋଭାବରେ ଜନସେବାରେ ନିଜକୁ ନିୟୋଜିତ କରିବା ଉଚିତ ।

ଶିଶୁ ପରିବାରର ନୁହେଁ କିମ୍ବା ସମାଜର ନୁହେଁ, ଶିଶୁ ଗୋଟିଏ ଦେଶର ଭାବୀ ସମ୍ଭାବ୍ୟ ପ୍ରଦୀପ । ସେଥିରେ ବିଜ୍ଞାନ ରୂପକ ତୈଳ ଦେଇ ପ୍ରଦୀପ୍ତ କରାଇଲେ ସେ ପ୍ରଜ୍ୱଳିତ ହୋଇ ଦେଶକୁ ଶିକ୍ଷା, କୃଷି, ଶିଳ୍ପ ଓ ସ୍ୱାସ୍ଥ୍ୟ ଦିଗରେ ଅଧିକ ଆଲୋକିତ କରିପାରିବ ।

---

ଅବସରପ୍ରାପ୍ତ ଜେଲ୍ ସୁପରିନ୍‌ଟେଣ୍ଡେଣ୍ଟ,
କୋମାଦେଇପୁର ଶାସନ,
ନରସିଂହପୁର, କଟକ–୭୫୪୦୩୨ ।

# ଶିକ୍ଷାବିତ୍ ପର୍ଶୁରାମ ମିଶ୍ର

✱ ଡକ୍ଟର ଜଗନ୍ନାଥ ମହାନ୍ତି

ଓଡ଼ିଶା ତଥା ଭାରତର ଜଣେ କୃତୀ ଉଦ୍‌ଭିଦ ବିଜ୍ଞାନୀ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲେ ପଦ୍ମଶ୍ରୀ ଡକ୍ଟର ପର୍ଶୁରାମ ମିଶ୍ର । ସମ୍ବଲପୁର ଜିଲ୍ଲା ବରପାଲିଠାରୁ ପ୍ରାୟ ୫ କିଲୋମିଟର ଦୂରସ୍ଥ ଘୁଙ୍ଗୁଡ଼ୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ ୧୯୦୪ ମସିହା ଜାନୁଆରୀ ୨୫ ତାରିଖରେ । ତାଙ୍କର ପିତା ଥିଲେ ସ୍ୱର୍ଗୀୟ ଲୋକନାଥ ମିଶ୍ର ଓ ମାତା କୁନ୍ତୀଦେବୀ । ଦରିଦ୍ର ଅଥଚ ଏକ କୁଳୀନ ପରିବାର । ମାତୃଭାଷା ଓଡ଼ିଆରେ ସାଧାରଣ ଯୋଗ୍ୟତା ଥିବାରୁ ଲୋକନାଥ ଜଣେ ପଟୱାରୀ ଭାବରେ ସରକାରୀ କାର୍ଯ୍ୟ ଆରମ୍ଭ କରି ରାଜସ୍ୱ ନୀରୀକ୍ଷକ ପଦକୁ ଉନ୍ନୀତ ହୋଇଥିଲେ । ପର୍ଶୁରାମ ଗ୍ରାମ୍ୟ ପ୍ରାଥମିକ ଓ ପରେ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ସମଗ୍ର ସମ୍ବଲପୁର ଜିଲ୍ଲା ପାଇଁ ଥିବା ଏକମାତ୍ର ଜିଲ୍ଲା ସ୍କୁଲରୁ ସେ ମାଟ୍ରିକ୍ୟୁଲେସନ ପାସ କରି ବୃତ୍ତିଲାଭ କରିଥିଲେ ।

କଟକ ରେଭେନ୍ସା କଲେଜରେ ଆଇ.ଏସ୍.ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ କଲିକତା ପ୍ରେସିଡେନ୍ସି କଲେଜରେ ବି.ଏସ୍.ସି. ଅଧ୍ୟୟନ କରିଥିଲେ । ସେଠାରେ ବହୁ ସମ୍ଭ୍ରାନ୍ତ ପରିବାରର ଛାତ୍ରଛାତ୍ରୀ ତାଙ୍କର ସହପାଠୀ ଥିଲେ ଏବଂ ସେ ନେତାଜୀ ସୁଭାଷ ଚନ୍ଦ୍ରଙ୍କ ସହଚର୍ଯ୍ୟ ଲାଭ କରିଥିଲେ । ନିମ୍ନ ମଧ୍ୟବିତ୍ତ ପରିବାରର ଜଣେ ସନ୍ତାନ ଭାବରେ ସେ ଲଜ୍ଜ୍ୟାଶୀଳ ଥିଲେ ହେଁ ମନରେ ତାଙ୍କର ଜ୍ଞାନନିଷ୍ଠା ଓ ଦୃଢ଼ତା ଭରି ରହିଥିଲା । ବିଲାତ ଯାଇ ବିଜ୍ଞାନରେ ଡକ୍ଟରେଟ୍ ଡିଗ୍ରୀ ଲାଭ କରିବାକୁ ସେ ଭାବିଥିଲେ ଏବଂ ସେଥିପାଇଁ ସେ କଠିନ ପରିଶ୍ରମ କରି ୧୯୨୯ ମସିହାରେ କୃତିତ୍ୱର ସହିତ ଏମ୍.ଏସ୍.ସି. ପାସ୍ କରିଥିଲେ ଉଦ୍‌ଭିଦ ବିଜ୍ଞାନରେ ।

୧୯୩୦ ମସିହାରେ ସେ ଜଣେ ଉଦ୍‌ଭିଦ ବିଜ୍ଞାନ ଅଧ୍ୟାପକ ଭାବରେ ରେଭେନ୍ସା କଲେଜରେ ଯୋଗଦେଇଥିଲେ । ମାତ୍ର ଡକ୍ଟର ପ୍ରାଣକୃଷ୍ଣ ପରିଜା କାମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ସମାପ୍ତ କରି ଫେରିବାରେ ୧୯୩୧ ମସିହାରେ ପର୍ଶୁରାମ ଅଧ୍ୟାପନାରୁ ଅବ୍ୟାହତି ନେଇଥିଲେ ଏବଂ ନୂତନ ହୋଇ ସୃଷ୍ଟି ହୋଇଥିବା ଗୋଟିଏ ପଦବୀରେ ଛାତ୍ରବାସ ଅଧ୍ୟକ୍ଷ ଭାବରେ କଟକରେ ଅବସ୍ଥାପିତ ହୋଇଥିଲେ । ସେତେବେଳେ ସେ ବହୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଭାବରେ କାର୍ଯ୍ୟକରି ସମସ୍ତଙ୍କ ସ୍ନେହ ଓ ସମ୍ମାନ ଲାଭ କରିଥିଲେ । ତାଙ୍କ ଉଦ୍ୟମରେ ସ୍କୁଲ ଛାତ୍ରମାନଙ୍କ ପାଇଁ ଗୋଟିଏ ଦୋମହଲା ପକ୍କାଘରେ ଛାତ୍ରାବାସଟିଏ ଆରମ୍ଭ ହୋଇଥିଲା ଏବଂ ତାହା ଏବେ ବି "କାଠଯୋଡ଼ୀ ହଷ୍ଟେଲ" ନାମରେ ସୁପରିଚିତ । ୧୯୨୨ ମସିହାରେ ରେଭେନ୍ସା କଲେଜରେ ଉଦ୍‌ଭିଦ ବିଜ୍ଞାନରେ ସ୍ନାତକ ଶ୍ରେଣୀ ଖୋଲିବାରୁ ସେ ଅଧ୍ୟାପକ ଭାବରେ ଯୋଗଦେଇ ଥିଲେ । ଡକ୍ଟର ପରିଜାଙ୍କର ବିଜ୍ଞତ୍ୱପୂର୍ଣ୍ଣ ତତ୍ତ୍ୱାବଧାନରେ ସେ ବହୁ ଗବେଷଣା କାର୍ଯ୍ୟ କରିଥିଲେ । ସେ ପ୍ରାୟ ୯ ବର୍ଷ କାଳ ରେଭେନ୍ସା କଲେଜର ପୂର୍ବ ଓ ପଶ୍ଚିମ ଛାତ୍ରାବାସର ତତ୍ତ୍ୱାବଧାରକ ଭାବେ ଖୁବ୍ ସୁନାମ ଲାଭ କରିଥିଲେ । ଛାତ୍ରଗଣଙ୍କୁ ସେ ନିଜ ସନ୍ତାନ ଭାବରେ ଶ୍ରଦ୍ଧା ଓ ସାହାଯ୍ୟ କରୁଥିଲେ ।

ଶିକ୍ଷାଦାନ ଓ ଗବେଷଣା ବ୍ୟତୀତ ସମାଜସେବା ଯେ ଶିକ୍ଷକଙ୍କର ଏକ ମୌଳିକ କର୍ତ୍ତବ୍ୟ ପର୍ଶୁରାମ ଏହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ୧୯୩୩ ମସିହାରେ ବନ୍ୟାବିଧ୍ୱସ୍ତ ଜଗତସିଂହପୁର ଅଞ୍ଚଳରେ ରେଭେନ୍ସା କଲେଜରୁ ଦଳେ ଛାତ୍ରଙ୍କୁ ନେଇ ସେ ରିଲିଫ ବଣ୍ଟନ କରିଥିଲେ । ପ୍ରାକ୍ତନ ଛାତ୍ର ଡକ୍ଟର ଶ୍ରୀଧର ରୂପକାର ଲେଖିଛନ୍ତି' ପରଶୁରାମବାବୁଙ୍କର ନେତୃତ୍ୱରେ ଆମେ ସେହି ଜଳାର୍ଣ୍ଣବରେ ଗାଁ ଗାଁ ବୁଲି ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ବୁଝିଥିଲୁ ।

ଇଂଲଣ୍ଡର ଲିଡ଼୍ସ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପ୍ରିଷ୍ଟଲୀ ଉଦ୍‌ଭିଦ ବିଜ୍ଞାନରେ ବିଶ୍ୱବିଦିତ ହୋଇଥିଲେ । ପର୍ଶୁରାମ ନିଜ ଗବେଷଣାର ଅନୁଧ୍ୟାନ ରିପୋର୍ଟ ପଠାଇ ନିଜକୁ ଜଣେ ଗବେଷଣା ଛାତ୍ର ଭାବରେ ଗ୍ରହଣ କରିବା ପାଇଁ ତାଙ୍କୁ ଅନୁରୋଧ ଜଣାଇଥିଲେ । ପ୍ରିଷ୍ଟଲୀ ସମ୍ମତ ହେବାରୁ ୧୯୩୮ରେ ସେ ବିଲାତ ଯାତ୍ରା କରିଥିଲେ । ସେ ନିଜ ଗବେଷଣା କାର୍ଯ୍ୟ ପାଇଁ ବିଲାତରେ ପାହାଡ ନଦୀ, ହ୍ରଦ ଇତ୍ୟାଦିରେ ଭ୍ରମଣ କରିଥିଲେ । ଗବେଷଣାଗାରରେ ଘଣ୍ଟା ଘଣ୍ଟା 'ଧରି ପରୀକ୍ଷା ନିରୀକ୍ଷା କରୁଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବାରୁ ସେ ଭାରତକୁ ଫେରିଆସି ଡେରାଡୁନ୍‌ସ୍ଥ ଅରଣ୍ୟ ଗବେଷଣା ପ୍ରତିଷ୍ଠାନରେ ନିଜ ଗବେଷଣା କାର୍ଯ୍ୟ ଜାରି ରଖିଥିଲେ । ଏଥିପାଇଁ ପ୍ରିଷ୍ଟଲୀଙ୍କ ଦୃଢ଼ ସୁପାରିଶ ଖୁବ୍ ସହାୟକ ହୋଇଥିଲା । ୧୯୪୦ ମସିହାରେ ସେ ତାଙ୍କର ଗବେଷଣାଲବ୍ଧ ସନ୍ଦର୍ଭ ପଠାଇ ବିଲାତର ଲିଡ଼୍ସ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ଲାଭ କରିଥିଲେ ।

ତାପରେ ରେଭେନ୍‌ସା କଲେଜରେ ସହକାରୀ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଭାବରେ ଅବସ୍ଥାପିତ ହୋଇ ୧୯୪୪ ମସିହାରେ ଉଦ୍ଭିଦ ବିଜ୍ଞାନରେ ପ୍ରଫେସର ପଦକୁ ଉନ୍ନୀତ ହୋଇଥିଲେ । ୧୯୪୮ ମସିହା ଅକ୍ଟୋବର ମାସରେ ସେ ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ଅଧ୍ୟକ୍ଷ ଭାବରେ ଯୋଗ ଦେଇଥିଲେ । ୧୯୬୦ ମସିହା ଜାନୁଆରୀ ମାସରେ ସେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ ଏବଂ ୧୯୬୦ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଆସନ ଅଳଂକୃତ କରିଥିଲେ । ୧୯୬୬ ମସିହା ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହକରି ସେ ଉଚ୍ଚଶିକ୍ଷା ପ୍ରଶାସନ କ୍ଷେତ୍ରରେ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରିଥିଲେ । ଶିକ୍ଷା ଓ ବିଜ୍ଞାନରେ ତାଙ୍କର ଉଲ୍ଲେଖଯୋଗ୍ୟ ଯୋଗୁଁ ୧୯୬୧ ମସିହାରେ ଭାରତ ସରକାର ଡକ୍ଟର ମିଶ୍ରଙ୍କୁ 'ପଦ୍ମ ଶ୍ରୀ' ଉପାଧି ପ୍ରଦାନ କରିଥିଲେ । ୧୯୬୭ ମସିହାରେ ସେ ପୁଣି ନବପ୍ରତିଷ୍ଠିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବରେ କାର୍ଯ୍ୟରେ ପ୍ରଭୂତ ଦକ୍ଷତା ପ୍ରଦର୍ଶନ କରିଥିଲେ ।

ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସ୍ୱାଭାବିକ ଶ୍ରଦ୍ଧା ଓ ସନ୍ଧାନ ଥିବାରୁ ସେ 'ବିବର୍ତ୍ତନ' ନାମରେ କବିତାଗୁଚ୍ଛ ପ୍ରକାଶନ କରିଥିଲେ ଏବଂ ଏଥିପାଇଁ ସେ "ଓଡ଼ିଶା ସାହିତ୍ୟ ଏକାଡେମୀ" ଦ୍ୱାରା ଉପାସ୍ୱନ ପ୍ରାପ୍ତ ହୋଇଥିଲେ । ପଦ୍ମଶ୍ରୀ ଡକ୍ଟର ପର୍ଶୁରାମ ମିଶ୍ର ଜଣେ ବରେଣ୍ୟ ବିଜ୍ଞାନୀ, ଶିକ୍ଷାବିତ୍ ଓ ସାହିତ୍ୟିକ ସର୍ବୋପରି ଜଣେ ସଚ୍ଚରିତ୍ର ଓ ସଦାଚାରୀ ରୂପେ ସେ ଚିରସ୍ମରଣୀୟ ହୋଇ ରହିବେ ।

---

ଅଧ୍ୟକ୍ଷ,
ଡ଼: ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ,
ସମ୍ବଲପୁର ।



ଇସ୍ପାତ୍ କାରଖାନା ସ୍ଥାପନ ସମ୍ପର୍କରେ ଏମ୍: ଇ: ଏସ୍: ସି: ଓ:ର ଉପସଭାପତି ଶ୍ରୀ କେ: ବି: ଆର୍: ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ତାଙ୍କ ସଚିବାଳୟ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଲୋଚନା କରୁଛନ୍ତି (୨୩/୬) ।

# ରଥଯାତ୍ରାର ପ୍ରାଚୀନତମ ବିବରଣୀ

* ଶ୍ରୀ ପୀତାମ୍ବର ପ୍ରଧାନୀ

ରଥଯାତ୍ରାର ପୌରାଣିକ ବିବରଣୀ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ରାଣୀ ଗୁଣ୍ଡିଚାଙ୍କ ନାମରେ ଲିପିବଦ୍ଧ । ଏହି କିମ୍ବଦନ୍ତୀ ଓଡ଼ିଶା ଓ ଓଡ଼ିଶା ବାହାରେ ବହୁଳ ଭାବରେ ପ୍ରଚାରିତ ଓ ପ୍ରସାରିତ । ସ୍କନ୍ଦ ପୁରାଣ ଅନୁଯାୟୀ ପ୍ରାୟ ୧୭୬ କୋଟି ବର୍ଷ ତଳେ ଶ୍ରୀଜଗନ୍ନାଥ ମହାପ୍ରଭୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଶ୍ରୀକ୍ଷେତ୍ରରେ ଆସୀନ ହୋଇଥିଲେ ଓ ଏହା ପରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ପ୍ରଥମେ ରଥଯାତ୍ରାର ଆୟୋଜନ କରିଥିଲେ । ଏହା ହିଁ ସାରା ପୃଥିବୀର ପ୍ରାଚୀନତମ ରଥଯାତ୍ରା । କିନ୍ତୁ ଏହା ପୂର୍ବରୁ ଗାଲମାଧବ ରାଜା ଯେଉଁ ରଥଯାତ୍ରା କରିଥିଲେ, ତାହା ହିଁ ସାରା ପୃଥିବୀର ସର୍ବପ୍ରଥମ ରଥଯାତ୍ରା । ଏହି ରଥଯାତ୍ରା ପୂର୍ବରୁ ଅନ୍ୟ କୌଣସି ରଥଯାତ୍ରା ହୋଇଥିବା ପୌରାଣିକ ଦୃଷ୍ଟିକୋଣରୁ ଏ ପର୍ଯ୍ୟନ୍ତ ନଜରକୁ ଆସିନାହିଁ । ଏହା ପ୍ରାମାଣିକ ଗ୍ରନ୍ଥ ନୀଳାଦ୍ରି ମହୋଦୟର ପଞ୍ଚମ ଅଧ୍ୟାୟରେ ବର୍ଣ୍ଣିତ ।

ନୈମିଷାରଣ୍ୟରେ ବ୍ରହ୍ମଜ୍ଞାନୀ ମହର୍ଷିମାନେ ପଚାରିଲେ, "ହେ ସୂତ ମହର୍ଷି । ଇନ୍ଦ୍ରାଦି ଦେବଗଣ, ନାରଦାଦି ମହର୍ଷିଗଣ ଓ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ଆଦେଶରେ ବିଷ୍ଣୁଙ୍କ ଦର୍ଶନକୁ ଆସି କ'ଣ କଲେ । ତାହା ଅନୁଗ୍ରହ କରି ଆପମାନଙ୍କୁ କୁହନ୍ତୁ" ।

ଋଷିମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଲେ ସୂତ ମହର୍ଷି– "ବ୍ରହ୍ମଲୋକରୁ ଦେବତା, ଋଷି ଓ ଇନ୍ଦ୍ରଦ୍ୟୁମ୍ନ ଆସି ଦାରୁ ରୂପୀ ଶ୍ରୀ ବିଷ୍ଣୁଙ୍କୁ ଦର୍ଶନ କରି ପ୍ରୀତ ହେବା ସଙ୍ଗେ ସଙ୍ଗେ ପ୍ରଭୁ ପୂଜା ଓ ସ୍ତୁତି କରିଥିଲେ । ତା'ପରେ ସେମାନେ ଗାଲବଙ୍କ ଦ୍ୱାରା ପ୍ରତିଷ୍ଠିତ ମାଧବ ଓ ଧବଳ ମନ୍ଦିରଟିଏ ଦେଖିଥିଲେ । ସେଠାକାର ପୂଜକମାନେ ତାହା ବିରଜା ମଣ୍ଡଳସ୍ଥିତ ରାଜା ଗାଲବଙ୍କ ମନ୍ଦିର ବୋଲି ବର୍ଣ୍ଣନା କରିଥିଲେ । ଏହା ବାର୍ତ୍ତା ପାଇ ରାଜା ଗାଲମାଧବ ଚତୁରଙ୍ଗ ବାହିନୀ ସହିତ ନୀଳାଚଳରେ ଉପସ୍ଥିତ ହେଲେ । ସେଠାରେ ଦେବ, ଋଷି ତଥା ଇନ୍ଦ୍ରଦ୍ୟୁମ୍ନ ପ୍ରଭୃତିଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ନାରଦଙ୍କୁ ସମସ୍ତଙ୍କ ଆଗମନ ତଥା ମନ୍ଦିର ଉପରେ ଇନ୍ଦ୍ରଦ୍ୟୁମ୍ନଙ୍କ ଅଧିକାର ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ।

ନାରଦ ଗାଲବଙ୍କୁ ଉତ୍ତର ଦେଇ କହିଲେ, "ହେ ରାଜନ୍ ! ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ସ୍ଥାନର ଘନ ଅରଣ୍ୟ କାଟି ସହସ୍ର ସଂଖ୍ୟକ ଅଶ୍ୱମେଧ କରିବା ପରେ ଦାରୁବ୍ରହ୍ମଙ୍କ ଦର୍ଶନଲାଭ କରିଥିଲେ । ତାଙ୍କର ନିବାସ ପାଇଁ ସେ ଗୋଟିଏ ମନ୍ଦିର ତୋଳାଇ ପ୍ରତିଷ୍ଠା ନିମିତ୍ତ ପ୍ରଜାପତି ବ୍ରହ୍ମାଙ୍କୁ ଆଣିବା ଲାଗି ବ୍ରହ୍ମଲୋକକୁ ମୋ ସହିତ ଯାଇଥିଲେ । ସେ' ମଧ୍ୟରେ ଗୋଟିଏ ମନ୍ୱନ୍ତର ଅର୍ଥାତ୍ ୭୧ ଯୁଗ ପୃଥିବୀରେ ବିତିଗଲା । କୋଟି କୋଟି ରାଜାଙ୍କ ପରେ ତୁମେ ଏଠାରେ ରାଜତ୍ୱ କରୁଛ" ।

ସୂତ କହିଲେ– "ହେ ମୁନି ପୁଙ୍ଗବ ଶୌନକ । ନାରଦଙ୍କଠାରୁ ଏହା ଶୁଣିବା ପରେ ଗାଲବ ନିଜ ମନ୍ତ୍ରୀମାନଙ୍କ ସହ ପରାମର୍ଶ କରି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କଠାରେ ଶରଣ ପଶିଲେ ଏବଂ ମନ୍ଦିରର ପଶ୍ଚିମ ଦିଗରେ ଅବସ୍ଥାନ କଲେ । ତା'ପରେ ନାରଦଙ୍କୁ ପଚାରି ମନ୍ଦିର ପ୍ରତିଷ୍ଠା ପାଇଁ ସମସ୍ତ ସମ୍ଭାର ଆୟୋଜନ କରିବା ସଙ୍ଗେ ସଙ୍ଗେ ଶଙ୍ଖନିଧି ଓ ପଦ୍ମନିଧି ମଧ୍ୟ ଦାନ କରିଥିଲେ । ତା'ପରେ ମନ୍ଦିରର ପଶ୍ଚିମ ଦିଗରେ ଲୋକନାଥ ମହାପ୍ରଭୁଙ୍କ ନିକଟରେ ସ୍ୱର୍ଣ୍ଣମୟ ସର୍ବାଳଙ୍କାର ମଣ୍ଡିତ ତିନି ଠାକୁରଙ୍କ ପାଇଁ ତିନୋଟି ରଥ ପ୍ରସ୍ତୁତ କରିଥିଲେ । ଶ୍ରୀଜଗନ୍ନାଥ ରଥର ନାମ ଗରୁଡ଼ଧ୍ୱଜ । ବଳଦେବଙ୍କ ରଥର ନାମ ତାଳଧ୍ୱଜ ଓ ସୁଭଦ୍ରାଙ୍କ ରଥର ନାମ ପଦ୍ମଧ୍ୱଜ । ସେଥିରେ ନାନା ରଙ୍ଗର ପତାକା ସୁଶୋଭିତ ହେଉଥିଲା । ସେହି ତିନି ରଥରେ ତିନି ଠାକୁରଙ୍କୁ ବସାଇ ମନ୍ଦିରକୁ ଅଣାଯିବାର ବ୍ୟବସ୍ଥା ସମ୍ପୂର୍ଣ୍ଣ ହୁଅନ୍ତେ ଦାରୁବ୍ରହ୍ମଙ୍କ ଆଗମନ ନିମିତ୍ତ ଆୟୋଜନ କରାଗଲା" ।

ଏହାଶୁଣି ନୈମିଷାରଣ୍ୟରେ ମୁନିମାନେ ପଚାରିଲେ । ହେ ସୂତମୁନି, ସେହି ରଥଉତ୍ସବର ନିର୍ମାଣ କେଉଁ ବିଧିରେ ସମ୍ପୂର୍ଣ୍ଣ ହେଲା ଓ କିପରି ପ୍ରତିଷ୍ଠା କର୍ମ କରାଗଲା ତାହାର ବିବରଣୀ ଅନୁଗ୍ରହ କରି ଆମ୍ଭମାନଙ୍କୁ ଶୁଣାନ୍ତୁ ।

ମହର୍ଷି ନାରଦ ଉତ୍ତର ଦେଇ କହିଲେ– "ନାରଦ ମହର୍ଷି ଯେପରି ଭାବରେ ପ୍ରତିଷ୍ଠା କର୍ମ କରିଥିଲେ ତାହା ମୁଁ ବର୍ଣ୍ଣନା କରୁଛି" ଯେପରି ଭାବରେ ପ୍ରତିଷ୍ଠା କର୍ମ କରିଥିଲେ ତାହା ମୁଁ ବର୍ଣ୍ଣନା କରୁଛି" ଈଶାନ କୋଣରେ ଏକ ଶାଳା ନିର୍ମାଣ କରିବାପରେ ରଥର ଚାରି କୋଣରେ ଚାରିଟି ଦ୍ୱାର କରିବ । ସେହି ଶାଳାଟି ଚାରି ହାତ ପ୍ରମାଣରେ ହେବ । ତାହା ମଧ୍ୟରେ ଏକ ହାତ ପ୍ରମାଣ ବେଦିକା କରିବ । ତା ମଧ୍ୟରେ ସୁନ୍ଦର ମଣ୍ଡଳ ନିର୍ମାଣ କରିବ । ସେହି ମଣ୍ଡଳରେ ୩୪ଟି କୋଣଯୁକ୍ତ କୋଠି କଟାଯିବ । ତନ୍ମଧ୍ୟରେ ଗୋଟିଏ ପଦ୍ମକାଟି ତହିଁରେ ବରୁଣଙ୍କ ପୂଜା କରିବ । ବିଧି ବିଧାନ ସହ ସଂକଳ୍ପ କରି ଆଚାର୍ଯ୍ୟ ବରଣ କରିବ । ତିନିଦିନ ପୂର୍ବରୁ ଅଙ୍କୁର ରୋପଣ କରାଯିବା ବିଧେୟ । ଦିନକ ପୂର୍ବରୁ ମଧ୍ୟ ଏହା

କରାଯାଇପାରେ । ଆଚାର୍ଯ୍ୟ ପୂର୍ବମୁଖୀ ହୋଇ ବସିବେ । ସେହି ମଣ୍ଡଳ ଭିତରେ ଗୋଟିଏ କଳସ ବସାଇ ସେଥିରେ ଗୋଟିଏ ନୂତନ ବସ୍ତ୍ର ଆଚ୍ଛାଦନ କରିବ । ସେହି କଳସରେ ନାନାଦି ତୀର୍ଥଜଳ ପୂରଣ କରିବ । ସପ୍ତ ମୃତ୍ତିକା ଓ ପଞ୍ଚରତ୍ନ ତହିଁରେ ଦେବ । ସର୍ବୌଷଧି ପଞ୍ଚପଦ୍ୟରେ କଳସକୁ ଶୋଧନ କରି ତହିଁରେ ଆମ୍ରପଲ୍ଲବ ଓ ନାରିକେଳ ଦେବ । କଳସ ପାଖରେ ଧ୍ୱଜ ସ୍ଥାପନ କରିବ । ସେହି କଳସରେ ନରସିଂହଙ୍କୁ ଆବାହନ କରିବ । ବାୟୁକୋଣର କଳସରେ ଅଗ୍ନିସ୍ଥାପନ କରି ଚରୁ, ଘୃତ, କାଷ୍ଠ ସହିତ ତହିଁରେ ହଜାରେ ଆଠଥର ଆହୁତି ପ୍ରଦାନ କରିବ । ତତ୍ପରେ ବେଦ ମନ୍ତ୍ରରେ ପୂର୍ଣ୍ଣାହୁତି ଦେବ ।

"ତାପରେ ନାରଦ ପୁଣ୍ୟାହ ବାଚନ କରି ଗନ୍ଧ ଚନ୍ଦନ ଓ ପୁଷ୍ପ ଦ୍ୱାରା ଧ୍ୱଜ ପୂଜନ କରିବ । ତତ୍ପରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ଧ୍ୱଜ ନିକଟରେ ପ୍ରାର୍ଥନା କରିବ । ତତ୍ପରେ ଧ୍ୱଜ ଓ କୁମ୍ଭକୁ ନେଇ ରଥ ନିକଟକୁ ଯାଇ ଗରୁଡ଼ ସୂକ୍ତ ପାଠ କରିବା ସଙ୍ଗେ ସଙ୍ଗେ ଧ୍ୱଜ ପୂଜନ କରିବ । ତତ୍ପରେ ସେହି କଳସକୁ ଉଠାଇ ରଥକୁ ପ୍ରକ୍ଷାଳନ କରିବ । ଏହି କ୍ରମରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥକୁ ମାର୍ଜନା କରିବ । ଏହିପରି ଭାବରେ ରଥ ପ୍ରତିଷ୍ଠା କରିବା ପରେ ନିଜ ଶକ୍ତି ଅନୁସାରେ ବ୍ରାହ୍ମଣଙ୍କୁ ଦକ୍ଷିଣା ଦେବ । ସେହି ଦକ୍ଷିଣା ମଧ୍ୟରେ ସୁବର୍ଣ୍ଣ, ରଜତ ଓ ଅନ୍ୟାନ୍ୟ ରତ୍ନ, ଧାନ୍ୟ ଓ ଗୋରୁ ରହିବା ବିଧେୟ" ।

"ହେ ମୁନିବୃନ୍ଦ", ସୂତ ମହର୍ଷି କହିଲେ, ନାରଦ ଏହିପରି ରୀତିରେ ରଥ ପ୍ରତିଷ୍ଠା କରି ଅନ୍ୟାନ୍ୟ ମୁନିଙ୍କ ସହିତ ଶ୍ରୀହରିଙ୍କ ସମ୍ମୁଖକୁ ଯାଇଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ତତ୍ପରେ ପୁଷ୍ପାଞ୍ଜଳି ପ୍ରଦାନ କରି ଶ୍ରୀହରିଙ୍କ କଟିରେ ତିନିବାର ପାଟ ସୂତା ଗୁଡ଼ାଇ ବିଶ୍ୱାବସୁ ଓ ବିଦ୍ୟାପତିଙ୍କ ବଂଶଜମାନଙ୍କ ସହିତ ବ୍ରହ୍ମାଙ୍କୁ ରଥରେ ସ୍ଥାପନ କରିଥିଲେ । ଭକ୍ତିର ସହିତ ବ୍ରହ୍ମାଙ୍କୁ ରଥରେ ବସାଇ ଇନ୍ଦ୍ରଦ୍ୟୁମ୍ନ ତିନିଥର ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ତାପରେ ସ୍ୱର୍ଣ୍ଣନିର୍ମିତ ଝାଡ଼ୁକା (ସମ୍ମାର୍ଜନୀରେ) ରଥକୁ ପରିଷ୍କାର କରି, ଚନ୍ଦନ ଜଳ ସେଚନ କରିଥିଲେ । ଅବଶିଷ୍ଟ ଚନ୍ଦନ ଜଳକୁ ରଥର ଅନ୍ୟ ଅଙ୍ଗକୁ ସିଞ୍ଚି ଦେଇ ଶ୍ରୀହରିଙ୍କୁ ଦିବ୍ୟ ବସ୍ତ୍ରରେ ବିଭୂଷିତ କରାଇବା ପରେ ରାଜା ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ପୂର୍ବ ଦିଗରେ ଦ୍ୱାଦଶ ସୂର୍ଯ୍ୟ, ଅଗ୍ନିକୋଣରେ ବାସୁ, ଅଷ୍ଟବସୁ ଓ ଅଶ୍ୱିନୀକୁମାର, ଦକ୍ଷିଣ ଦିଗରେ ଗରୁଡ଼ ପନ୍ନଗ ଓ ରୁଦ୍ରଗଣ, ନୈଋତ କୋଣରେ ନବଗ୍ରହ, ପଶ୍ଚିମ ଦିଗରେ ରାକ୍ଷସ, ବାୟୁକୋଣରେ ଯାତ୍ରୁ, ଉତ୍ତର ଦିଗରେ ଧାନ, ଦିଗପାଳ ଗଣ ଏବଂ ଐଶାନ୍ୟ କୋଣରେ କ୍ଷେତ୍ରପାଳ ଓ ଗଣେଶଙ୍କୁ ପୂଜା ଓ ଭୋଗ କରି ରଥ ଚାଳନାରେ ସମସ୍ତ ବିଘ୍ନ ବିନାଶ କରିବ ବୋଲି ରାଜା ପ୍ରାର୍ଥନା କରିଥିଲେ ।

"ହେ ଶୌନକାଦି ମୁନିଗଣ" ସୂତ କହିଲେ, "ରଥ ଭଗ୍ନ ଲାଗିଗଲେ ବ୍ରାହ୍ମଣକ୍ଷୟ । ଅକ୍ଷ ଭଙ୍ଗ ହେଲେ କ୍ଷତ୍ରିୟ କ୍ଷୟ । ତୁଳା ଭଙ୍ଗ ହେଲେ ବୈଶ୍ୟ କ୍ଷୟ ଓ ଶମା ଭାଙ୍ଗିଲେ ଶୁଦ୍ର କ୍ଷୟ । ଧୁରା ଭାଙ୍ଗିଲେ ଅନାବୃଷ୍ଟି, ପୀଠ ଭଙ୍ଗରେ ପ୍ରଜା କ୍ଷୟ । ଚକ ଭଙ୍ଗ ହେଲେ ରାଜାଙ୍କର ଶତ୍ରୁ ଭୟ । ପ୍ରତିମା ଭଙ୍ଗ ହେଲେ ନିଶ୍ଚିତ ଭାବରେ ରାଜାର ମୃତ୍ୟୁ ହୋଇଥାଏ । ତେଣୁ ହେ ମହର୍ଷିଗଣ ! ରଥର ପୂର୍ବ କିମ୍ବା ଉତ୍ତର ଦିଗରେ ସ୍ୱସ୍ତିବାଚନ ପୂର୍ବକ ପଲାଶ ସମିଧରେ ଘୃତ ଢାଳି ଅଗ୍ନିଙ୍କୁ ଯଥା ବିଧିରେ ପୂଜା କରିବା ଆବଶ୍ୟକ । ୨୦୦୮ ଥର ହୋମ ତଥା ଚରୁ ପ୍ରଦାନ ପୂର୍ବକ, ସୋମ ଅଗ୍ନି ପ୍ରଜାପତି, ନବଗ୍ରହ ଦିଗ ପାଳାଦିଙ୍କୁ ଅର୍ଚ୍ଚନା କରିବା ବିଧେୟ । ଏହିପରି ରୀତିରେ ସ୍ୱସ୍ତିକର୍ମ ସମାପ୍ତ କରି ବହୁବିଧ ପ୍ରସାଦରେ ବିଷ୍ଣୁଙ୍କୁ ପୂଜା କରିବା ପରେ ସାଷ୍ଟାଙ୍ଗ ପ୍ରଣିପାତ କରିବ ।"

"ହେ ଜିଜ୍ଞାସୁ ମୁନିଗଣ"! ସୂତ କହିଲେ– "ରଥଯାତ୍ରା ସମୟରେ ଉତ୍ପାତ ନିବାରଣ କରାଯିବା ପାଇଁ ଏପରି କରାଯିବା ବିଧେୟ ବୋଲି ଆଗରେ ବର୍ଣ୍ଣନା କଲି । ତା'ପରେ ନାରଦ, ଅନ୍ୟାନ୍ୟ ଦେବଗଣ, ମୁନିସମୂହ, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗାଲବ ଓ ଅନ୍ୟାନ୍ୟ ଉପସ୍ଥିତ ବ୍ୟକ୍ତିମାନେ ରଥ ଦଉଡ଼ିକୁ ଦୃଢ଼ଭାବରେ ଟାଣି ନେଇ ପ୍ରାସାଦ (ମନ୍ଦିର) ସମ୍ମୁଖରେ ଉପସ୍ଥାପିତ କରାଇଲେ ।

ଏହି ସମୟରେ ଶତହଂସ ସମନ୍ୱିତ ଦିବ୍ୟ, ସୁବର୍ଣ୍ଣ ରଥରେ ପ୍ରଜାପତି ବ୍ରହ୍ମା, ସାବିତ୍ରୀ ଓ ସରସ୍ୱତୀ ଗହଣରେ ଆସି ଉପସ୍ଥିତ ହେଲେ । ସେହି ସମୟରେ ଦେବତା ଓ ଋଷିମାନେ ସ୍ତୁତି ଆରମ୍ଭ କଲେ । ତାଙ୍କ ବିମାନ ପହଞ୍ଚିବା ମାତ୍ରେ ନାରଦ, ଇନ୍ଦ୍ରଦ୍ୟୁମ୍ନ ଓ ଅନ୍ୟମାନେ ଭୂମିରେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ବ୍ରହ୍ମା, ଦେବଗଣ, ଇନ୍ଦ୍ରଦ୍ୟୁମ୍ନ ଓ ଅନ୍ୟମାନେ ବହୁବିଧ ସ୍ତୁତି କରି ନାରାୟଣଙ୍କ ରଥରେ ପ୍ରବେଶ କରିଥିଲେ । ବ୍ରହ୍ମା, ସାମବେଦ ଗାନରେ ବଳଭଦ୍ରଙ୍କୁ, ଋକ୍ ବେଦ ଗାନରେ ସୁଭଦ୍ରାଙ୍କୁ ଯଜୁର୍ବେଦ ଗାନରେ ସୁଦର୍ଶନ ଓ ମାଧବ, ତଥା ଲକ୍ଷ୍ମୀ ଓ ଭୂଦେବୀଙ୍କୁ ପ୍ରୀତ କଲେ । ଅଥର୍ବ ଗାନରେ ସ୍ତୁତି କରିବା ସଙ୍ଗେ ସଙ୍ଗେ ଭରଦ୍ୱାଜ ଓ ବଶିଷ୍ଠାଦି ମୁନିମାନେ ମନ୍ଦିରର ପ୍ରତିଷ୍ଠା କରିଥିଲେ । ତତ୍ପରେ ଶାନ୍ତି ପୁଷ୍ଟି କର୍ମ ଶେଷ କରି ରାମ (ବଳରାମ), ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନଙ୍କୁ ରଥରୁ ଅଣାଇ ରତ୍ନ ସିଂହାସନରେ ବିଧି ପୂର୍ବକ ଅବସ୍ଥାପିତ କରାଇ, ପୁରୁଷ ସୂକ୍ତରେ ବଳଭଦ୍ର, ଶ୍ରୀସୂକ୍ତରେ ଜଗନ୍ନାଥ, ଦେବୀ ସୂକ୍ତରେ ସୁଭଦ୍ରାଙ୍କୁ ଅଭିଷେକ କରାଇଥିଲେ । ବ୍ରହ୍ମା ଏହି ଅଭିଷେକ ପରେ ପୂଜା ଅର୍ଚ୍ଚନା କରିଥିଲେ ଏବଂ ପରିଶେଷରେ ଭୈରବ ମନ୍ତ୍ରରେ ପ୍ରାର୍ଥନା କରିଥିଲେ । ବ୍ରହ୍ମା ସେହି ପ୍ରାର୍ଥନାରେ ବିଷ୍ଣୁଙ୍କୁ ଭୈରବ ରୂପରେ ଆବାହନ କରି କହିଲେ– "ହେ ତ୍ରିପୁର ନାଶକ, ହେ– ଭୀମକାନ୍ତ ଚକ୍ରଧର ହେ ପଲାଶ କୁସୁମ ସମ କାନ୍ତିମାନ, ହେ ଊର୍ଦ୍ଧ୍ୱକେଶ, ହେ କରାଳାକ୍ଷ ହେ କାଳରୂପୀ, ମୁଁ ଆପଣଙ୍କୁ ଆବାହାନ କରୁଛି ।

ସ୍ୱରଚିତ ଶ୍ରୀଜଗନ୍ନାଥ ସେବାୟତ (ଅତୀତ, ବର୍ତ୍ତମାନ, ଭବିଷ୍ୟତ)"ରେ ଶ୍ରୀଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠାର ସମୟ ବିଷୟରେ ବିଶଦ୍ ଭାବରେ ୩ୟ ଓ ୪ର୍ଥ ପୃଷ୍ଠାରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ପ୍ରାଚୀନତା ପ୍ରସଙ୍ଗରେ ବର୍ଣ୍ଣନା ଅଛି । ଏଥିରୁ ସିଦ୍ଧାନ୍ତ ଏହି ଯେ ସ୍ୱାରୋଚିଷ ମନୁଙ୍କର ପ୍ରଥମ ସତ୍ୟଯୁଗରେ ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ପୁଷ୍ୟାନକ୍ଷତ୍ର ଯୁକ୍ତ ଗୁରୁବାରରେ ସ୍ୱୟଂ ବ୍ରହ୍ମା ଉକ୍ତ ଦାରୁବିଗ୍ରହମାନଙ୍କୁ ନୀଳାଚଳସ୍ଥ ମନ୍ଦିରରେ ପ୍ରତିଷ୍ଠା କରିଥିଲେ । ଯାହା ବର୍ତ୍ତମାନ ସମୟକୁ ନିମ୍ନ ଗଣନାନୁସାରେ ପୂର୍ବୋକ୍ତ ଦାରୁବିଗ୍ରହମାନଙ୍କର ନିର୍ମାଣ ଗତ ୧୯୬,୮୬୭୦୦୦ ବର୍ଷରୁ ସ୍ୱାୟମ୍ଭୁବ ମନୁଙ୍କ ଅବଶିଷ୍ଟ ୨୦ ଚତୁର୍ଯୁଗର କାଳ ହେଉଛି

୪୩,୨୦,୦୦୦×୨୦–୩୦,୨୪,୦୦୦,୦୦ ବାଦ୍ ଦେଲେ ୪୩,୨୯,୯୯,୦୭୦ ବର୍ଷ ଅର୍ଥାତ୍ ଆଜକୁ ଏକଶତ ଛଅଷଠି କୋଟି ଅଣଷଠି ଲକ୍ଷ ଅଣତିରିଶ ହଜାର ଷାଠିଏ ବର୍ଷ ପୂର୍ବରେ ନୀଳାଚଳ ନିଜମନ୍ଦ ମନ୍ଦିରରେ ଦାରୁ ବିଗ୍ରହମାନଙ୍କର ପ୍ରତିଷ୍ଠା ହୋଇଛି। ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ନିର୍ମିତ ଉକ୍ତ ମନ୍ଦିରର ଉଚ୍ଚତା ସେ ସମୟରେ ହସ୍ତକର ମୁଷ୍ଟିତଂ ଅର୍ଥାତ୍ ବଳ ସହସ୍ର ହସ୍ତ ପଦମିତ ଥିଲା ଯାହା ଆଜିକାଲିର ଫୁଟ ହିସାବରେ ୧,୫୦୦ ଫୁଟ ଉଚ୍ଚ ହେବ।

ରଥଯାତ୍ରାର ଏଇ ପ୍ରାଚୀନତମ ବିବରଣୀ ଉପାସନା ପ୍ରବର୍ତ୍ତନ ସମ୍ପର୍କରେ ଧାରଣା ଦେବା ସଙ୍ଗେ ସଙ୍ଗେ ମହାବିଷ୍ଣୁଙ୍କ କରୁଣାର ଅମ୍ଳାନ ଆଲୋକ ଧାରା ବିଚ୍ଛୁରିତ କରେ।

---

ପ୍ରଧାନୀ ସେବାୟତ,
ସଚିବ, ନବକୃଷ୍ଣ ଚୌଧୁରୀ,
ଉନ୍ନୟନ ଅଧ୍ୟୟନ କେନ୍ଦ୍ର,
ପ୍ଲଟ–୯– ଚନ୍ଦ୍ରଶେଖରପୁର, ଭୁବନେଶ୍ୱର।



ହୀରା ସିମେଣ୍ଟ ସମ୍ପର୍କରେ ବିଶ୍ୱ ବ୍ୟାଙ୍କ୍ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ତାଙ୍କ ସଚିବାଳୟ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଲୋଚନା କରୁଛନ୍ତି (୨୮/୭)।

# ଗ୍ରାମାଞ୍ଚଳ ବିକାଶରେ ସାମାଜିକ ବନୀକରଣ

ସୁଇଡେନ୍ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା (SIDA) ସହାୟତାରେ ସାମାଜିକ ବନପ୍ରକଳ୍ପର କାର୍ଯ୍ୟକ୍ରମ ଓଡ଼ିଶାର ସବୁ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ଗଛ ଲଗାଇବା, ପ୍ରକଳ୍ପ ଜରିଆରେ ଗାଆଁଗହଳିର ବିକାଶ ଏହି ଯୋଜନାର ଲକ୍ଷ୍ୟ । ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ଲୋକଙ୍କୁ ସାମିଲ କରି ସେମାନଙ୍କ ମନରେ ଗଛ ଲଗାଇବା ସେଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗଣଚେତନା ସୃଷ୍ଟି କରିବା ଏହା ହେଉଛି ପ୍ରଧାନ ଦିଗ । ଲୋକଙ୍କର ଜାଳେଣି କାଠ ଓ ଛୋଟ କାଠ ପାଇଁ ଦେଖାଦେଇଥିବା ଅଭାବ ଦୂର କରିବା ସଙ୍ଗେ ସଙ୍ଗେ ଆମ ସଂରକ୍ଷିତ ଜଙ୍ଗଲଗୁଡ଼ିକର ସୁରକ୍ଷା କରାଯାଇ ପାରିବାର ଗୁଣିକାଠି ସାମାଜିକ ବନ ଓ ଖେତକଡ଼ରେ ଜଙ୍ଗଲ ସୃଷ୍ଟି କରିବା ହାତରେ ହିଁ ରହିଛି ।

ଜଙ୍ଗଲ ସୃଷ୍ଟିହେଲେ ଗାଆଁଗହଳର ଲୋକଙ୍କର ଜାଳେଣିକାଠ, ଛୋଟ କାଠ ଓ ଗୋଖାଦ୍ୟ ପାଇଁ ରହିଥିବା ଦୈନନ୍ଦିନ ସୁବିଧା ମେଣ୍ଟାଯାଇପାରିବ ଏବଂ ସେ ଜଙ୍ଗଲର ଦାୟିତ୍ୱ ନେଇ ତା'ର ପରିଚାଳନା ସେମାନେ ସୁଷ୍ଠୁରୂପେ ତୁଲାଇ ପାରିବେ । ସାମାଜିକ ବନପ୍ରକଳ୍ପର ଏହା ହେଉଛି ଅନ୍ୟଗୋଟିଏ ଲକ୍ଷ୍ୟ ।

ସେଇ ଉଦ୍ଦେଶ୍ୟ ରଖି ଗ୍ରାମ ବା ଅନେକଗୁଡ଼ିଏ ଗ୍ରାମକୁ ବାଛିବା, ଗାଆଁରେ ମିଳୁଥିବା ସୁବିଧା ସୁଯୋଗର ଖସଡ଼ା ପ୍ରସ୍ତୁତି, ଗଛ ଲଗାଇବା ସ୍ଥାନ ନିରୂପଣ, ଗ୍ରାମ୍ୟ ଜଙ୍ଗଲ କମିଟି ଗଠନ, ବୃକ୍ଷରୋପଣର ବିଭିନ୍ନ କାର୍ଯ୍ୟକ୍ରମ ଯଥା : ଚାରା ପ୍ରସ୍ତୁତି, କି କି ଗଛ ଲଗାଯିବ ତା'ର ତାଲିକା, ଖାତ ଖୋଳା, ଗଛ ଲଗାଇବା, ଘାସ ବଛାବଛି, ସାର ପ୍ରୟୋଗ ଏବଂ ନୂଆହୋଇ ସୃଷ୍ଟି କରାଯାଇଥିବା ଜଙ୍ଗଲର ସୁରକ୍ଷା କାମରେ ଲୋକଙ୍କୁ ଶାରୀରିକ ତଥା ମାନସିକ ଭାବରେ ସାମିଲ କରାଇବା ଯୋଜନାର ଅନ୍ତର୍ଭୁକ୍ତ । କାର୍ଯ୍ୟକ୍ରମଗୁଡ଼ିକ ସୁଷ୍ଠୁ ଭାବରେ ତୁଲାଇବା ପାଇଁ ଲୋକଙ୍କୁ ତାଲିମ ଦେବାର ବ୍ୟବସ୍ଥା ରହିଛି । କାରଣ ତା' ଉପରେ ଯୋଜନାର ସଫଳତା ନିର୍ଭର କରେ । ଲୋକଙ୍କ ସକ୍ରିୟ ସହଯୋଗ ଆଣିବାକୁ ହେଲେ ଗଛ ଲଗାଇ ଗାଆଁଗହଳକୁ ସବୁଜ କରିବା ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ଇତ୍ୟାଦି ବୁଝାଇବା ତଥା ଗଣଚେତନା ନିଶ୍ଚିତ ଦରକାର । ସେଥିପାଇଁ ଗାଆଁଲୋକମାନଙ୍କ ସହିତ ପ୍ରକଳ୍ପ କର୍ମଚାରୀମାନଙ୍କର ବାରମ୍ବାର ଯୋଗାଯୋଗ ଆଲୋଚନା କରିବା ନିହାତି ଜରୁରୀ କେବଳ ସର୍ବସାଧାରଣ ସମ୍ପତ୍ତିର ଭୋକ୍ତା ନହୋଇ ଲୋକଙ୍କୁ ଉଭୟ ମୌଳିକ ଓ ଲୋକର ଦାୟିତ୍ୱ ନେବାକୁ ହେବ । ସେଥିପାଇଁ ସେମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ ହେବାକୁ ହେଲେ ମନେରଖିବାକୁ ହେବ ଯେ, ସେମାନେ ଜଣେ ଜଣେ ବ୍ୟକ୍ତି ଏବଂ ଏହି ସର୍ବସାଧାରଣ ସମ୍ପତ୍ତିର ମାଲିକାନା ପାଇଁ ଜଣେ ମେମ୍ବର ମଧ୍ୟ । ବିଭାଗୀୟ କର୍ମଚାରୀମାନଙ୍କର ଦାୟିତ୍ୱ ଓ ବ୍ୟବହାରରେ ପରିବର୍ତ୍ତନ ମଧ୍ୟ ଆସିବା ଦରକାର । ସେମାନେ ପ୍ରଥମେ ନିଜକୁ ପ୍ରବର୍ତ୍ତକ, ବୃକ୍ଷରୋପଣକାରୀ ଏବଂ ସୁରକ୍ଷାକାରୀ ହିସାବରେ ମନେକରି, ତାପରେ ଧୀରେ ଧୀରେ ଦାୟିତ୍ୱକୁ ଲୋକଙ୍କୁ ହସ୍ତାନ୍ତର କରିବେ ।

ଏହି ପ୍ରକଳ୍ପ ନିଜର ନିର୍ଦ୍ଧାରିତ ପଥରେ ଅଗ୍ରସର ହୋଇ ଗାଆଁଗହଳିରେ ସୁସ୍ଥ ପରିବେଶ ସୃଷ୍ଟିକରିବା ସହିତ ପ୍ରଚୁର ଗଣଚେତନା ସୃଷ୍ଟି କରିବାକୁ ହୋଇଛି ସକ୍ଷମ । ଏ ମଧ୍ୟରେ ୨୦୦ ବର୍ଗ କିଲୋମିଟର ପରିମିତ ବିଭିନ୍ନ ଜଙ୍ଗଲ ସୃଷ୍ଟି ହୋଇପାରିଛି, ୨୨୮ ବର୍ଗ କିଲୋମିଟରର ଆୟତନର ଉଜୁଡ଼ା ଜଙ୍ଗଲ ପୁନରୁଦ୍ଧାର ହୋଇଛି ଚାଷୀମାନଙ୍କୁ ୧୧.୭୫ କୋଟି ଚାରା ବିତରଣ କରାଯାଇଛି । ମୋଟାମୋଟି ସମସ୍ତ କାର୍ଯ୍ୟକ୍ରମରେ ଟ ୮୪.୨୨ କୋଟି ଟଙ୍କା ବ୍ୟୟ କରାଯାଇଛି । ମୋଟ ଉପରେ ଯୋଜନା ଅନୁଯାୟୀ ଲକ୍ଷ ଧାର୍ଯ୍ୟ ହୋଇପାରିଛି । ଏହା ଆନନ୍ଦର କଥା ।

ବିଭିନ୍ନ କାର୍ଯ୍ୟକ୍ରମର ଉପାଦାନଗୁଡ଼ିକ ହେଲା ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ପୁନଃ ବନୀକରଣ, ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ଗ୍ରାମାଞ୍ଚଳର ଭୂମିହୀନ ଗରିବଲୋକଙ୍କ ପାଇଁ କୃଷିଭିତ୍ତିକ ଜଙ୍ଗଲ ସୃଷ୍ଟି, ଚାରା ବିତରଣ, ନଙ୍ଗଳାପାହାଡ଼ରେ ବୃକ୍ଷରୋପଣ ଏବଂ ଅନୁଷ୍ଠାନରେ ବୃକ୍ଷରୋପଣ ଇତ୍ୟାଦି । ପ୍ରତି ସ୍ତରର ଲୋକମାନଙ୍କ ସାମିଲ ଏବଂ ସାମଗ୍ରିକ ପରିଚାଳନା ପାଇଁ କମିଟି ଗଠନ ଓ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ଖସଡ଼ାରେ ବ୍ୟବସ୍ଥା ରହିଛି । ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଜଙ୍ଗଲ ସମ୍ପତ୍ତିର ଉତ୍ପାଦିତ ଜାଳେଣି ପଦାର୍ଥ ଗାଆଁର କୋଠ ସମ୍ପତ୍ତି । ପ୍ରଥମରୁ ତା'ର ଅମଳ ଓ ସୁଷମ ବଣ୍ଟନ ବ୍ୟବସ୍ଥାରେ ସାହାଯ୍ୟ କରିବା ଦାୟିତ୍ୱ ପ୍ରକଳ୍ପ କର୍ମଚାରୀଙ୍କର ସବୁଠାରୁ ଅଧିକ ଦରକାର ପଡ଼ିଲେ ମଧ୍ୟ ପରେ ଅବସ୍ଥାରେ ଏକତ୍ର ସାମିଲ ହୋଇ ତା'ର ସୁପରିଚାଳନା ଭାରକୁ ଗ୍ରାମ୍ୟ ଜଙ୍ଗଲ କମିଟି ନିଜେ ଗ୍ରହଣ କରିନିଅନ୍ତି । ଗାଆଁ ଗହଳିର ଆଦିବାସୀ ଓ ହରିଜନ ଇତ୍ୟାଦି ଗରିବ ଶ୍ରେଣୀର ଲୋକେ

ମହିଳାମାନଙ୍କର ସକ୍ରିୟ ଭୂମିକା ଏଥିରେ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଗ୍ରାମ ଜଙ୍ଗଲ ନିୟମାବଳିରେ ତାହା ଉପରେ ଅନେକଟା ବ୍ୟବସ୍ଥା ରହିଛି। ଗ୍ରାମ ଜଙ୍ଗଲ ସୃଷ୍ଟି କରିବାକୁ ଯୁବକ ଓ ଛାତ୍ରମାନଙ୍କୁ ସାମିଲ କରାଯିବା ଦରକାର। ସେହି ଲକ୍ଷ୍ୟନେଇ ଛାତ୍ରମାନଙ୍କୁ ନେଇ ରାଜ୍ୟର କେତେକ ଅଞ୍ଚଳରେ ସବୁଜ ବାହିନୀ ଗଢ଼ାଯାଇଛି। ସେମାନେ ଚାରାକ୍ଷେତ୍ର ପ୍ରସ୍ତୁତ କରିବା, ଚାରା ବିଭିନ୍ନ ଗାଁ ଲୋକଙ୍କୁ ବାଣ୍ଟିବା ତଥା କାର୍ଯ୍ୟକ୍ରମର ଅଗ୍ରଗତି ବିଷୟରେ ସୂଚନା ଦେବା ଇତ୍ୟାଦି କାମ କରିଥାଆନ୍ତି। ଏହି ହିସାବରେ ସମୁଦାୟ ଗାଆଁଲୋକେ ନିଜକୁ ଏପରି ସାମିଲ କରିଥାନ୍ତି ଯେ ଗ୍ରାମ୍ୟ ଜଙ୍ଗଲ କମିଟି ଅଧିକ କିଛି କରିବାର ଥାଏ। ସମସ୍ୟା ଆସିଛି, ଯେଉଁସବୁ ଦୋଷ ତ୍ରୁଟି ରହିଯାଉଛି, ତାକୁ ଚିହ୍ନଟ କରି ସୁଧାରି ନେବାର ବ୍ୟବସ୍ଥା କରିବା। ଜୀବିତ ଗଛ ସଂଖ୍ୟାରେ ଉନ୍ନତି ଆଣିବାକୁ ହେବ। ପରିସ୍ଥିତି ଦେଖି ବର୍ତ୍ତମାନ ରୋପିତ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ନିଆଯାଉଛି। ଚାରା ଉତ୍ପାଦନ ପ୍ରାୟ ତିନିମାସ ସମୟ ନିଏ।

ତା'ର ସମୟକାଳ ବଢ଼ାଇଦେଇ ସ୍ଥାୟୀ ଚାରା କ୍ଷେତ୍ରର ବ୍ୟବସ୍ଥା କରାଯିବା ଦରକାର। ତାହେଲେ ଲୋକଙ୍କ ମତାମତ ନେଇ ଗ୍ରାମ୍ୟ ଜଙ୍ଗଲ ଓ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ପାଇଁ ଚାରା ସୁବିଧାରେ ମିଳିପାରିବ।

ଲୋକଙ୍କ ସହିତ ସମ୍ପର୍କ ରଖୁଥିବା ପ୍ରକଳ୍ପ କର୍ମଚାରୀମାନଙ୍କ ମଧ୍ୟରେ ଗ୍ରାମ ଜଙ୍ଗଲ କର୍ମଚାରୀ। ଯଦି ସୁପରଭାଇଜର, କିମ୍ବା ଓଭରସିୟର, ଗ୍ରାମ ଲୋକଙ୍କ ସହିତ ସେମାନଙ୍କ ସମ୍ପର୍କ ଆହୁରି ବଢ଼ାଇଦେବେ ତେବେ ଲୋକଙ୍କର ଅଧିକ ବିଶ୍ୱାସ ଭାଜନ ହୋଇପାରିବେ। ପ୍ରକଳ୍ପ ଅଧିକାରୀମାନେ ସରକାରୀ ଖାକୀପୋଷାକ ପିନ୍ଧିଲେ ଲୋକମାନଙ୍କର ସହଯୋଗ ପାଇ ପାରିବେ ନାହିଁ। ଏହି ଧାରଣା ଭ୍ରମାତ୍ମକ। ବାରମ୍ବାର ସେମାନଙ୍କ ସହ ମିଶି, ସେମାନଙ୍କ ସହିତ ଆଳାପ ଆଲୋଚନା କରି କାର୍ଯ୍ୟକଲେ ଲୋକଙ୍କ ସହଯୋଗ ନିଶ୍ଚିତରୂପେ ମିଳିପାରିବ। ସେଥିପାଇଁ ବାରମ୍ବାର ସେ ଗାଁକୁ ଯାଇ ସମ୍ପର୍କ ଯୋଡ଼ିବାକୁ ହେବ। ତାହେଲେ କେବଳ ତାଲିମ ଜରିଆରେ ନୁହେଁ, ଗ୍ରାମ୍ୟ ଜଙ୍ଗଲ କମିଟି ଓ ପ୍ରକଳ୍ପ କର୍ମକର୍ତ୍ତାମାନେ ଅଧିକ କାର୍ଯ୍ୟଦକ୍ଷ ହୋଇ ଯୋଜନାକୁ କାର୍ଯ୍ୟକାରୀ କରିବାରେ ସମର୍ଥ ହେବେ।

ନୂତନ ଚାଲୁ ଜମିର ପରିଚାଳନା ପଦ୍ଧତିକୁ ପୋଡୁଚାଷ ଅଞ୍ଚଳରେ ଗତାନୁଗତିକ ଧାରାରେ ଚଳି ଆସୁଥିବା କ୍ଷତିକାରକ ଚାଷ ପଦ୍ଧତିକୁ ପରିବର୍ତ୍ତନ କରାଯାଇ ଉପଯୋଗ କରାଯାଇପାରେ। ପୋଡୁଚାଷକୁ ପ୍ରକଳ୍ପର ଏକ ଅତି ଜରୁରୀ କାର୍ଯ୍ୟକ୍ରମ ହିସାବରେ ଗ୍ରହଣ କରାଯିବା ଉଚିତ। ବିସ୍ତୃତ ଅଞ୍ଚଳରେ ପୋଡୁଚାଷ ନକରିବା ପାଇଁ ପୋଡୁଚାଷୀଙ୍କୁ ଶିକ୍ଷା ଦେଇ ପାରିଲେ ପତିତ ଜମି ଉନ୍ନୟନ ଯୋଜନାର ସଫଳ ରୂପାୟନ ହୋଇପାରିବ। ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ଓ ପରିବେଶ ଉନ୍ନତି ପାଇଁ ଏହି ପ୍ରକଳ୍ପର କାର୍ଯ୍ୟକ୍ରମ ହିଁ ଏକମାତ୍ର ପନ୍ଥା। ରାଜ୍ୟବାସୀଙ୍କ ସ୍ୱାର୍ଥପାଇଁ ଏହି ପ୍ରକଳ୍ପର ସଫଳତା ନିମନ୍ତେ ସବୁ ସ୍ତରରେ ସମସ୍ତେ ସହଯୋଗ କରିବା ଆବଶ୍ୟକ।

(ଇକନମିକ୍ ଟାଇମସ୍ ସୌଜନ୍ୟରୁ)



କେନ୍ଦୁଲିଠାରେ ବନ ମହୋତ୍ସବ ଉପଲକ୍ଷେ ଆୟୋଜିତ ଏକ ସଭାରେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ରଘୁନାଥ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି (୬/୭)।

# 'ଦୁଃଖିନୀ କନିକା'ର ବିପ୍ଳବୀ ଆନନ୍ଦଚନ୍ଦ୍ର

* ଶରତ କୁମାର ରାଉତ

ଆନନ୍ଦ ଚନ୍ଦ୍ର ଜେନା ପୂର୍ବତନ କନିକା ଜମିଦାରୀର ଏକ ଅନାମଧେୟ ଗ୍ରାମ ତାଳିକା ଔଳାରେ ୧୮୮୪ ମସିହା ଜୁଲାଇ ମାସ ୧୭ ତାରିଖରେ ଏକ ଖଣ୍ଡାୟତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ବାପା ଖଗେଶ୍ୱର ଜେନା ବେଙ୍ଗଲରେ ପୋଲିସ୍ ଏସ୍. ଆଇ. ପଦରୁ ବହିଷ୍କୃତ ହେବା ପରେ କଲିକତାର ଜଗଦ୍ଦଳ ବଜାରରେ ଗୋଟିଏ ଲୁହା ଲଙ୍ଗର ଦୋକାନ କରି ରହୁଥିବାରୁ ଆନନ୍ଦ ଚନ୍ଦ୍ର ମଧ୍ୟ ଉଚ୍ଚ ଶିକ୍ଷା ନିମିତ୍ତ କଲିକତାରେ ରହୁଥିଲେ ।

ଏଣ୍ଟ୍ରାନ୍ସ ପାଶ୍ କରିବା ପରେ ବାପାଙ୍କର କେତେକ ଘନିଷ୍ଠ ବନ୍ଧୁଙ୍କ ସହାୟତାରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଓ ଅରବିନ୍ଦ ଘୋଷ, ଚିତ୍ତରଞ୍ଜନ ଦାସ, ରାସବିହାରୀ ବୋଷ ପ୍ରମୁଖଙ୍କ ସହ ତାଙ୍କର ସମ୍ପର୍କ ପ୍ରତିଷ୍ଠା ହେଲା ।

୧୯୦୫ ମସିହା ବଙ୍ଗ ଭଙ୍ଗ ଆନ୍ଦୋଳନରେ ଆନନ୍ଦ ଚନ୍ଦ୍ର ସକ୍ରିୟ ଅଂଶ ଗ୍ରହଣ କରି ପ୍ରଥମ ଥର ପାଇଁ କାରାବରଣ କଲେ । ୧୯୦୪ ମସିହାରେ ଓଡ଼ିଶାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ଯୋଗଦେବା ପରେ ଗୋପବନ୍ଧୁ ଦାସ ଓ ମଧୁସୂଦନ ଦାସଙ୍କ ସହ ତାଙ୍କର ସମ୍ପର୍କ ଦୃଢ଼ ହୋଇଥିଲା ।

ଆନନ୍ଦ ଚନ୍ଦ୍ର ୧୯୨୭ରେ ପ୍ରଥମ ଥର ପାଇଁ ସାବରମତୀ ଆଶ୍ରମ ଯାଇ ଦୀର୍ଘ ୩ ମାସ ସେଠାରେ ରହିବା ଭିତରେ ଗାନ୍ଧିଜୀଙ୍କ ସହ ବହୁ ଜାତୀୟ ସ୍ତରର ନେତାଙ୍କ ସହ ତାଙ୍କର ପରିଚୟ ହେଲା । ଦ୍ୱିତୀୟ ଥର ଆନନ୍ଦ ଚନ୍ଦ୍ର ଗୋପବନ୍ଧୁ ଦାସଙ୍କ ସହ ସାବରମତୀ ଯାଇ ଗାନ୍ଧୀଙ୍କ ସମେତ ବହୁ ଜାତୀୟ ସ୍ତରର ନେତାଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ୧୯୧୯ରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଦ୍ୱାରା ଉତ୍କଳର ସର୍ବାଙ୍ଗୀନ ଉନ୍ନତି ସାଧନ କରିଥିବା ଓ ପ୍ରଚେଷ୍ଟା କରିଥିବା ଗୋପବନ୍ଧୁ ଓ ମଧୁସୂଦନଙ୍କୁ ଯେଉଁ ଉପାଧି ଯଥାକ୍ରମେ ଉତ୍କଳମଣି ଓ ଉତ୍କଳ ଗୌରବ ପ୍ରଦାନ କରାଯାଇଥିଲା, ସେଥିପାଇଁ ଆନନ୍ଦ ଚନ୍ଦ୍ରଙ୍କ ଭୂମିକା ଥିଲା ବେଶ୍ ଉଲ୍ଲେଖନୀୟ ।

୧୯୨୪ରେ ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିଲା । ଆବାଳ-ବୃଦ୍ଧ-ବନିତା ହାହୁତାଶରେ ଭାଙ୍ଗି ପଡ଼ିଥିବା ବେଳେ ଇଂରେଜ ସରକାରର ଖଜଣା ଆଦାୟ କରିବାର ବିରାମ ନଥିଲା । ଓଡ଼ିଶାର ଦୁଃଖ ସହି ନପାରି ଗାନ୍ଧିଜୀ ନାଲି ଖୁଦ ବାଣ୍ଟିବା ପାଇଁ ଆହ୍ୱାନ ଦେବାରୁ ଆନନ୍ଦ ଚନ୍ଦ୍ର ଓ ଗୋପବନ୍ଧୁ ଦାଶ ଦୁହେଁ ଆସି ଆଳିଠାରେ କରାଳ ଦୁର୍ଭିକ୍ଷଗ୍ରସ୍ତ ପ୍ରଜାଙ୍କୁ ଖୁଦ ବାଣ୍ଟିଥିଲେ ।

ସେତେବେଳେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଗୋଟିଏ ସୂତାରେ ବନ୍ଧା ଆର୍ଯ୍ୟ ଭୂମି ଭାରତବର୍ଷ ବ୍ରିଟିଶ୍ ଶାସନର ବାହୁ ଛାୟା ତଳେ । ଜମିଦାର, ପୁଞ୍ଜିପତିମାନେ ଇଂରେଜ ସରକାରଙ୍କ ପଦାଙ୍କ ଅନୁସରଣ କରିଥାନ୍ତି । ରାଜ୍ୟରେ ସେମାନଙ୍କର ନିର୍ମମ ଅତ୍ୟାଚାର ଓ ଶୋଷଣରେ ପ୍ରଜାକୁଳ ଗାହି ଗାହି ଡାକ ଛାଡୁଥିଲେ । ପ୍ରଜାଙ୍କ ଦୁଃଖରେ ମ୍ରିୟମାଣ ହୋଇ ଆନନ୍ଦ ଚନ୍ଦ୍ର ପ୍ରଜାମଣ୍ଡଳ ଗଠନ କରି ରାଜାଙ୍କ ବିରୁଦ୍ଧରେ ଲଢ଼ିବାକୁ ପ୍ରଜାଙ୍କୁ ଆହ୍ୱାନ ଦେଲେ । କନିକାର ଦୁଃଖ ତତ୍କାଳୀନ ବିହାର-ଓଡ଼ିଶା ସରକାରଙ୍କୁ ମଧ୍ୟ ଜଣାଇଥିଲେ ।

ତାଙ୍କ ନେତୃତ୍ୱରେ ଅନେକ ଥର ପ୍ରଜାମେଳି ହୋଇଥିଲା । ବହୁବାର କନିକା ରାଜପ୍ରାସାଦ, ଥାନା, କଚେରୀ ଘେରାଉ ହୋଇଥିଲା । ବହୁବାର ସେ ପୁଲିସ ଓ ରାଜାଙ୍କ ମୁହଁରେ ବଡ଼ ଜବାବ ଦେଇଥିବା ବେଳେ, ବହୁ ଥର ନିର୍ଯ୍ୟାତନା ସହିଥିଲେ, କାରାବରଣ କରିଥିଲେ । କନିକାର ଦୁଃଖ ବିଷୟରେ ସେ ବହୁବାର କେନ୍ଦ୍ରୀୟ ନେତାଙ୍କୁ ଜଣାଇଥିଲେ ହେଁ କିଛି ଫଳ ନହେବାରୁ କନିକାର ମର୍ମସ୍ପର୍ଶୀ ଅନ୍ୟାୟ, ଅତ୍ୟାଚାର, ଶୋଷଣକୁ ଅନୁଭବ କରି ୧୯୨୮ରେ ୬୪ଟି ଅଭିଯୋଗ ଆକାରରେ ବର୍ଣ୍ଣିତ 'ଦୁଃଖିନୀ କନିକା' ନାମରେ ବହି ଖଣ୍ଡିଏ ଛପାଇ ସାରା ଓଡ଼ିଶାରେ ବଣ୍ଟନ କରିବାରୁ ସମଗ୍ର ଓଡ଼ିଶା ତଥା ଭାରତର ଜାଗ୍ରତ ଜନମତ କନିକା ପ୍ରଜାମେଳି ପାଇଁ ସମ୍ବେଦନଶୀଳ ହୋଇପଡ଼ିଥିଲା । ପୁସ୍ତକଟି ପଣ୍ଡିତ ମଦନମୋହନ ମାଳବ୍ୟ, ଲାଲା ଲଜପତ୍ ରାୟ, ସ୍ୱୟଂ ଗାନ୍ଧିଜୀ ପ୍ରମୁଖ ନେତାମାନଙ୍କୁ ହତବାକ୍ କରି ଦେଇଥିଲା । ଗାନ୍ଧିଜୀ ବହିଟିର ଇଂରାଜୀ ଅନୁବାଦ ପଢ଼ି ମର୍ମାହତ ହୋଇପଡ଼ିଥିଲେ ଓ 'ୟଙ୍ଗ୍ ଇଣ୍ଡିଆ' ପତ୍ରିକାରେ ଏହାର ଅନୁବାଦ ପ୍ରକାଶ କରିବାରୁ ସାରା ଭାରତରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା । ଆଉ ସେହି ଦିନୁ ସାରା ଭାରତରେ ଆନନ୍ଦ ଚନ୍ଦ୍ର ପରିଚିତ ହେଲେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭାବରେ । ଗୋପବନ୍ଧୁ ଆନନ୍ଦ ଚନ୍ଦ୍ରଙ୍କ ନିକଟକୁ ପତ୍ର ଲେଖିଥିଲେ, "ତୁମେ ସାରା ଭାରତର ଗର୍ବ ଓ ଗୌରବ । ଅତ୍ୟଧିକ କରପୀଡ଼ା ଓ ସାମନ୍ତବାଦୀ ଶୋଷଣର ପିଷ୍ଟ କନିକା ଜମିଦାରୀକୁ 'ଦୁଃଖିନୀ କନିକା' ବୋଲି ସମ୍ବୋଧନ କରି ତୁମେ ଜନମାନସକୁ ଯେଉଁଳି ଝଙ୍କୃତ କରିଦେଲ, ସେଥିପାଇଁ ତୁମେ କନିକାର ମୁକୁଟ ବିହୀନ ସମ୍ରାଟ୍ । ମୁଁ ଆଜିଠୁ ତୁମକୁ ସମ୍ବୋଧନ କରୁଛି 'ଦୁଃଖିନୀ କନିକା' ଭାବରେ ।"

'ଦୁଃଖିନୀ କନିକା' ପୁସ୍ତକ ପରେ ପଟରପୁର ଘାଟଠାରେ ଏକ ଦିନ ପ୍ରଜାମେଳିରେ ଆନନ୍ଦ ଚନ୍ଦ୍ର ଭାଷଣ ଦେଉଥିବା ବେଳେ ସଙ୍ଗରେ ପୋଲିସ୍ ଅଫିସର କୃଷ୍ଣ ମହାପାତ୍ର ଓ ୩୭ ଜଣ ସଶସ୍ତ୍ର ସୈନ୍ୟ ଫୌଜଙ୍କ ସହ ରାଜା ଉପସ୍ଥିତ ହୋଇ ପ୍ରଜାମେଳି ଉପରକୁ ଗୋଳା ବର୍ଷଣ କରିବାକୁ ଆଦେଶ ଦେଲେ । ଘଟଣା ସ୍ଥଳରେ ବାସୁ ସେଠୀ ଓ ବିଷ୍ଣୁ ମେଛୁଆଳ ନାମକ ଦୁଇଜଣ ପ୍ରଜା ମରି ପଡ଼ିଲେ ଓ ବହୁ ପ୍ରଜା ଆକ୍ରାନ୍ତ ହେଲେ । ଆନନ୍ଦ ଚନ୍ଦ୍ରଙ୍କୁ ଗିରଫ କରାଯାଇ ନିର୍ଯ୍ୟାତନା ଦିଆଗଲା । ତାଙ୍କର ୫୨ ଏକର ଜମି ବାଜ୍ୟାପ୍ତ କରାଯାଇ 'ଦୁଃଖିନୀ କନିକା' ବହିକୁ ବେଆଇନ୍ ଘୋଷଣା କରାଗଲା ।

ଏ ଘଟଣା ପରେ ଆନନ୍ଦ ଚନ୍ଦ୍ରଙ୍କୁ କନିକାରୁ ନିର୍ବାସିତ ହୋଇଥିବାରୁ ନିଜକୁ ବଞ୍ଚାଇବା ପାଇଁ ରାତିର ଅନ୍ଧକାରରେ ହିଂସ୍ର ଜନ୍ତୁ ପୂର୍ଣ୍ଣ ଖରସ୍ରୋତା ନଈ ପହଁରି ସେ ଆଳି ଅଞ୍ଚଳକୁ ପଳାଇ ଯାଇଥିଲେ । ରାଜା ତାଙ୍କ ବଦଳରେ ତାଙ୍କ ପରିବାରକୁ ନାନା ଯନ୍ତ୍ରଣା ଦେଲେ, ଖବର ପାଇ ସର୍ବଶ୍ରୀ ଗୋପବନ୍ଧୁ ଚୌଧୁରୀ, ଯଦୁମଣି ମଙ୍ଗରାଜ, ସନ୍ତ ଚରଣ ବେହୁରିଆ, ଡଃ ଅଟଳ ବିହାରୀ ଆଚାର୍ଯ୍ୟ, ରାମ ଦାସ ବାବାଜୀ, ଡଃ ରମୁଲ୍ ପ୍ରମୁଖ ବିପ୍ଳବୀମାନେ କନିକା ଯାଇଁ ରାଜାଙ୍କ ସହ ଯୁକ୍ତିତର୍କ କଲେ । ସେତେବେଳେ ଗୋପବନ୍ଧୁ ହଜାରିବାଗ ଜେଲରୁ ତାଙ୍କ ଅତି ପ୍ରିୟ ଶିଷ୍ୟ 'ଦୁଃଖିନୀ କନିକା'ଙ୍କ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ ।

ଆନନ୍ଦ ଚନ୍ଦ୍ର ହତୋତ୍ସାହ ହୋଇ ନଥିଲେ । ଉତ୍କଳମଣି ଓ ବହୁ ଜାତୀୟ ନେତାଙ୍କ ଉତ୍ସାହ ଉଦ୍ଦୀପନା ତାଙ୍କୁ ଶତ ସିଂହର ବଳ ଦେଉଥିଲା । ତାଙ୍କର ପ୍ରତି ଅଙ୍ଗପ୍ରତ୍ୟଙ୍ଗରେ ଥିଲା ଗୋରା ଓ ଇଂରେଜ ସରକାରଙ୍କ ପ୍ରତିହିଂସା । ଯେତେବେଳେ ଭାରତର ଭାଗ୍ୟ ଆକାଶରେ ନିରନ୍ଧ୍ର ଅନ୍ଧକାର ମାଡ଼ି ଆସିଥିଲା, ସେ ଭାରତର ମୁକ୍ତି ପାଇଁ ଲୋକଙ୍କ କାନରେ ଇଂରେଜ ବିରୋଧୀ ଧ୍ୱନି ଶୁଣାଉଥିଲେ । କେବଳ କନିକା ନୁହେଁ, ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ଉତ୍ପୀଡ଼ିତ ଲୋକଙ୍କୁ ତତ୍କାଳୀନ ସରକାର ବିରୁଦ୍ଧରେ ଏକଜୁଟ କରୁଥିଲେ ।

୧୯୨୧ ଚରଖା ଆନ୍ଦୋଳନରେ ଆନନ୍ଦ ଚନ୍ଦ୍ର ସକ୍ରିୟ ଅଂଶ ଗ୍ରହଣ କରି ଗାନ୍ଧିଜୀଙ୍କଠାରୁ ପ୍ରଶଂସା ପାଇଥିଲେ । ସମୟେ ସମୟେ ଗାନ୍ଧିଜୀ ତାଙ୍କ ନିକଟକୁ ସାନ୍ତ୍ୱନାମୂଳକ ପତ୍ର ଲେଖୁଥିଲେ । ତାଙ୍କର ନିର୍ବାସନ ସମୟରେ ଗାନ୍ଧିଜୀ ମଦନ ମୋହନ ମାଲବ୍ୟଙ୍କୁ କନିକା ପରିଦର୍ଶନରେ ପଠାଇଥିଲେ । ତାଙ୍କର ବନ୍ଧୁ ସାବରମତୀ ଆଶ୍ରମ ସାଥୀ ତାଙ୍କ ନିକଟକୁ ଆସି ତାଙ୍କର ଭଲ ମନ୍ଦ ବୁଝି ଯାଉଥିଲେ । ଶରତ ବୋଷ, ଆଚାର୍ଯ୍ୟ କୃପାଳିନୀ, ଚିତ୍ତରଞ୍ଜନ ଦାସ୍, ଡଃ ସାବରକର ଆଦି ବହୁ ନେତା ତାଙ୍କ ସହ ପତ୍ରାଳାପ କରୁଥିଲେ ।

ସତ୍ୟବାଦୀ ବନ ବିଦ୍ୟାଳୟ ଅନୁସରଣରେ ଆଳି କିଲା ବଡ଼ଆଙ୍ଗୋ ଗ୍ରାମରେ ପ୍ରତିଷ୍ଠା କରିଥିବା ଏକ ବିଦ୍ୟାଳୟରେ ଆନନ୍ଦ ଚନ୍ଦ୍ର ନିଜେ ଛାତ୍ରମାନଙ୍କୁ ସ୍ୱାଧୀନତାର ମନ୍ତ୍ର ଦାନ କରୁଥିବା ବେଳେ ଉତ୍କଳମଣିଙ୍କର ଇହଧାମ ତ୍ୟାଗର ଦୁଃସମ୍ବାଦ ପାଇ ଏକ ବିରାଟ ପଥର ଉପରେ ମୁଣ୍ଡ ପିଟିଦେବା ଫଳରେ ବହୁ ଦିନ ଧରି ଶଯ୍ୟାଶାୟୀ ହୋଇ ରହିଥିଲେ ।

ଆନନ୍ଦ ଚନ୍ଦ୍ର ଦିନ ତମାମ ପ୍ରଜାମେଳି କରି ରାତିରେ ଖୁବ୍ କମ୍ ସମୟ ବିଶ୍ରାମ ନେବା ପରେ କବିତା ଲେଖୁଥିଲେ । ୧୯୨୮ ବେଳକୁ ସେ ବହୁ କବିତା ଗ୍ରନ୍ଥ ରଚନା କରିଥିଲେ । କବିତା ଗ୍ରନ୍ଥଗୁଡ଼ିକ ଭିତରେ ଭକ୍ତ ପ୍ରହଲ୍ଲାଦ, ମାତୃଦେବୀ 'ବାରକଥା', 'ମୁକ୍ତମତୀ', 'କନିକା ବନ୍ଧୁ', 'ଦୁଃଖିନୀ କନିକା' ଇତ୍ୟାଦି ମୁଖ୍ୟ ଥିଲା ।

୧୯୩୦ରେ କୁଜଙ୍ଗର ଦାଦିଆ ଗାଁଠାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଚାଲିଥିବା ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେଠାରେ ସେ ଶହ ଶହ ସଂଖ୍ୟାରେ ୧୪/୧୫ ବର୍ଷ ବୟସର ବାଳକ ବାଳିକାମାନଙ୍କୁ ଏକଜୁଟ କରାଇ ଆନ୍ଦୋଳନକୁ ସେହିମାନଙ୍କ ଦ୍ୱାରା ସଫଳ କରାଇଥିଲେ ।

୧୯୩୬ରେ ବିହାର-ଓଡ଼ିଶା ପୃଥକ୍ ହୋଇ ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ଆନନ୍ଦ ଚନ୍ଦ୍ର କଟକରେ ରହି ସନ୍ଥ ବିନୋବା ଭାବେଙ୍କ ବ୍ୟକ୍ତିଗତ ସତ୍ୟାଗ୍ରହ ଆନ୍ଦୋଳନକୁ ସଫଳ କରାଇବା ପାଇଁ ପ୍ରୟାସ କରୁଥିବା ବେଳେ ତାଙ୍କୁ ଗିରଫ କରାଗଲା । ଦଲାଲ୍‌ମାନଙ୍କ ଦ୍ୱାରା ତାଙ୍କ ପରିବାରକୁ ପିଟି ପିଟି ଆଣି ରାଜ ପ୍ରାସାଦରେ ହାଜର କରାଗଲା । ପରେ ସାରା ପରିବାରକୁ ଗିରଫ କରାଯାଇ କଟକ ଜେଲ୍‌ଖାନାକୁ ପଠାଗଲା । ଖବର ପାଇ ବାଳକୃଷ୍ଣ କର, ଗୋପାଳ ପ୍ରହରାଜ, ବିଧାନ ପରିଷଦର ବାଚସ୍ପତି ଯଦୁମଣି ମଙ୍ଗରାଜ ଆଦି ବହୁ ନେତା ଆନନ୍ଦ ଚନ୍ଦ୍ର ଓ ତାଙ୍କ ପରିବାରକୁ ଜାମିନ୍‌ରେ ଖଲାସ୍ କଲେ । ଆଉ ଦାଳିଜୋଡ଼ାସ୍ଥିତ ଘର ଚିଠି ରାଜା ବାଜ୍ୟାପ୍ତି କରି ଦେଇଥିବା କଥା ନେତାମାନେ ଆନନ୍ଦ ଚନ୍ଦ୍ରଙ୍କୁ ଜଣାଇଲେ । ସେ ଆଉ ଆଳି କିମ୍ବା କନିକା ଫେରିବେ ନାହିଁ ବୋଲି ପରାମର୍ଶ ଦେଲେ । କଟକସ୍ଥିତ ଗୋପାଳ ପ୍ରହରାଜଙ୍କ ଘରେ ଦୁଇ ଦିନ ରହିବା ପରେ ଆନନ୍ଦ ବାବୁଙ୍କ ବନ୍ଧୁ ସଂଗ୍ରାମୀ ସାଥୀ ସାକ୍ଷାତ କରି ତାଙ୍କ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲେ । ଶେଷରେ ଯଦୁମଣି ମଙ୍ଗରାଜ କେନ୍ଦ୍ରାପଡ଼ା ପାଖ ହଜାରୀ ବଗିଚା ଗାଁରେ ଚିର ବାସ କରି ରହିବା ପାଇଁ ଆନନ୍ଦ ଚନ୍ଦ୍ରଙ୍କ ପରିବାରର ସବୁ ପ୍ରକାର ବନ୍ଦୋବସ୍ତ କଲେ । ଆଉ ବାଳକୃଷ୍ଣ କର ତଥା ବହୁ ବିପ୍ଳବୀ ତାଙ୍କ ପରିବାରର ଭରଣ ପୋଷଣର ବ୍ୟବସ୍ଥା କରି ଦେଲେ ।

୧୯୪୨ରେ ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ଭାରତ ଛାଡ଼ ଆନ୍ଦୋଳନକୁ ସଫଳ କରିବା ପାଇଁ ଆନନ୍ଦ ଚନ୍ଦ୍ର ବଦ୍ଧ ପରିକର ହୋଇଥିଲେ । ଡଃ ହରେକୃଷ୍ଣ ମହତାବ ତାଙ୍କୁ ବହୁ ସ୍ଥାନର ଦାୟିତ୍ୱ ଦେଲେ ।ଆନନ୍ଦ ଚନ୍ଦ୍ର ତାଙ୍କର ପ୍ରିୟ ସାଥୀ ରଘୁନାଥ ମହାନ୍ତି, ଘନଶ୍ୟାମ ମହାନ୍ତି, ବାଳକୃଷ୍ଣ ବୋଷ, ବ୍ରଜବନ୍ଧୁ ସିଂ, ଶ୍ରୀଧର ସାହୁ, ହରି ସାହୁରା ଓ ନିଜର ତିନି ପୁଅଙ୍କୁ ନେଇ ଗାଁ ଗାଁ ବୁଲି ଇଂରେଜ ବିରୋଧୀ ଧ୍ୱନି ସହ ବିଭିନ୍ନ ପ୍ରକାର ସ୍ୱରଚିତ ଗୀତ ଗାଉଥିଲେ । ଓଡ଼ିଶାର ବହୁ ଅଞ୍ଚଳ ବୁଲି ଲୋକଙ୍କୁ ସ୍ୱାଧୀନତାର ମନ୍ତ୍ର ଶିଖାଉଥିଲେ । ସ୍ଥାନେ ସ୍ଥାନେ କର୍ମୀ ସମ୍ମିଳନୀରେ ଯୋଗ ଦେଇ ବ୍ରିଟିଶ୍ ସରକାରଙ୍କ ଦୋଷ ଗୁଣ ବର୍ଣ୍ଣନା କରୁଥିଲେ ।

ଗାନ୍ଧିଜୀଙ୍କ ସହ ତାଙ୍କର ଶେଷ ସାକ୍ଷାତ ହୋଇଥିବା ଶୁଭଦୃଷ୍ଟ ଆଶ୍ରମରେ । ସେଠାରେ ସେ ଗାନ୍ଧିଜୀଙ୍କ ଚରଣ ସ୍ପର୍ଶ କରିବା

ମାନେ ଗାନ୍ଧିଜୀ ତାଙ୍କୁ କୋଳାଗ୍ରତ କରିନେଇ ତାଙ୍କର ସର୍ବହରା ଜନିତ କାରଣ ପାଇଁ ସାନ୍ତ୍ୱନା ଦେଇଥିଲେ। ଆଉ ତାଙ୍କ ଲୁପ୍ତ ସମ୍ପତ୍ତି ଫେରି ପାଇବାକୁ ସାହାଯ୍ୟ କରିବା ପାଇଁ ଭି. ଭି. ଗିରିଙ୍କୁ ଦାୟିତ୍ୱ ଦେଇଥିଲେ।

ଗଡ଼ଜାତ ଆନ୍ଦୋଳନ ବେଳେ ଡଃ ହରେକୃଷ୍ଣ ମହତାବ ଓଡ଼ିଶାର ସବୁ ରାଜା ଜମିଦାରଙ୍କର ନିଜସ୍ୱ ମୋଟ ଜମିର ଚିଠା ପ୍ରସ୍ତୁତ କରାଉଥିଲେ ଆନନ୍ଦ ଚନ୍ଦ୍ର କନିକା ରାଜାଙ୍କର ନିଜସ୍ୱ ଜମିଜମାର ନିଖୁଣ ଚିଠା ଉପସ୍ଥାପନ କରିଥିବାର ଖବର ପାଇ ରାଜା ଆନନ୍ଦଜୀଙ୍କ ଉପରେ ଉତକ୍ଷିପ୍ତ ହୋଇ ଉଠିଲେ ଓ ତାଙ୍କୁ ମାରିଦେବା ପାଇଁ ପୋଲିସ୍ ଓ ରାଜ କର୍ମଚାରୀଙ୍କ ସହ ମନ୍ତ୍ରଣା କଲେ। ଏହି ସମୟରେ ଡଃ ମହତାବ 'ପ୍ରଜାତନ୍ତ୍ର' ପ୍ରକାଶ କରିବା ପାଇଁ ଚିନ୍ତା କରୁଥାନ୍ତି। 'ପ୍ରଜାତନ୍ତ୍ର' ଦ୍ୱାରା ପ୍ରଜାମାନଙ୍କର ସ୍ୱାର୍ଥରକ୍ଷା ହୋଇପାରିବ ବୋଲି ଆନନ୍ଦ ଚନ୍ଦ୍ର ଦୃଢ଼ ଭାବରେ ମହତାବଙ୍କୁ ପରାମର୍ଶ ଦେଇଥିଲେ।

ଡଃ ମହତାବଙ୍କ ପାଖରୁ ଫେରି ଆସିବାର ତିନିଦିନ ପରେ ଆନନ୍ଦ ଚନ୍ଦ୍ରଙ୍କୁ ମାରିବାର ଯୋଜନା କରି ରାଜା ବାଘବୁଦା ଗାଁର ଦୁଇଜଣ ପ୍ରଜାଙ୍କୁ କେନ୍ଦ୍ରାପଡ଼ା ପଠାଇଥିଲେ। ଦୁହେଁ ବାହାନା କରି କାନ୍ଦି କାନ୍ଦି ଆନନ୍ଦ ଚନ୍ଦ୍ରଙ୍କୁ କହିଲେ ଯେ ରାଜା ରାଜା ସେମାନଙ୍କର ସବୁ ଭୂ-ସମ୍ପତ୍ତି ବାଜ୍ୟାପ୍ତି କରି ଦେଇଛନ୍ତି। ଏ କଥା ଶୁଣି ଆନନ୍ଦ ଚନ୍ଦ୍ର କେନ୍ଦ୍ରାପଡ଼ା କୋର୍ଟରେ ରାଜାଙ୍କ ବିରୁଦ୍ଧରେ ମୋକଦ୍ଦମା କରିବାର ବନ୍ଦୋବସ୍ତ କରି ସେ ଦିନ ରାତିରେ ସେମାନଙ୍କ ଭଡ଼ା ଘରେ ଆତିଥ୍ୟ ଗ୍ରହଣ କଲେ। ପ୍ରାୟ ରାତି ୧୦ଟାରେ ଘରକୁ ଫେରି ପୁଅମାନଙ୍କୁ ସେ ଦୁଇଜଣଙ୍କ ଦୁଃଖ କହୁ କହୁ ହଠାତ୍ ଅସୁସ୍ଥ ହୋଇଗଲେ। ଡଃ ଅଟଳ ବିହାରୀ ଆଚାର୍ଯ୍ୟ ଓ କମ୍ପାଉଣ୍ଡର ବ୍ରଜବନ୍ଧୁ ସିଂ ଲଗାତାର ୧୪ ଘଣ୍ଟା ଚିକିତ୍ସା କରିଥିଲେ ହେଁ କିଛି ଫଳ ହେଲା ନାହିଁ। ଖାଦ୍ୟରେ ବିଷ ମିଶାଇ ଦିଆଯାଇଥିବାର ଘଟଣା ଜାଣିବା ପରେ ସେ ଦୁହେଁ ଭଡ଼ା ଘରେ ନଥିଲେ।

କିଛି ସମୟ ଭିତରେ ଆନନ୍ଦ ଚନ୍ଦ୍ରଙ୍କ ବହୁ କାରା ସାଥୀ, ଅସହାୟ ସମାଜ ସେବକ, ବିପ୍ଳବୀ, ଧନୀ, ମାନୀ, ଗୁଣୀ, ଜ୍ଞାନୀ ସମସ୍ତେ ତାଙ୍କ ଭଗ୍ନ କୁଡ଼ିଆରେ ପହଞ୍ଚି ଯାଇଥିଲେ। ଉଦଣ୍ଡ କୀର୍ତ୍ତନ ଓ କରୁଣ କ୍ରନ୍ଦନ ଭିତରେ 'ବିଶ୍ୱ ତାରଣ ହେ' – 'ବିଶ୍ୱ ମୋହନ ହେ' 'ନମୋ ନିତ୍ୟାନନ୍ଦ' ଇତ୍ୟାଦି କହୁ କହୁ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ କନିକା ତଥା ସାରା ଓଡ଼ିଶାରେ ମାଡ଼ିଯାଇଥିଲା ଘନ ଅନ୍ଧକାର। ପ୍ରଜାଙ୍କୁ ଖୁଣ୍ଟ କଣ୍ଢେଇ ରାହା ଧରି କାନ୍ଦିଥିଲେ। ଟେଲିଫୋନ୍ ପାଇ ଯଦୁମଣି ମଙ୍ଗରାଜ ପହଞ୍ଚି ନତବାକ୍ ହୋଇ କହି ଉଠିଥିଲେ, 'ହାୟ! ଦୁଃଖିନୀ କନିକା, ସତରେ ତୁମେ ଲୁଲିଗଲ, କନିକାର ଆଉ ଦୁଃଖ ବୁଝିବ କିଏ? ରାଜାଙ୍କ ଅନ୍ୟାୟ, ଅତ୍ୟାଚାରକୁ ପ୍ରତିହତ କରିବ କିଏ?'

ପରେ ପରେ ବିଭିନ୍ନ ସହର ଓ ମଫସଲରୁ ଲୋକେ ଜଳପରି ଛୁଟି ଆସିଥିଲେ ତାଙ୍କ ଭଗ୍ନ କୁଡ଼ିଆ ଅଭିମୁଖେ। ଓଡ଼ିଶାର ବଡ଼ ବଡ଼ ନେତାମାନେ ଆସି ଶୋକସଭା କରିଥିଲେ ଓ ବହୁ ଭାରତୀୟ ସ୍ତରର ନେତା ଶୋକ ସମ୍ବାଦ ପଠାଇ ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଥିଲେ।

ଏତେ କଷଣ ସତ୍ତ୍ୱେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିପ୍ଳବର ବହ୍ନିଶିଖା ତାଙ୍କ ଜୀବନରେ ଅନିର୍ବାଣ ହୋଇ ରହିଥିଲା। ସେ ସର୍ବଦା ପ୍ରଜାଙ୍କ ମୁକ୍ତି ପାଇଁ ଚିନ୍ତା କରୁଥିଲେ। ସେ ଲଢ଼ୁଥିଲେ ରାଜାଙ୍କ ବିରୁଦ୍ଧରେ, ବ୍ରିଟିଶ୍ ସରକାର ବିରୁଦ୍ଧରେ। କନିକା ପ୍ରଜାଙ୍କ ସୁଖ ପାଇଁ, ଭାରତର ସ୍ୱାଧୀନତା ପାଇଁ। ସେ ମୋଟରେ ୭ ଥର କାରାବରଣ କରି ୧୨ ବର୍ଷ କାଳ କାରାବାସରେ କଟାଇଥିଲେ।

---

କେନ୍ଦ୍ରାପଡ଼ା।



କୋରେସ୍ ପର୍ବତରେ ଇସ୍ପାତ୍ କାରଖାନା ସ୍ଥାପନ ସମ୍ପର୍କରେ ଦକ୍ଷିଣ ଆଫ୍ରିକାରୁ ଆସିଥିବା ବୈଷୟିକ ପ୍ରତିନିଧି ଦଳ ସମ୍ଭାବ୍ୟ କ୍ଷେତ୍ର ପାରାଦ୍ୱୀପ, ଦୈତାରୀ, ତାଳଚେର ଏବଂ ଗନ୍ଧମାର୍ଦ୍ଦନ କ୍ଷେତ୍ର ବୁଲି ଦେଖିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ତାଙ୍କ ସଚିବାଳୟ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ଆଲୋଚନା କରୁଛନ୍ତି (୨୮/୬)।

# ଜାତୀୟ ଚେତନାର ରୂପକାର କବି ବାଞ୍ଛାନିଧି

* କୃଷ୍ଣଚନ୍ଦ୍ର ସୁଆର

ଭାରତ ମାତାଙ୍କୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ଜାତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅମର ଅବିସ୍ମରଣୀୟ ହୋଇଥିବା ପ୍ରତିଭାଧରଙ୍କ ମଧ୍ୟରେ କବି ବାଞ୍ଛାନିଧି ଥିଲେ ଅନ୍ୟତମ ।

ସ୍ୱାଧୀନତା ପରବର୍ତ୍ତୀ କବି ଭାବରେ ସେ ଓଡ଼ିଆ ସାହିତ୍ୟାକାଶରେ ପ୍ରତିଷ୍ଠିତ । ତାଙ୍କ ଲେଖନୀକୃତ ଜାତୀୟ ଚେତନା ମୂଳକ ଗୀତଗୁଡ଼ିକରେ ସୁପ୍ତ ଜାତିକୁ ଉଠାଇବାଲାଗି ପ୍ରବଳ ଆହ୍ୱାନମୟ ଉନ୍ମାଦନା ଭରିପୂର ରହିଥିବା ସଙ୍ଗେ ପତିତ ଦଳିତ ପାଇଁ ଗଭୀର କାରୁଣ୍ୟତା ପ୍ରକାଶ ପାଇଛି । କବିତାଗୁଡ଼ିକ ବଡ଼ ସରଳ, ସରସ, ସଙ୍ଗୀତମୟ ଓ ହୃଦୟଗ୍ରାହୀ ମନେ ହୋଇଥାଏ । ଦେଶ ମାତୃକାର ପଦ ବନ୍ଦନାରେ ଦୃଢ଼ ଓ ଉତ୍ସର୍ଗୀକୃତ ପ୍ରତ୍ୟେକ ମଣିଷ ମନରେ ଗଭୀର ପ୍ରଭାବ ପକାଇବା ସଙ୍ଗେ କେତେକ କବିତା ପଢ଼ିଲେ ଲୋମ ଟାଙ୍କୁରି ଉଠେ । ତାଙ୍କ ଅନ୍ତରର ଗଭୀରତମ ପ୍ରଦେଶରୁ ଲେଖା, କବିତ୍ୱର ଗୋଟିଏ ସ୍ୱତନ୍ତ୍ର ସ୍ଫୁରଣ ତାଙ୍କର ପ୍ରତିଟି ରଚନାରେ ଉଙ୍କିମାରେ । ସର୍ବୋପରି ଜାତୀୟତା, ଆଧ୍ୟାତ୍ମିକତା ଓ ରାଜନୀତି ଯେପରି ତାଙ୍କ କବିତାବଳୀରେ ବ୍ୟକ୍ତ ହୋଇଛି ସେପରି କ୍ୱଚିତ୍ ଦେଖିବାକୁ ମିଳେ । ସେ ଆଶୁ କବି ଅଟନ୍ତି । ଦେଶାତ୍ମବୋଧର ବାର୍ତ୍ତା ଦେଶର ପ୍ରତି ଗଳି କନ୍ଦିରେ ପ୍ରସ୍ଫୁରିତ କରି ଲୋକଙ୍କୁ ତ୍ୟାଗପୂତ ସଂଗ୍ରାମ ଓ ମହାମନ୍ତ୍ରରେ ଦୀକ୍ଷିତ କରିଥିଲେ ବୋଲି ଓଡ଼ିଶାର କବିଗୁରୁ ଡକ୍ଟର ମାନସିଂ ଏକଦା ତାଙ୍କୁ 'ସ୍ୱରାଜ କବି' ଭାବେ ପରିଚିତ କରିଥିଲେ ।

ଏକାଧାରରେ ସେ ଜଣେ ବିଶିଷ୍ଟ ଆଧ୍ୟାତ୍ମବାଦୀ, ଜାତୀୟ କବି, ସ୍ୱାଧୀନତା ସଂଗ୍ରାମୀ, ଶିଶୁ ସାହିତ୍ୟିକ, ଶିକ୍ଷକ, ସାମ୍ବାଦିକ, ସମ୍ପାଦକ, ସଂଗଠକ, ଓଡ଼ିଆ ପ୍ରାଣ ଓ ଜାତୀୟ ଦୁର୍ଦ୍ଦିନର ଅନ୍ୟତମ ଭଗୀରଥ ସଦୃଶ ବିପୁଳ ଯଶର ଅଧିକାରୀ ।

ଏମିତି ଶକ୍ତି ସମ୍ପନ୍ନ ଏକ ବରେଣ୍ୟ ଶିଳ୍ପୀଙ୍କର ଆବିର୍ଭାବ ହୁଏ କଟକ ଜିଲ୍ଲାର ଯାଜପୁର ସବ୍‌ଡିଭିଜନସ୍ଥ ବାଇଁଶ୍ରୀଆ ଗ୍ରାମରେ ୧୯୦୩ ମସିହା ଅଗଷ୍ଟ ପବିତ୍ର ନନ୍ଦୋତ୍ସବରେ । ତାଙ୍କ ପିତାଙ୍କ ନାମ ଶ୍ରୀ ନାଗାଧର ଦାସ ଓ ମାତାଙ୍କ ନାମ ଶ୍ରୀମତୀ ଉଛି ଦେବୀ । ସେ ଭୂମିଷ୍ଠ ହେବା ପଛରେ ଶିବକୃପା ନିହିତ ଥିବା ଜଣାଯାଏ । କାରଣ ଗାଁ ପାଖ ସାରଙ୍ଗପୁରର ପ୍ରତ୍ୟକ୍ଷ ମହାଦେବ ବିଲ୍ୱେଶ୍ୱରଙ୍କ ଦୟାରୁ ସେ ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତା ବରୁଣେଶ୍ୱରଙ୍କ ନିକଟରେ ୨୧ ଦିନ ଏବଂ ମାତା ଦୀର୍ଘ ୪୨ ଦିନ ଧାରଣା କରି ବା ଲୁହାରିଆ ପଡ଼ି ପୁତ୍ର ସନ୍ତାନଟିଏ ପାଇଁ ପ୍ରାର୍ଥନା କରିଥିଲେ । ମହାଦେବ ତାଙ୍କ ମନୋବାଞ୍ଛା ପୂରଣ କରିଥିବା ହେତୁ ପୁତ୍ର ନାମ ରଖିଥିଲେ ଶ୍ରଦ୍ଧାରେ "ବାଞ୍ଛାନିଧି" । ପିଲାଟି ଦିନୁ ତାଙ୍କର ପିତାମାତାଙ୍କର ଦେହାନ୍ତ ହୋଇଯିବା ଫଳରେ ବହୁ ଅସ୍ୱଚ୍ଛଳତା ମଧ୍ୟରେ ତାଙ୍କ ଜୀବନ କୁସୁମ ବିକଶିତ ହୋଇଥିଲା । ଏହି ଅମୀୟ ଶକ୍ତିଧର ୭ ବର୍ଷ ଦିନୁ କବିତା ଲେଖା ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ କବିତା ହେଉଛି "ନମୋ ନମୋ ଶାରଦେମା ଝଙ୍କୃତ ବାଣିନୀ, ଗନ୍ଧ ପଙ୍କଜ ବାସିନୀ ନମୋ ବୀଣାପାଣି" । ମାଆଙ୍କ ଆଶୀଷରୁ ଆଦ୍ୟଲେଖା ଆରମ୍ଭ କରିବା ଓ ବାବା ମହାଦେବଙ୍କ ଆଶୀଷରୁ ଭୂମିଷ୍ଠ ହୋଇଥିବା ହେତୁ ସେ ଋଷି ପୁତ୍ର ମାର୍କଣ୍ଡେୟ ପରି ପ୍ରଚଣ୍ଡ ପ୍ରତିଭାଧାରୀ ହୋଇଥିଲେ । ତାଙ୍କର ଇଷ୍ଟଦେବ ହେଉଛନ୍ତି ଦଧିବାମନ ଜୀଉ । ମା'ଙ୍କ ବନ୍ଦନା ପରେ ପରେ ସେ ଭଞ୍ଜୀୟ ରୀତି ଓ ଶ୍ରେଣୀ ରାଗରେ ଶ୍ରୀଦଧିବାମନ ଜୀଉଙ୍କ ବନ୍ଦନା ଲେଖିଥିଲେ –

"ଗଉରୀ ପତି ନାୟକ
ତାର ତ୍ରିପୁର ଜନକ
ଏ ସ୍ଥାନେ ନାମ ବିଦିତ ଦଧିବାମନ ।
ଅଖିଳ ଭୁବନ ପତି
ଆହେ ଅନନ୍ତ ମୂରତି
କ୍ଷୀର ଅର୍ଣ୍ଣବ ତନୟା ରମାରମଣ
ମହିମା ତୋହର ଅନନ୍ତ
ମୁଖେ ବର୍ଣ୍ଣି ନ ପାରନ୍ତି ସାବିତ୍ରୀ କାନ୍ତ" ॥୧॥

ବାଞ୍ଛାନିଧି ହେଉଛନ୍ତି ସର୍ବ ପ୍ରଥମେ ଜଣେ ଆଧ୍ୟାତ୍ମବାଦର କବି । ଏହି ଆଧ୍ୟାତ୍ମିକ ମାର୍ଗ, ସତ୍ ଚରିତ୍ରବତ୍ତା ଓ ନିର୍ଭିକତା ହିଁ ତାଙ୍କ ପ୍ରାଣରେ ଉତ୍ସର୍ଗୀକୃତ ମନୋବଳ ଆଣି ଦେଇଥିଲା । ଫଳରେ ସେ ଜାତିର ଦୁର୍ଦ୍ଦିନର ମହାସ୍ରୋତରେ ସାମିଲ ହୋଇଥିଲେ । ତାଙ୍କ ଲେଖନୀକୃତ (୧) ଆମ ବଡ଼ ଦେଉଳ, (୨) ଆମ କୋଣାର୍କ, (୩) ଭକ୍ତି ଅର୍ଘ୍ୟ, (୪) ଶ୍ରୀରାଧା ଗୋପାଳ ଗୀତାମୃତ, (୫) ସଙ୍ଗୀତିକା, (୬) ଗୀତି ଶତଦଳ, (୭) ଶ୍ରୀଚଣ୍ଡୀ ଗୀତିଲହରୀ, (୮) ଶ୍ରୀରାମ ଗୁଣ ଗାଥା, (୯) ଶ୍ରୀକୃଷ୍ଣ ଲୀଳା ଗାଥା, (୧୦) ଯୁଗାବତାର ରାମକୃଷ୍ଣ ଓ (୧୧) ରାମକୃଷ୍ଣ ଦେବଙ୍କ ସମ୍ପର୍କରେ ପାଲା ପ୍ରଭୃତି ଭକ୍ତି ରଚନାଗୁଡ଼ିକ ପାଠକ ପ୍ରାଣରେ ବିଶ୍ୱପ୍ରୀତି ଉଦ୍ରେକ କରେ । ସବୁ ଧର୍ମ ଓ ଦେବା ଦେବୀଙ୍କୁ ସେ ସମାନ ଦୃଷ୍ଟିରେ ଦେଖୁଥିଲେ । ମା'

ମାତୃଭୂମି, ଭାରତ ଓ ଭଗବାନ ତାଙ୍କର କବିତାର ମୂଳମନ୍ତ୍ର । ବିଭୁ ପ୍ରେରଣାର ଅପାର ମିଳେ, ତେଣୁ ସେ କହନ୍ତି– "ଆ ଭିତରେ ମୁଁ ଏକ ବୀଣା, ଯେ ବଜାଉଛି ସେ ବାଜୁଛି" । ତାଙ୍କ ଲେଖନୀ ନିଃସୃତ "କେତେ ଦୂରେ ତୁମେ/ କେତେ ବା ନିକଟେ/ ଜାଣିତ ପାରିନି ପାରିନି/କେବେ ମହୀୟାନ/ଅବା ଅଣୀୟାନ/ ବୁଝିତ ପାରିନି ପାରିନି" ଏବଂ "ମନ ମୋ ନିର୍ମଳ କର ମହାପ୍ରଭୁ" କଟକ ବେତାର କେନ୍ଦ୍ରରୁ ବହୁଦିନୁ ପ୍ରସାରିତ ହୋଇ ଆସୁଅଛି । ସ୍ୱଭାବ କବି ଗଙ୍ଗାଧରଙ୍କର "ବିଶ୍ୱ ଜୀବନ ହେ" ଓ ରାମକୃଷ୍ଣ ନନ୍ଦଙ୍କର "ହେ ଆନନ୍ଦମୟ କୋଟି ଭୁବନ ପାଳକ" ପ୍ରାର୍ଥନା ସଙ୍ଗୀତ ଭଳି କବି ବାଞ୍ଛାନିଧିଙ୍କ "ଭଲ ବାଟ ମୋତେ ଦେଖାଅ ତୁମେ ଉଦ୍ଧାରେ ଥାଇ, ଦାଉ ଧକ୍କା ଯେତେ ଆସିବ ସବୁ ଯିବୁ ଏଡ଼ାଇ" ଏକ ବିଭୁପ୍ରୀତି ମୂଳକ ଆଦର୍ଶ ଶିକ୍ଷଣୀୟ ପ୍ରାର୍ଥନା ସଙ୍ଗୀତ । ସାଧାରଣ ପାଠକ ଓ ପାଠିକା ତଥା କୋମଳମତି ଶିଶୁ ପ୍ରାଣରେ ଜାତୀୟ ଗୌରବ, ସ୍ୱଦେଶ ପ୍ରୀତି ଓ ଆଧ୍ୟାତ୍ମିକ ଭାବ ଉଦ୍ରେକ କରିବାରେ କବିଙ୍କ ଲେଖନୀକୃତ 'ଆମ ବଡ଼ ଦେଉଳ' ଓ 'ଆମ କୋଣାର୍କ' ହେଉଛି ଏକ ଅନବଦ୍ୟ ସୃଷ୍ଟି । ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କ ଗୁଣାନୁକୀର୍ତ୍ତନରେ ମହିମାନ୍ୱିତ ଓ ଶବରରାଜା ବିଶ୍ୱାବସୁଙ୍କ ନୀଳମାଧବ ପୂଜାଠାରୁ ଆରମ୍ଭକରି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରଥମ ମନ୍ଦିର ନିର୍ମାଣ ସମେତ ଜଗନ୍ନାଥଙ୍କ ମୂର୍ତ୍ତି ପ୍ରତିଷ୍ଠା ଆଦି ବିଷୟ 'ବଡ଼ ଦେଉଳ'ରେ ବର୍ଣ୍ଣିତ । (୨) ଅପର ପକ୍ଷରେ 'ଆମ କୋଣାର୍କ' ହେଉଛି କବିଙ୍କ ତୁଳୀରେ ଏକ ଅନୁପମ ସୃଷ୍ଟି । କବି ନିଜକୁ କୋଣାର୍କ ମନେକରି ଏହାର ଆତ୍ମ କାହାଣୀକୁ ଅତି ଜୀବନ୍ତ ଭାବରେ ଜଣେ ବିମର୍ଷ ଚକିତ ପାନ୍ଥ ଆଗରେ ବର୍ଣ୍ଣନା କରିଛନ୍ତି । କୋଣାର୍କ ହେଉଛି ଦିନମଣି ରଥ, ବିଶ୍ୱମନ–ବନ୍ଦୀଗଡ଼, ଅର୍କକ୍ଷେତ୍ର, ସୂର୍ଯ୍ୟଦେବ ରଥ, ପଦ୍ମ ବନ୍ଧୁରଥ, ପଦ୍ମ କ୍ଷେତ୍ର, ସବିତା ମନ୍ଦିର, ହିମାଳୟ ଓ ଧରାସ୍ପର୍ଶୀ ସଦୃଶ...... । ସତରେ ଏହାର ସୃଷ୍ଟି ମୂଳରେ କେତେ ଯେ ତପସ୍ୟା, ଶପଥ ପ୍ରେରଣା ବ୍ୟଥା, ଜାତିର ମମତା, ଆତ୍ମବଳିଦାନ ଓ ବିଭୁ ଆଶୀଷ ନିହିତ ଥିବା ଜାଣିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ । କାବ୍ୟିକରସ ପ୍ରାଚୁର୍ଯ୍ୟରେ ଓ ବାସ୍ତବ ଚରିତ୍ର ସୃଜିବାରେ ଏହା ଏତେ ପ୍ରାଣବନ୍ତ ହୋଇଛି ଯେ ଥରେ ପଢ଼ିଲେ ଏ କାବ୍ୟଟି ଶେଷ ନକରି ରହି ହେବନି ।(୩)

ଗାନ୍ଧିଜୀଙ୍କ ପ୍ରତି କବିଙ୍କର ଶ୍ରଦ୍ଧା ଭକ୍ତି ପିଲାଟି ଦିନରୁ ଥିଲା । ୧୯୩୯ରେ ଫରୱାର୍ଡ ବ୍ଲକ୍ ଗଠନ କାର୍ଯ୍ୟରେ ନେତାଜୀ ଓଡ଼ିଶା ଆସିଲାବେଳେ ସେ ତାଙ୍କର ଦର୍ଶନ ଲାଭ କରିଥିଲେ । ନିଷ୍ଠାପର ଗାନ୍ଧିବାଦୀ ନେତା ପୂଜ୍ୟ ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ଦେଶ କାମରେ ତାଙ୍କୁ ଉତ୍ସାହିତ କରିଥିଲେ । ବିଶେଷକରି କଟକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ପାଠ ପଢ଼ିଲାବେଳେ କବି ରାମକୃଷ୍ଣ କୁଟୀରରେ ରହୁଥିଲେ । ସେଠାକାର ଆଶ୍ରମ ଜୀବନ ଓ ସହକାରୀ ତତ୍ତ୍ୱାବଧାରକ ତଥା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ରଙ୍କ ଆଦର୍ଶ ନିଷ୍ଠା ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଫଳରେ ଛାତ୍ର ଜୀବନରୁ ସେ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେବାକୁ ସଂକଳ୍ପ ନେଇଥିଲେ ।

ଧାମନଗରର ଗାନ୍ଧିବାଦୀ କର୍ମୀ ଶ୍ରୀ ବୀରବର ରଥ, ନାରୀକର୍ମୀ ଶ୍ରୀମତୀ ହାରାମଣି ଦେବୀ ଓ ହଳଦୀବସନ୍ତ ମୌଳିକ ସ୍କୁଲର ଗୋପୀନାଥ ଦାସଙ୍କ ସହିତ ମିଶି କବି ଆନ୍ଦୋଳନ କାର୍ଯ୍ୟରେ ଲାଗି ପଡ଼ିଥିଲେ । ମରଣ ସେନା ସଙ୍ଗଠିତ କରିବା ତାଙ୍କର ପ୍ରଧାନ କାର୍ଯ୍ୟ ଥିଲା । ସେତେବେଳେ ସ୍ୱାଧୀନତା ସଂଗ୍ରାମର ସୈନିକମାନଙ୍କୁ ଦୁଇଟି ଭାଗରେ ବିଭକ୍ତ କରାଯାଇ ସେମାନଙ୍କ କାର୍ଯ୍ୟ ପ୍ରସ୍ତର ସୂଚିତ ହୋଇଥିଲା । ସେ ଦୁଇଟି ହେଲା–ଶାନ୍ତି ସେନା ଓ ମରଣ ସେନା । ମରଣ ସେନାଙ୍କୁ ସହାୟତା କରିବା ଶାନ୍ତି ସେନାଙ୍କ ପ୍ରଧାନ କାର୍ଯ୍ୟ ଥିଲା । ଶାନ୍ତି ସେନା ଗଠିତ ରଚନାତ୍ମକ କାର୍ଯ୍ୟ କରିବା ସଙ୍ଗେ ପ୍ରତ୍ୟକ୍ଷଭାବରେ ଯେଉଁମାନେ ଲାଠି ଗୁଳିର ଶିକାର ହେଉଥିଲେ ସେମାନଙ୍କୁ ସାହାଯ୍ୟ କରୁଥିଲେ ।

ହଳଦୀବସନ୍ତ ମୌଳିକ ସ୍କୁଲଠାରେ ସଂଧ୍ୟାରେ ସଂଗ୍ରାମୀ କବିଙ୍କ ସମେତ ଆନ୍ଦୋଳନକାରୀମାନେ ଆସନ୍ତାକାଲି ପାଇଁ କାର୍ଯ୍ୟକ୍ରମ ସ୍ଥିରୀକୃତ କରିବାପାଇଁ ମସୁଧା ଚଳାଇ ଥିଲାବେଳେ ରାତି ଅଧରେ ତାଙ୍କୁ ଗିରଫ କରାଯାଇ ଥିଲା । ଗାନ୍ଧିବାଦୀ କର୍ମୀ ଶ୍ରୀ ଶରତ ଚନ୍ଦ୍ର ମହାରଣା ଓ ଅନ୍ନପୂର୍ଣ୍ଣା ମହାରଣା ମଧ୍ୟ ସେତେବେଳେ ଗିରଫ ହୋଇ ଯାଜପୁର ଜେଲକୁ ଯାଇଥିଲେ । ଯାଜପୁର ଜେଲଟି ସେତେବେଳେ ଗୋଟିଏ ଛୋଟିଆ ଜେଲ ଥିଲା ଏବଂ ସେଠାରେ ଭାରୀ ଅବ୍ୟବସ୍ଥା ଥିଲା । ସେଠାରୁ ତାଙ୍କୁ କଟକ ଜେଲକୁ ନିଆଯାଇଥିଲା । ସେତିକି ବେଳକୁ ତାଙ୍କର ସହପାଠୀ କୃଷ୍ଣ ମୋହନ ଦାସ , ମୁକ୍ତିକାନ୍ତ ଗୋସ୍ୱାମୀ ସମେତ ଚିତ୍ତରଞ୍ଜନ ଦାସ, ବାଞ୍ଛାନିଧି ଦାସ, ଶିଳ୍ପୀ ଜଗନ୍ନାଥ ଦାସ, ସଚ୍ଚିଦାନନ୍ଦ ମିଶ୍ର ଓ ପ୍ରାଣ କୃଷ୍ଣ ମିଶ୍ର ଗିରଫ ହୋଇଥାନ୍ତି । କବିଙ୍କୁ ୧୬ ନମ୍ବର ୱାର୍ଡ଼ରେ ରଖା ଯାଇଥିଲା । ପରେ ସୁରେନ୍ଦ୍ର ନାଥ ଦ୍ୱିବେଦୀ ମଧ୍ୟ କଡ଼ା ପୁଲିସ୍ ନିରାପତ୍ତାରେ ରହିଥିଲେ । କଟକ ଜେଲର ମହିଳା ୱାର୍ଡ଼ରେ ମା' ରମାଦେବୀ, ମାଳତୀ ଚୌଧୁରୀ, ଅନ୍ନପୂର୍ଣ୍ଣା ମହାରଣା ପ୍ରମୁଖ ନାରୀନେତ୍ରୀ ଓ କର୍ମୀମାନେ ବନ୍ଦୀ ଥିଲେ । ସେଠାରେ ୧୫ ଦିନ ରହିବା ପରେ ୨ୟ ପର୍ଯ୍ୟାୟରେ ପ୍ରାୟ ୧୦୦ ଜଣଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଥିଲା । ସେହି ଦଳରେ କବିଙ୍କ ସମେତ ଅନ୍ୟାନ୍ୟ ସଂଗ୍ରାମୀ ବନ୍ଧୁମାନେ ମଧ୍ୟ ଥିଲେ । ୧ମ ପର୍ଯ୍ୟାୟରେ ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ ପ୍ରମୁଖଙ୍କୁ ପଠାଯାଇଥିଲା । ସେମାନେ ପ୍ରଥମ ଶ୍ରେଣୀର ଅଟକବନ୍ଦୀ ଓ ଅନ୍ୟମାନେ ଦ୍ୱିତୀୟ ଶ୍ରେଣୀର ଅଟକବନ୍ଦୀ ଥିଲେ । ବିଶେଷକରି ବ୍ରହ୍ମପୁର ଜେଲରେ ପ୍ରାୟ ମହତାବ୍‌ଜୀଙ୍କ ବ୍ୟତୀତ ସବୁ ବଡ଼ ବଡ଼ ନେତା ଅଟକବନ୍ଦୀ ଥିଲେ । କେବଳ ମହତାବଜୀ ଅହମଦାବାଦ ଦୁର୍ଗରେ ପ୍ରଧାନ ନେହେରୁ ପ୍ରମୁଖଙ୍କ ସହ ବନ୍ଦୀ ଥିଲେ । ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଆସାମୀ ରୂପେ ସେଠାରେ ରଖା ଯାଇଥିଲା । ସେ ଜେଲରେ ଜେଲର ୭ ନମ୍ବର ୱାର୍ଡ଼ରେ କବି ରହିଥିଲେ । ସେ ଜେଲରେ ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ, ବ୍ରଜ ମୋହନ ସିଂହ,ମନ ମୋହନ ଚୌଧୁରୀ, ଶରତ ଚନ୍ଦ୍ର ମହାରଣା, ବୈଦ୍ୟ ନାଥ ଦାସ ଓ ବୀରବର ରଥ ପ୍ରମୁଖ ରହୁଥିଲେ । କବି ଜେଲରେ ଜାତୀୟ ଭାବଧାରା ଓ ଭକ୍ତି ସଙ୍ଗୀତ ଲେଖୁଥିଲେ । ସେ ସମସ୍ତ ପୂଜ୍ୟ ଆଚାର୍ଯ୍ୟ ହରିହରଙ୍କୁ ଶୁଣାଉ ଥିବାରୁ ସେ ତାଙ୍କୁ ଭାରି ପ୍ରଶଂସା କରୁଥିଲେ ଓ ଲେଖା ଲେଖିରେ ଉତ୍ସାହିତ କରୁଥିଲେ ।

ସଂଗ୍ରାମୀ କବି ବ୍ରହ୍ମପୁର ଜେଲର ଅଟକବନ୍ଦୀ ଭାବେ ଥିବା ସମୟରେ ଲକ୍ଷ୍ମଣ ନାୟକଙ୍କ ଫାଶୀ ହୋଇଥିଲା । ସେହି

ଐତିହାସିକ ଫାଶୀ ଦିବସ ହେଉଛି ୧୯୪୩ ମାର୍ଚ୍ଚ ୨୮ ତାରିଖ । ସେ ଦିନର ମର୍ମନ୍ତୁଦ ଘଟଣାବଳୀକୁ ସ୍ମରଣକରି କବି କହନ୍ତି– "ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିନ ରାତିରେ ମୁଁ ଆଦୌ ଶୋଇ ନାହିଁ । ଆଖିକୁ ନିଦ ଆସୁନଥାଏ । ଲଣ୍ଠନଟିଏ ଜଳୁଥାଏ । କବିତା ବସି ଲେଖିଲି । ସେଇ ଲକ୍ଷ୍ମଣଙ୍କ ଫାଶୀ ବିଷୟରେ । କବିତାଟି ହେଉଛି–"ଗଡ଼ିଲାଣି ରାତି ତୃତୀୟ ପହର, ହେଲାଣି ଖାଲିହନ୍ତୁ ଡରାସିରେ ଭାଇ ଲକ୍ଷ୍ମ.......ଫାଶୀ ।" କବିତାଟି ଲେଖା ନସରୁଣୁ ଫାଶୀ ଦେବାର ଉଦ୍ୟୋଗ ପର୍ବ ଆରମ୍ଭ ହୋଇଗଲା । ସେ ଜଣେ ନିଷ୍ପାପର ଗାନ୍ଧିବାଦୀ କର୍ମୀ, ଭଗବତ ବିଶ୍ୱାସୀ ଓ ଦେଶଭକ୍ତ । ଭାରତଛାଡ଼ ଆନ୍ଦୋଳନରେ ତାଙ୍କ କାର୍ଯ୍ୟ ଓ ପ୍ରେରଣାରେ ବ୍ରିଟିଶ ସରକାର ବିରୋଧରେ ବିଦ୍ରୋହର ନିଆଁ ଜଳି ଉଠିଲା । ସେ ବକ୍ତୃତା ଦେଉଥିବା ବେଳେ ଲୋକେ ତେଜି ଉଠିଲେ । ବ୍ରିଟିଶ ସରକାରଙ୍କ ଫୋର୍ସ ଓ ଆନ୍ଦୋଳନକାରୀ ଜନତା ମଧ୍ୟରେ ସଂଘର୍ଷ ହେଲା । ସେଥିରେ କେତେକ ପୁଲିସ୍ କର୍ମଚାରୀ ଆହତ ହେଲେ ଓ ଜଣେ ଦୁଇଜଣ ଆହତ ହୋଇ ପ୍ରାଣ ହରାଇଲେ । କୋରାପୁଟରେ ଆନ୍ଦୋଳନକୁ କିଭଳି ଭାବରେ ଦବାଇ ଦିଆଯିବ ବ୍ରିଟିଶ ସରକାରଙ୍କ ଚିନ୍ତା ହେଲା । ସେଇ ଲକ୍ଷ୍ୟରେ ନାମକୁ ମାତ୍ର ବିଚାରରେ ଲକ୍ଷ୍ମଣଙ୍କୁ ପ୍ରାଣଦଣ୍ଡ ମିଳିଲା । ଲକ୍ଷ୍ମଣଙ୍କ ଫାଶୀର ଅଳ୍ପ କେତେଦିନ ପରେ କଟକରେ କବିଙ୍କ ବିଚାର ପାଇଁ ତାଙ୍କୁ ବ୍ରହ୍ମପୁର ଜେଲରୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ଲକ୍ଷ୍ମଣଙ୍କ ଫାଶୀ ଖବର ଓ ଅନ୍ତିମ ବାର୍ତ୍ତା ଦେଶ ବାସୀଙ୍କ ନିକଟରେ ପହଞ୍ଚିବା ପାଇଁ ସେ କବିତା ଲେଖି ପୋଲିସ୍ ଘେର ମଧ୍ୟରେ ଗାନ କରିଥିଲେ । ସେହି ଭାବୋଦ୍ଦୀପକ କବିତାଟି ହେଉଛି–

"ଭାଇ ତୋର ମନେ ନାହିଁକି
ତୋତେ ଦକ୍ଷିଣା ପବନ କହି ନାହିଁକି
ତୋ'ଭାଇ ଲକ୍ଷ୍ମଣ ଫାଶୀରେ ଝୁଲିଲା
ତୋ ଭାଗ୍ୟ ଦେବୀ ପଥ ଚାହିଁକି ।" ଇତ୍ୟାଦି.....(୪)

କଟକ ଜେଲକୁ ଆସି ୧୭ ନମ୍ବର ୱାର୍ଡରେ ରହିଥିଲେ । ସେତିକିବେଳେ ପ୍ରାଣକୃଷ୍ଣ ମିଶ୍ର, ସଚ୍ଚିଦାନନ୍ଦ ମିଶ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ବାଙ୍କ ବିହାରୀ ଦାସ, ଶିଳ୍ପୀ ଜଗନ୍ନାଥ ପ୍ରସାଦ ଦାସ, ଲୋକନାଥ ମିଶ୍ର, ଭୈରବ ଚନ୍ଦ୍ର ମହାନ୍ତି, ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରମୁଖ ନେତାମାନେ ଗିରଫ ହୋଇ ରହୁଥିଲେ । ସେହି ମାନ୍ୟଗଣ୍ୟ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ସାନିଧ୍ୟ ପାଇ କବି ଗୋପବନ୍ଧୁଙ୍କ ଭାଷାରେ ତାଙ୍କର – "କାରା ନୁହଇ ଏ ପବିତ୍ର ପ୍ରବାସ" ସମ ମନେ ହେଉଥିଲା । ତତ୍ପରେ ପରେ ତାଙ୍କ ବିରୁଦ୍ଧରେ ବାଙ୍କ ସାହି କଚେରୀ ପୋଡ଼ୀ ଅଭିଯୋଗ କେଶର ମକଦ୍ଦମା ପ୍ରଥମେ ସ୍ପେଶାଲ ମାଜିଷ୍ଟ୍ରେଟ କୋର୍ଟ ଓ ପରେ ସେସନ୍ସ କୋର୍ଟରେ ବିଚାର ହୋଇଥିଲା । ଯେଉଁ ଦିନ ମକଦ୍ଦମା ତାରିଖ ପଡ଼ିଲା ସେ ବିଟ୍ରିଶ ସରକାରର ଦେଶରେ ଅସ୍ତିତ୍ୱକୁ ଅସ୍ୱୀକାର କରି କୋର୍ଟରେ ଉପସ୍ଥିତ ହେବାକୁ ମନାକରି ଦେଇଥିଲେ । କିନ୍ତୁ ବଳ ପ୍ରୟୋଗ କରି ଜେଲ କର୍ତ୍ତୃପକ୍ଷ ତାଙ୍କୁ କୋର୍ଟରେ ହାଜର କରିବାରୁ ସେ ଦୃଢ଼ୋକ୍ତି ପ୍ରକାଶକରି କହିଥିଲେ–"ମୁଁ ଜଣେ ଛାତ୍ର । ବ୍ରିଟିଶ ସରକାର କବଳରୁ ଦେଶ ମାତାକୁ ମୁକ୍ତ କରିବା ପାଇଁ ମୋର ଯାହା କର୍ତ୍ତବ୍ୟ ମୁଁ କରି ଆସିଛି । ମହାତ୍ମାଗାନ୍ଧୀ ଆମର ନେତା । ସେ କର ବା ମର ଡ଼ାକରା ଦେଇଛନ୍ତି । ଦେଶର ସ୍ୱାଧୀନତା ଆମର ଲକ୍ଷ୍ୟ । ସେଇ ସ୍ୱାଧୀନତା ହାସଲ ପାଇଁ ମୁଁ ପ୍ରାଣ ପଣକରି ଆନ୍ଦୋଳନରେ ଝାସ ଦେଇଛି । ଏହାପରେ ପୁଲିସ୍ ଭ୍ୟାନ୍‌ରେ ତାଙ୍କୁ ପୁଣି ଜେଲକୁ ନିଆଯାଇଥିଲା । ସନ୍ଧ୍ୟାପରେ ଜଣାଇ ଦିଆଗଲା ଯେ ତାଙ୍କୁ ଖଲାସକରି ଦେବା ପାଇଁ ଆଦେଶ ହୋଇଛି । ରାତି ପ୍ରାୟ ୮ଟା ବେଳେ ତାଙ୍କୁ ଜେଲରୁ ଖଲାସ କରି ଦିଆଗଲା । ୧୯୪୨ ଅଗଷ୍ଟ ୩୦ ତାରିଖରେ ତାଙ୍କୁ ଯାଜପୁର ଜେଲକୁ ନିଆ ଯାଇଥିଲା । ବ୍ରହ୍ମପୁର ଓ କଟକ ଜେଲରେ ସେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ସମୟ କଟାଇଥିଲେ । ୧୯୪୩ ମସିହା ଅକ୍ଟୋବର ଶେଷ ଆଡ଼କୁ ତାଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା ।

ଜେଲରୁ ମୁକ୍ତ ହୋଇ ଆସିବା ପରେ ପୂଜ୍ୟ ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରେରଣାରେ ସେ ବିଭିନ୍ନ ରଚନାତ୍ମକ କାର୍ଯ୍ୟ କରିବାରେ ମନୋନିବେଶ କରିଥିଲେ । ତାଙ୍କର କେତେକ ସହକର୍ମୀ ମଧ୍ୟ ଏଥିରେ ସହଯୋଗ କରିଥିଲେ । ବିଶେଷକରି ବରୀରେ ବ୍ରିଟିଶ ସରକାର ଦମନଲୀଳା ଚଳାଇ ଯେଉଁ ମୌଳିକ ସ୍କୁଲଗୁଡ଼ିକୁ ଭାଙ୍ଗିରୁଜି ଦେଇଥିଲେସେ ସବୁର ପୁନରୁଦ୍ଧାର ପାଇଁ ଏହି ସଂଗ୍ରାମୀ ବନ୍ଧୁମାନେ ଚେଷ୍ଟା କରିଥିଲେ । ତେଣୁ ତାଙ୍କୁ ରାମଚନ୍ଦ୍ରପୁର, ଅନ୍ୟାସପୁର, ବାଲିବିଲ, ହଳଦୀବସନ୍ତ, ଧାରପୁର ଓ ବରୀର ମୌଳିକ ସ୍କୁଲରେ ଅଧିକାଂଶ ସମୟ ଶିକ୍ଷକତା କରିବାକୁ ପଡ଼ିଥିଲା ।

ବାସ୍ତବରେ ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ । ପିଲାମାନଙ୍କୁ ପଢ଼ାଇଲା ବେଳେ ସେମାନଙ୍କ ପରିବେଶ ଓ ପରିବେଷ୍ଟନିକୁ ଅନୁଧ୍ୟାନ କରି ପଢ଼ାଉଥିଲେ । ତେଣୁ ପିଲାମାନେ ଆଗ୍ରହରେ ପଢୁଥିଲେ ଓ କବିତାଗୁଡ଼ିକୁ ଆବୃତ୍ତି କରୁଥିଲେ । ପିଲାମାନଙ୍କୁ କବିତା ମାଧ୍ୟମରେ ପଢ଼ାଇଲେ ସେମାନଙ୍କର ଆଗ୍ରହ ବଢ଼ିବ ବୋଲି ତାଙ୍କର ବିଶ୍ୱାସ ଥିଲା । ସେଇଥି ପାଇଁ ସେ ବିଭିନ୍ନ ପ୍ରାର୍ଥନା, ଦେଶପ୍ରେମବୋଧ, ଧର୍ମ ମାଧ୍ୟମରେ ସ୍ୱାବଲମ୍ବନଶୀଳତା ଓ ମହାତ୍ମାଗାନ୍ଧୀଙ୍କ ଭାବଧାରା ସରଳ ସହଜ ଓଜସ୍ୱିନୀ ଭାଷାରେ ଶିକ୍ଷା ଦେଉଥିଲେ । ପରେ ପୁସ୍ତକରେ ସେଇ ଗୀତଗୁଡ଼ିକୁ ପୁସ୍ତକାକାରରେ ସନ୍ନିବେଶକରି ସେ ଯେଉଁ ବହିଟି ପ୍ରକାଶ କରିଥିଲେ ତାହା ହେଉଛି– 'ବାଳପ୍ରଭାତୀ' । ଓଡ଼ିଆ ଶିଶୁ ସାହିତ୍ୟାକାଶରେ ଏହା ଏକ ମାଇଲ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବନି । ସେହି ଅମର ଅବିସ୍ମରଣୀୟ ଲେଖନୀନିଃସୃତ ପଦାବଳୀରୁ କିଛିତ ଅଂଶ ଏଠି ଉଦ୍ଧୃତ–

ବିଜ୍ଞାନପ୍ରୀତି ମୂଳକ ପ୍ରାର୍ଥନା–

"ଉଡ଼ାଜାହାଜ ମୋତେ ଦେଖାଅ ତୁମେ ଉଡ଼ାଇବେ ଥାଉ
ଦାଉ ଧକ୍କା ଯେତେ ଆସିବ ସବୁ ଯିବି
ଏଡ଼ାଇ । (୬ କ)"

ପ୍ରାକୃତିକ ପରିବେଶକୁ ଆଧାରକରି ପ୍ରାର୍ଥନା–

ସକାଳ ହୋଇଲେ ପୁରୁବେ ହସାଇ
ନାଲିଆ ପୁରୁପ ଗୋଟି

ସଞ୍ଜ ହେଲେ ନୀଳ— ଆକାଶରେ ଟିକି
ତାରା ଫୁଟେଁ ମିଟି ମିଟି ॥ (୬ ଖ)

ଧନ୍ଦା ସଂଗୀତ—

"ଖେଳ ମୋଟଗଲୀ, ଚକା ଭଉଁରୀ
ଘୁରୁ ଘୁରୁ ଘୁରୁ ଯାଆରେ ଘୂରି । (୬ ଗ)

ନୂଆ ଯୁଗର ପ୍ରେରଣା—

"ଆମେ ନୂଆ ଯୁଗଟାଏ ଗଢ଼ିବୁଁ
ନୂଆ ପାଠ ପଢ଼ି ତାହାରି ଆଲୁଅ ଦୁନିଆ ଆଲୁଅ କରିବୁଁ ।
(୬ ଘ)

ଦେଶାତ୍ମବୋଧ ଗୀତ—

"ଆମେ ଭାରତ ଭୂଇଁ ନୂଆ
ଏଇ ଦେଶକୁ ଗଢ଼ିବୁଁ ଆମେ ଆମରି ହାତେ ନୂଆ । (୬ ଙ)

ଭଲକାମ ପାଇଁ ପ୍ରେରଣା—

"ପାଠ ପଢ଼ିବି, ପାଠ ପଢ଼ିବି
ଭଲ ମନ୍ଦ ମୁଁ ବାଛି ଶିଖିବି
ଯେଉଁଟି ଭଲ ସେଇ ବାଟକୁ
ବଢ଼ାଇ ଦେବି ପାଦ
ସାର ଟିକକ ବାଛି ମୁଁ ନେବି ପକାଇ ଦେବି ଖାଦ ।
(୬ ଚ)

ପତାକା ବନ୍ଦନା—

"ଏ ମାଟି ଜନମ ଭୂଇଁ ଏଇ ପତାକା ତାର
ଏଇ ପତାକା ଦିଏଁ ଦେବତା ଆଗ ତା ନମସ୍କାର । (୬ ଛ)

ମାର୍ଚିଂ ଗୀତ—

"ଆମେ ଏ ଦେଶର ଆଗୁଆ ସୈନ୍ୟ ଆମେ ହିଁ ଗଢ଼ିବୁ ଦେଶ
ଆମରି ହାତେ ଫେରାଇ ଆଣିବୁ ସୁନାର ଭାରତ ବର୍ଷ ।
(୬ ଜ)

ଦେଶାତ୍ମବୋଧ ସହିତ ଇତିହାସ ଭୂଗୋଳ ଶିକ୍ଷା—

"ରାଜରାଣୀ ମୋର ଜନମ ଭୂଇଁ
ପାଖାବାର ଲୋଟେ ଚରଣ ଛୁଇଁ
ବରଣ ବରଣ ଲହରୀ ମାଳାରେ
ଯଶ ଗାଥା ତା'ର ନିରତେ ଗାଇ । (୬ ଝ)

ପିଲାଙ୍କ ପାଇଁ ଦେଶାତ୍ମବୋଧ ଗୀତ ଲେଖିବା ସଙ୍ଗେ ଦେଶର ତରୁଣ ଯୁବକ ତଥା ଦେଶବାସୀ ସମସ୍ତଙ୍କୁ ଜାତୀୟ ମମତାର ପ୍ରେରଣା ଦେବା ଓ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଆହ୍ୱାନ ଦେଇ ସେ ଅନେକ ସଙ୍ଗୀତ ଲେଖିଥିଲେ । ତାଙ୍କ ଲେଖନୀ କୃତ ପତାକା ବନ୍ଦନା— "ଏଇ ପତାକା ତଳେ" (୬ ଞ) ଏକ ଉଲ୍ଲେଖନୀୟ ସୃଷ୍ଟି । ସେଇ ସମୟରେ ଏହା ସମଗ୍ର ଓଡ଼ିଶାରେ ଆଦୃତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଆହ୍ୱାନ ଦେଇ କବିତା—

"ଅମୀର ଫକୀର ମୂଲିଆ ଚାଷୀ
ଯେତେ ଯହିଁ ଅଛ ଭାରତବାସୀ
ହିନ୍ଦୁ ବଉଦ୍ଧ ମୁସଲମାନ
ଜୈନ ଖ୍ରୀଷ୍ଟିଆନ
ଯୁଦ୍ଧରେ ଆଗୁଆନ.........(୭ କ)

ଅସ୍ପୃଶ୍ୟତା ନିବାରଣ—

"ଏତ ଅନ୍ଧ ଛୁଆଁମନା ନୀତି
ମଣିଷକୁ ଯେବେ ମଣିଷ—ଛୁଇଁବ
କେଉଁ ବାଟେ ଯିବ ଜାତି । (୭ ଖ)

କବି ସ୍ୱାଧୀନତାର ଉଦ୍‌ବୋଧନ ଦେଇ ଓଡ଼ିଶାର ଗ୍ରାମରେ ବୁଲିଥିଲେ । ବିଭିନ୍ନ ସଭା ସମିତିରେ ଉଦ୍‌ବୋଧନ ସଙ୍ଗୀତ ମଧ୍ୟ ଗାନ କରିଥିଲେ । ଗଡ଼ଜାତରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବା ପାଇଁ ସେ ଲେଖିଥିଲେ—

"ଟାଙ୍ଗରା ଭୂଇଁରେ ମୋର ଘରରେ
ଆମେ ଗଡ଼ଜାତ ପାଇକ ପୁଅ
ବଣ ପାହାଡ଼ରେ ଆମ ମୁଲକ ଘେରାରେ
ଆମ ହାତ ଭାଙ୍ଗେ ପଥର ଲୁହା । (୮ ଖ)

ଗୀତଟି ସେ ସମୟରେ ଗଡ଼ଜାତ ଲୋକଙ୍କ ମଧ୍ୟରେ ପ୍ରବଳ ଉଦ୍ଦୀପନା ସୃଷ୍ଟି କରିଥିଲା । ସେ ଅଞ୍ଚଳର କଳାସାହିତ୍ୟ ରସିକ ଓ ଦେଶହିତୈଷୀ ରାଜାମାନେ ମଧ୍ୟ ତାଙ୍କ ଲେଖନୀରେ ଅତିଶୟ ମୁଗ୍ଧ ହୋଇଥିଲେ । ଏକଦା ଆଠମଲ୍ଲିକ ରାଜା ରାଜ୍ୟର ଦର୍ଶନୀୟ ସ୍ଥାନ ଦେଉଳଝରି ଯିବା ପାଇଁ ହାତୀର ବ୍ୟବସ୍ଥା କରିଥିଲେ । ଦେଉଳଝରି ଭ୍ରମଣକରି କବି ତା'ର ଉପରେ ଏକ ସୁନ୍ଦର କାବ୍ୟ ଲେଖିଥିଲେ । (୮)

ଏତଦ୍ ବ୍ୟତୀତ ନେତାଜୀ ଦେଶର ସ୍ୱାଧୀନତା ପାଇଁ ଆଜାଦ୍ ହିନ୍ଦ୍ ଫୌଜ (Indian National Army) ଗଠନ କରି ଭାରତ ଅଭିମୁଖେ ଆସିଲାବେଳେ ବିଭିନ୍ନ ସ୍ଥାନରେ ଯେଉଁ ସବୁ ଉଦ୍‌ବୋଧନ ଦେଇଥିଲେ ସେହି ଉଦ୍‌ବୋଧନର ମର୍ମବାଣୀ ତାଙ୍କର ବିଭିନ୍ନ କବିତାରେ ରୂପାୟିତ ହୋଇଛି । ବିଶେଷକରି ଯୁଗଜ୍ୟୋତି ନେତାଜୀ, ଦିଲ୍ଲୀ ପଥେ ନେତାଜୀର ଡାକ, ଦିଅ ବାପୁ ଆଶୀର୍ବାଦରାଶି, ଦିଅ ରକ୍ତ—ଦେବି ସ୍ୱାଧୀନତା, ଗଙ୍ଗଲେଖା, ଝାନ୍‌ସୀ ବାହିନୀ ପ୍ରତି ନେତାଜୀ ପ୍ରଭୃତି ସ୍ୱାଧୀନ ଭାରତ ଗଠନରେ ବ୍ରତୀ ହେବା ସଙ୍ଗେ ପାଠକ ପ୍ରାଣରେ କର୍ମ ପ୍ରେରଣା ଜାଗ୍ରତ କରେ । (୯)

ଜାତୀୟ ଚେତନା ମୂଳକ କବିଙ୍କ ଅପ୍ରକାଶିତ ରଚନାବଳୀ ମଧ୍ୟରେ ଶହେ ଆଠ ଗୀତ କବିତାରେ ସନ୍ନିବିଷ୍ଟ 'ଏଇ ଆମ ମାଟି ମାଆ' ଅନ୍ୟତମ ଉଲ୍ଲେଖନୀୟ ସୃଷ୍ଟି । ଜାତିର ଦୁର୍ଦ୍ଦିନ ବେଳେ କବିଙ୍କ କଣ୍ଠରୁ ସ୍ୱତଃ ଦେଶାତ୍ମବୋଧର ଉଦ୍‌ବୁଦ୍ଧନ ଆସିଥିବା ଜଣାଯାଏ । କବିତାଗୁଡ଼ିକ ବିଭିନ୍ନ ରାଗରେ ରଚିତ ପ୍ରତିଟି

ଜାତୀୟପ୍ରୀତି ଉଦ୍ରେକ କରିବା ସଙ୍ଗେ ଶିକ୍ଷଣୀୟ ଓ ହୃଦୟସ୍ପର୍ଶୀ ମନେ ହେଉଥାଏ । ଉଦାହରଣତଃ କବିଙ୍କ ଲେଖନୀ ନିଃସୃତ କେତୋଟି ପଂକ୍ତି ଦ୍ରଷ୍ଟବ୍ୟ–

"ଏଇ ଆମ ମାଟି ମାଆ
ନାଆଁଟିତ ସୁଆ ଦିଆ
ମହୁଠାରୁ ବଳି ମିଠା
ଭାରତରେ ଭାରତ
ତା ସେବା ରଖିବା ଆମ
ଜୀବନର ଶପଥ

XX XX XX

ଦେବତାଯା ହିମାଦ୍ରି ନଗାଧିରାଜ
ଯାହାର ଶିର ହୀରା କିରୀଟ ସାଜ
ଧରା ସ୍ୱର୍ଗ କଳ୍ପନା ବାସ୍ତବ ସେତୁ
ନିଖିଳ ଶୁଭ ସୁଖ କଲ୍ୟାଣ ହେତୁ
ସ୍ୱର୍ଗାଦପି ଗରୀୟସୀ ଘୋଷେ ସାରା ଜଗତ
ଏଇ ଆମ ମାଟି ମାଆ ନାଆଁଟି ଭାରତ । (୧୦ କ)

(୨) ହିମାଚଳ ତାକେ ସୀମାଚଳେ ଆଜି ଶତ୍ରୁ ଦେଇଛି ଧାଡ଼ି
ଭାରତ ମାତାର ହୀରକ–କିରୀଟ ଦର୍ପେ ବସୁଛି ମାଡ଼ି ।
(୧୦ ଖ)

(୩) ଉଠ ତରବାରୀ ଚଳ ଦୁନ୍ଦୁଭି ଜଳାରେ କମାଣେ ହୁଳା
ମାଡ଼ି ଆସିଲେଣି ଫିରିଙ୍ଗୀ ଫଉଜ ନାହିଁ ନାହିଁ ଆଉ ବେଳ ।
ଖାନ୍ଦସୀଣିବରୁ ତୋଳରେ ସପନେ ପଦ୍ମ ତୋଳାର ତାନ
ମଣିହରା ଫଣୀ ଗରଜିବ ଆଜିରେ ଝଙ୍କାର ଅଭିଯାନ ।
(୧୦ ଗ)

ତାଙ୍କ ଲେଖନୀକୃତ 'ରାଜରାଣୀ ମୋର ଜନମ ଭୂଇଁ' (୬ ଖ) ଓ 'ଗୁରିଦିନ ତୋକିଲା' (୧୧) କବିତା ବିଭିନ୍ନ ଶ୍ରେଣୀର ପାଠ୍ୟ ପୁସ୍ତକରେ ସନ୍ନିବେଶିତ ହେବା ସଙ୍ଗେ ଅନେକ କବିତା ରେଡ଼ିଓ ରୂପାନ୍ତର ହୋଇଛି । ୧୯୪୮ରେ ଆକାଶ ବାଣୀ, କଟକ କେନ୍ଦ୍ର ପ୍ରତିଷ୍ଠା ହେବା ଦିନ ତାଙ୍କର ଏକ ସଙ୍ଗୀତ ଉଦ୍‌ଯାପନ ଗୀତ ଥିଲା । ଏତଦ୍ ବ୍ୟତୀତ ୧୯୪୯ରୁ ରେଡ଼ିଓର ବିଭିନ୍ନ କବି ସମ୍ମିଳନୀରେ କବି ବହୁବାର କବିତା ଆବୃତ୍ତି କରି ଅଛନ୍ତି । ୧୯୮୫ରେ ସେ ଆକାଶବାଣୀ ତରଫରୁ ଜାତୀୟ କବି ସମ୍ମିଳନୀ–ଦିଲ୍ଲୀରେ ଯୋଗ ଦେଇଥିଲେ ।

ବିଭିନ୍ନ ସମୟରେ କବି 'ଦୈନିକ ଆଶା'ର ସହକାରୀ ସମ୍ପାଦକ, ସହାୟକ ଲୋକ ମଙ୍ଗଳ ଅଧିକାରୀ, ଲୋକ ସମ୍ପର୍କ ଅଧିକାରୀ, ଉତ୍କଳ ସାହିତ୍ୟ ସମାଜ ଓ ଦୈନିକ 'ସମାଜ'ରେ ସହକାରୀ ସମ୍ପାଦକ ରୂପେ କାର୍ଯ୍ୟକରି ତାଙ୍କର ଜୀବନ ଯଶସ୍ୱୀନ୍ତ ହୋଇଥିଲା । ସମ୍ପ୍ରତି କାର୍ଯ୍ୟକ୍ଷେତ୍ରରୁ ସେ ଅବସର ନେଇଥିଲେ ହେଁ ବାଣୀ ବରଦାଙ୍କ ଆରାଧନାକୁ ଭୁଲିନାହାନ୍ତି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସଭା ସମିତିରେ କବିତା ଆବୃତ୍ତି କରିବା ଦୈନିକ ଲେଖା ଲେଖି କରିବା, ଦୂରଦୂରାନ୍ତକୁ ପଦଯାତ୍ରାରେ ଯିବା ସମେତ ଗଠନମୂଳକ କାର୍ଯ୍ୟରେ ନିମଗ୍ନ ରହିଥିବା ଜାଣିଲେ ତାଙ୍କ ଭଳି ବରିଷ୍ଠ କଷ୍ଟ ସହିଷ୍ଣୁ ସାହିତ୍ୟ ସାଧକ ଓ ସଂଗ୍ରାମୀଙ୍କ ପ୍ରତି ନତମସ୍ତକ ହେବାକୁ ପଡ଼େ । ତାହାଙ୍କର ଅପ୍ରକାଶିତ ରଚନାବଳୀକୁ ଜନମାନସରେ ପ୍ରକାଶ କରିବା ପାଇଁ ସରକାରୀ ସ୍ତରରେ ଉଦ୍‌ଯୋଗ ହେବା ଆବଶ୍ୟକ ।

**ସହାୟକ ଗ୍ରନ୍ଥାବଳୀ :**

(୧) ବ୍ୟକ୍ତିଗତ ସାକ୍ଷାତକାର, (୨) ଆମ ବଡ଼ ଦେଉଳ, (୩) ଆମ କୋଣାର୍କ, (୪) ଶହୀଦ୍ ଲକ୍ଷ୍ମଣ ନାୟକ ଫାଶୀ ଗୀତ, ପ୍ରଜାତନ୍ତ୍ର ତା ୨୯–୩–୧୯୮୮, (୫)(କ) ସ୍ୱାଧୀନତା ସଂଗ୍ରାମ ଓ ମୁଁ, (ଖ) ତତ୍ରୈବ, (୬)(କ) ବାଳପ୍ରଭାତୀ, ପୃ–୧, (ଖ) ତତ୍ରୈବ, ପୃ–୨, (ଗ) ତତ୍ରୈବ ପୃ–୧୬, (ଘ) ତତ୍ରୈବ ପୃ–୭, (ଙ) ତତ୍ରୈବ ପୃ–୫, (ଚ) ତତ୍ରୈବ ପୃ–୧୩, (ଛ) ତତ୍ରୈବ ପୃ–୧୦, (ଜ) ତତ୍ରୈବ ପୃ–୫, (ଝ) ତତ୍ରୈବ ପୃ–୮, (ଞ) ତତ୍ରୈବ, (୭)(କ) ଜୟଭେରୀ, (ଖ) ତତ୍ରୈବ ପୃ–୬, (ଗ) ତତ୍ରୈବ ପୃ–୨୫, (୮) ଦେଉଳଝରୀରେ କବିର ସ୍ୱପ୍ନ, (୯) ବିପ୍ଳବ ବାଣୀ, (୧୦)(କ) ଏଇ ଆମ ମାଟି ମାଆ, (ଖ) ତତ୍ରୈବ, (ଗ) ତତ୍ରୈବ, (୧୧) ସଙ୍ଗୀତିକା ।

ପ୍ଲଟ ନଂ.ଏମ୍.ଆଇ.ଜି.–୧, ୫୨/୧,
ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ଼ କଲୋନୀ,
ଭୁବନେଶ୍ୱର–୧୬ ।



## ସୁରଜକୁଣ୍ଡ ମେଳାରେ ଓଡ଼ିଶାର ଭୂମିକା

ଚଳିତ ବର୍ଷ ହରିଆନାର ସୁରଜକୁଣ୍ଡଠାରେ ଅନୁଷ୍ଠିତ କ୍ରାଫ୍‌ଟ ମେଳାରେ ଓଡ଼ିଶାର ପ୍ରାଧାନ୍ୟ ଦିଆଯାଇଥିଲା । ଫେବ୍ରୁଆରୀ ମାସ ୧୫ ତାରିଖ ପର୍ଯ୍ୟନ୍ତ ଦୁଇ ସପ୍ତାହ ବ୍ୟାପୀ ଆୟୋଜିତ ଏହି ମେଳାକୁ ଦେଶ ବିଦେଶର ବହୁ ପରିଦର୍ଶକ ଆସିଥିଲେ । ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ ରାଜ୍ୟର ହସ୍ତକର୍ମ ଓ ଖାଦ୍ୟ ପଦାର୍ଥ ବିକ୍ରୀ ହେବା ସଙ୍ଗେ ସଙ୍ଗେ ପ୍ରଦର୍ଶିତ ମଧ୍ୟ ହୋଇଥିଲା । ବିଭିନ୍ନ ପ୍ରାନ୍ତର ଲୋକନୃତ୍ୟ, କୁହୁକ ପ୍ରଦର୍ଶନ ମେଳାର ଅନ୍ୟତମ ଆକର୍ଷଣ ଥିଲା । ଏ ବର୍ଷ ଓଡ଼ିଶା 'ଥିମ୍' ରାଜ୍ୟ ହୋଇଥିବାରୁ ଆମ ରାଜ୍ୟର ହସ୍ତତନ୍ତ ଲୁଗା ପୋଷାକ ପରିଚ୍ଛଦ ଏବଂ ହସ୍ତକର୍ମ ଷ୍ଟଲମାନ ଖୋଲାଯାଇଥିଲା । ମୁଖ୍ୟତଃ ସମ୍ବଲପୁରୀ ସୂତା ଏବଂ ରେଶମ ଶାଢ଼ୀ, ବିଛଣା ଚଦର, ପୋଷାକ ପରିଚ୍ଛଦ, ବ୍ରହ୍ମପୁର ଶାଢ଼ୀ, ପିପିଲି ଚାନ୍ଦୁଆ, ପଟଚିତ୍ର, ଟେରାକୋଟା, ପଥର ମୂର୍ତ୍ତି, ଡୋକରା ଇତ୍ୟାଦିର ବେଶ୍ ଚାହିଦା ଥିଲା ।

ଫରିଦାବାଦ ଜିଲ୍ଲାଠାରୁ ଅନତି ଦୂରରେ ସୁରଜକୁଣ୍ଡ ଅବସ୍ଥିତ । ଏହି ମେଳାକୁ ଚଳିତ ବର୍ଷ ପ୍ରାୟ ୧୫ ଲକ୍ଷ ଲୋକ ଦେଖିଛନ୍ତି । ସେମାନଙ୍କ ମଧ୍ୟରେ ପ୍ରାୟ ୩୦,୦୦୦ ଜଣ ବିଦେଶୀ ନାଗରିକ ଥିଲେ । ସପ୍ତମ ଥର ପାଇଁ ଆୟୋଜିତ ଏହି "ସୁରଜକୁଣ୍ଡ" ମେଳାର ମୁଖ୍ୟ ତୋରଣକୁ ଓଡ଼ିଶାର ଭୁବନେଶ୍ୱର ତୋରଣ ଡିଜାଇନ୍ ପରି ନିର୍ମିତ କରାଯାଇଥିଲା । ମେଳାର କେନ୍ଦ୍ର ସ୍ଥଳରେ ଥିବା ଚୌପାଲ (ବସାଉଠା ସ୍ଥାନ)ର ଚତୁଃପାର୍ଶ୍ୱର ପିପିଲି ହସ୍ତକର୍ମ ସହିତ ଓଡ଼ିଶା ମଣ୍ଡପର ସାଜସଜ୍ଜା ହୋଇଥିଲା । ଓଡ଼ିଶୀ ଭଜନ, ଗୀତ ଏବଂ ସଙ୍ଗୀତ ରେକର୍ଡ଼ ମେଳାରେ ବାଜୁଥିଲା । କଳା ଓ ସଂସ୍କୃତିପ୍ରିୟ ଅନେକ ଦର୍ଶକ ପରିସର ମଧ୍ୟରେ ପ୍ରଦର୍ଶନୀ ଦେଖୁଥିଲେ ଏବଂ ବିଭିନ୍ନ ରାଜ୍ୟର ହସ୍ତକର୍ମ ଜିନିଷ କିଣା ବିକି କରିଛନ୍ତି । ସ୍ଥାନର ନାମ "ସୁରଜକୁଣ୍ଡ ରଖାଯିବାର ତାତ୍ପର୍ଯ୍ୟ ମଧ୍ୟ ରହିଛି । ଏଠାରେ ଏକ ବିରାଟ ପୁଷ୍କରିଣୀ ଅଛି, ଯାହାକୁ କି ରାଜା ସୁରଜମଲ୍ଲ, ତାଙ୍କର ପତ୍ନୀଙ୍କର (ରାଣୀ) ସ୍ନାନ ଉଦ୍ଦେଶ୍ୟରେ ବିଶେଷ ଭାବେ ନିର୍ମାଣ କରିଥିଲେ । ପରବର୍ତ୍ତୀ ସମୟରେ ହରିଆନା ସରକାର ଏହି ଐତିହାସିକ ସ୍ଥାନକୁ ଏକ ପର୍ଯ୍ୟଟନ କେନ୍ଦ୍ର ହିସାବରେ ଘୋଷଣା କରି ସେଠାରେ ପ୍ରତିବର୍ଷ 'ସୁରଜକୁଣ୍ଡ କ୍ରାଫ୍‌ଟ୍ ମେଳା' ଆୟୋଜନ କରୁଛନ୍ତି । ଏହି ମେଳା ବିଗତ ସାତ ବର୍ଷ ହେଲା ହୋଇ ଆସୁଛି । ସେଠାରେ ଦର୍ଶକମାନଙ୍କ ଆମୋଦ ପ୍ରମୋଦ ପାଇଁ ଏକ ନୌଚାଳନା କେନ୍ଦ୍ର ଏବଂ ଏକ ନାଟ୍ୟଶାଳା ପ୍ରତିଷ୍ଠା କରାଯାଇଛି ।

ମେଳାର ଉଦ୍‌ଘାଟନ ଉତ୍ସବରେ ରାଜ୍ୟ ପେନ୍‌ସନ୍ ଓ ଅଭିଯୋଗ ମନ୍ତ୍ରୀ ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ ଉପସ୍ଥିତ ଥିଲେ । ଫେବ୍ରୁଆରୀ ଦୁଇ ତାରିଖଦିନ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ କେ: ପି: ସିଂହଦେଓ ମେଳା ପରିଦର୍ଶନ କରିଥିଲେ । କେନ୍ଦ୍ର ବସ୍ତ୍ର ଶିଳ୍ପମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ରାଜ୍ୟ ବିଧାନସଭା ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ, ମୁଖ୍ୟ ସଚେତକ, ଦିଲ୍ଲୀରେ ଅବସ୍ଥାପିତ ରେସିଡେଣ୍ଟ କମିଶନର ଶ୍ରୀ ଦେବୀ ପ୍ରସାଦ ବାଗଚୀ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ମଧ୍ୟ ଏହି ମେଳା ପରିଦର୍ଶନ କରିଥିଲେ । ମେଳା ସମୟରେ ଦେଶର ବିଭିନ୍ନ ସାଂସ୍କୃତିକ କେନ୍ଦ୍ର ତରଫରୁ ଲୋକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଓଡ଼ିଶାର ଘୁମୁରା ନୃତ୍ୟ, ସମ୍ବଲପୁରୀ, ଦଣ୍ଡ ନୃତ୍ୟ, ଚଇତି ଘୋଡ଼ା ପ୍ରଭୃତି ପ୍ରଦର୍ଶିତ ହୋଇଥିଲା । ଶ୍ରୀ ମୋତିରାମ ମୁନି ପରିବେଷଣ କରିଥିବା ମଙ୍ଗଳଧ୍ୱନି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସେଥିପାଇଁ ମେଳା କର୍ମକର୍ତ୍ତାଙ୍କ ତରଫରୁ ତାଙ୍କୁ ଏକ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି ।

ମେଳା ପରିସର ମଧ୍ୟରେ ଏକ ଓଡ଼ିଆ ଗାଉଁଲୀ ଘର ନିର୍ମାଣ କରାଯାଇଥିଲା । ସେଥିରେ ଏକ ଓଡ଼ିଆ ପରିବାର ବସବାସ କରୁଥିଲେ । ଓଡ଼ିଶା ଗାଁ ଗହଳ ଚଳଣିର ଏକ ନମୁନା ପ୍ରଦର୍ଶନ କରିବା, ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଏ ବର୍ଷ ମେଳାରେ ଯୋଗଦେବା ପାଇଁ ସମୁଦାୟ ୩୦୬ ଜଣ କାରିଗରଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସେମାନଙ୍କ ମଧ୍ୟରେ ୨୪ ଜଣ ଜାତୀୟ ପୁରସ୍କାର ବିଜେତା ଥିଲେ । ଓଡ଼ିଶାରେ ପଟ୍ଟଚିତ୍ର, ହସ୍ତତନ୍ତ, ତାଳପତ୍ର, ପଥର ଖୋଦେଇ ପ୍ରଭୃତି କାର୍ଯ୍ୟରେ ସୁନାମ ଅର୍ଜନ କରିଥିବା ୫୦ ଜଣ କୁଶଳୀ କାରିଗର ଯୋଗ

[illegible] । ବିଭିନ୍ନ ଜିନିଷପତ୍ର ବିକ୍ରୟ ଏବଂ ପ୍ରଦର୍ଶନୀ ପାଇଁ [illegible] ଷ୍ଟଲ ନିର୍ମିତ ହୋଇଥିଲା । ସେଥି ମଧ୍ୟରୁ [illegible] ଟି ଷ୍ଟଲ ଥିଲା ।

ଓଡ଼ିଆ ଖାଦ୍ୟକୁ ଲୋକପ୍ରିୟ କରିବା ପାଇଁ ସୁରଜକୁଣ୍ଡ ମେଳାରେ ପୁରୀର "ତୋଷାଳି ସ୍ୟାଣ୍ଡ" ହୋଟେଲ ତରଫରୁ [illegible] ଖୋଲାଯାଇଥିଲା । ଦର୍ଶକମାନଙ୍କ ମଧ୍ୟରେ [illegible] ଭାତ, [illegible], ପେଣି, [illegible], ନଡ଼ିଆ ଓ ପଇଡ଼ [illegible] ହୋଇଥିଲା ।

କହିବାକୁ ଗଲେ, ଚଳିତ ବର୍ଷ ସୁରଜକୁଣ୍ଡ ମେଳାରେ ଓଡ଼ିଆ [illegible], ସଂସ୍କୃତି ଏବଂ ହସ୍ତକଳାର ସୁନ୍ଦର ଚିତ୍ର ଅବତାରଣା କରାଯାଇଥିଲା ।

ଶ୍ରୀ [illegible] ଦାସ, ଓ: ଆଇ: ଓ:,
ନୂଆଦିଲ୍ଲୀ ।

## ପୂର୍ଣ୍ଣଚନ୍ଦ୍ରର ଭାଗ୍ୟ ରବି ଉଇଁଛି

ମହାନଦୀର ବୁକୁରେ ପାଣିର ଧାର । ଧାରରେ ମୀନର ଘର । ତାକୁ ଧରି ଆଣିଲେ ପୂର୍ଣ୍ଣ ବେହେରାର ସଂସାର ଚଳେ ଓ ୬' ପରିବାର ଦୁଇମୁଠା ଖାଆନ୍ତି । ଜାତିରେ ଧୀବର । ମାଛ ବିକି ପୁରୁଷାନୁକ୍ରମେ ଚଳି ଆସୁଛି । ୪୦ ବର୍ଷ ବୟସ୍କ ପୂର୍ଣ୍ଣଚନ୍ଦ୍ର ବେହେରା ଧନର ଅଭାବରେ ଖଣ୍ଡିଏ ମାଛଧରା ଡଙ୍ଗା କରି ପାରୁନଥିଲା । ଜାଲଟିଏ ବଡ଼ କଷ୍ଟରେ କିଣିଥିଲା ମାଛ ମାରି ବଜାରରେ ବିକି ମାସିକ ୩୦୦ରୁ ୪୦୦ ଟଙ୍କା ମାତ୍ର ରୋଜଗାର । ପିତା ଶ୍ରୀ ଅଭିମନ୍ୟୁ ବେହେରା ବୃଦ୍ଧାବସ୍ଥାରେ ପୁତ୍ରର ରୋଜଗାର ଉପରେ ଆଶ୍ରିତ । ତିନୋଟି ପୁଅ ଓ ଝିଅ ବିଏ । ଦଶରଥପୁର ବ୍ଲକ୍ ବୌଦ୍ଧରାଜ ଉପଖଣ୍ଡର ମହାନଦୀ ପ୍ରବାହୀକା ସମୃଦ୍ଧଶାଳୀ କିନ୍ତୁ ସାମୋଚ ଗ୍ରାମପଞ୍ଚାୟତର କେଉଟମାନଙ୍କ ଅର୍ଥନୈତିକ ସ୍ଥିତିରେ ସୁଧାର ଆସୁନଥାଏ । ନିଜ ବୃତ୍ତିଗତ ବ୍ୟବସାୟ ମାଛଧରାରେ ଯାହା ରୋଜଗାର କରନ୍ତି ତାହା ଦୁଇ ଓଳିକୁ ନିଅଣ୍ଟ । ସରକାରଙ୍କର 'ସମନ୍ୱିତ ଗ୍ରାମ ବିକାଶ ଯୋଜନା'ର ସୁଫଳ ପାଇବା ନିମନ୍ତେ ପୂର୍ଣ୍ଣଚନ୍ଦ୍ର ଆଗ୍ରହୀ ହୋଇ ଦଶରଥପୁର ବି.ଡି.ଓ.ଙ୍କୁ ଡଙ୍ଗା ଓ ଜାଲ ନିମନ୍ତେ ସହାୟତା ଦେବାକୁ ଦରଖାସ୍ତ କରିଥିଲେ । ଶ୍ରୀ ବେହେରାଙ୍କ ଦରଖାସ୍ତ ପରୀକ୍ଷା ନିରୀକ୍ଷା କରି ସାମୋଚ ଗ୍ରାମର ସେବା ସମବାୟ ସମିତି ଦ୍ୱାରା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅର୍ଥ ଲଗାଣ ଓ ରିହାତି ପ୍ରଦାନରେ 'ସମନ୍ୱିତ ଗ୍ରାମ ବିକାଶ କାର୍ଯ୍ୟକ୍ରମ' ଦ୍ୱାରା ୩,୦୦୦ ଟଙ୍କା ମୂଲ୍ୟରେ ଗୋଟିଏ ଡଙ୍ଗା-୫ଟି ଜାଲ ପ୍ରାୟ ୪,୦୦୦ ଟଙ୍କା ମୂଲ୍ୟରେ କିଣି ବି.ଡି.ଓ. ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ୩୦-୩-୧୯୯୧ରେ ପ୍ରଦାନ କରିଥିଲେ । ଶତକଡ଼ା ୧୦ ଭାଗ ହାରରେ ସୁଧ ସହ ୩,୫୦୦ ଟଙ୍କା ମାତ୍ର ପରିଶୋଧ କରିବାକୁ ପଡ଼ିବ ବୋଲି ସୂଚନା ଦେଇଥିଲେ । ଏହିପରି ସେବା ସମବାୟ ସମିତି, ସାମୋଚ ଦ୍ୱାରା ୭୭,୦୦୦ ଟଙ୍କାର ଡଙ୍ଗା, ଜାଲ କିଣି ୧୧ ଜଣ କେଉଟଙ୍କୁ ମାର୍ଚ୍ଚ ୧୯୯୧ରେ ଯୋଗାଇ ଦିଆଗଲା । ଏହା ପୂର୍ବରୁ ଏହି ଗ୍ରାମରୁ ୫ ଜଣଙ୍କୁ ହଳ ବଳଦ ଓ ଆଇ.ଆର୍.ଡି.ପି ଦ୍ୱାରା ୬ ଜଣଙ୍କୁ ୧୯୯୧-୯୨ ବର୍ଷରେ ସହାୟତା ଦିଆଯାଇଥିଲା ।

ଆଜି ପୂର୍ଣ୍ଣଚନ୍ଦ୍ରର ହାତରେ ଡଙ୍ଗା ଓ ୫ଟି ଜାଲ, ମହାନଦୀର ନୀଳ ଜଳ ରାଶିରେ ଦିନ ତମାମ ମାଛର ସନ୍ଧାନ ଦିଗରେ ସହାୟତା ଯୋଗାଇ ଦେଇଛି । ବଜାରରେ ମାଛ ବିକ୍ରୀ ପୁରୁଖୁରୁରେ ଚାଲିଛି, ଆୟ ମଧ୍ୟ ବଢ଼ିଛି । ଏହି ଅର୍ଥୈକ ଋଣ ସହାୟତା ରିହାତି ବାଦ୍‌ଯାଇ ୩,୬୪୫ ଟଙ୍କା ୯ ବର୍ଷ ମଧ୍ୟରେ ଅଳ୍ପେ ଅଳ୍ପେ ସୁଝିବାକୁ ପଡ଼ିବ । ଏ ସହାୟତା ଦ୍ୱାରା ପୂର୍ବରୁ ପୂର୍ଣ୍ଣଚନ୍ଦ୍ରର ମାସିକ ୩୦୦ରୁ ୪୦୦ ଟଙ୍କା ରୋଜଗାର ହେଉଥିବା ସ୍ଥଳେ ବର୍ତ୍ତମାନ ତାହା ୧,୦୦୦ରୁ ୧,୫୦୦ ଟଙ୍କାକୁ ବୃଦ୍ଧି ପାଇଛି । ପୂର୍ଣ୍ଣ ବେହେରାର ଭାଗ୍ୟାକାଶରେ ଆଜି ସୂର୍ଯ୍ୟ ଉଇଁଛି ।

ସେ ୨୭-୧୨-୧୯୯୧ ସୁଦ୍ଧା ୨,୦୦୦ ଟଙ୍କା ଋଣ ପରିଶୋଧ କରିସାରିଛନ୍ତି । ଏଥି ମଧ୍ୟରେ ସବୁ ପିଲାମାନଙ୍କୁ ପାଠ ପଢ଼େଇବା ଲାଗି ସିଦ୍ଧାନ୍ତ ଗ୍ରହଣ କରିବା ସଙ୍ଗେ ସଙ୍ଗେ ୪୦ ଡେସିମିଲ ଜମି ମଧ୍ୟ କ୍ରୟ କରିଛନ୍ତି । ଏହା ନିଶ୍ଚିତ ଭାବେ ସମନ୍ୱିତ 'ଗ୍ରାମ୍ୟ ବିକାଶ ଯୋଜନାର ସୁଫଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଯୋଜନା ଦ୍ୱାରା ଦେଶ ତଥା ଜାତିର ପ୍ରଗତି କ୍ଷେତ୍ରରେ ସହାୟକ ହୋଇପାରିବ ।

ଶ୍ରୀ ଦାମୋଦର ପାଢ଼ୀ,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ବୌଦ୍ଧ ।




## ଘରୋଇ ଉଦ୍ୟମରେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ

ରାଜ୍ୟ ସରକାର ଆମେରିକାର 'ଏ.ଇ.ଏସ୍. ଟ୍ରାନ୍ସପାୱାର' କମ୍ପାନୀ ସହିତ ୯–୧୨–୧୯୯୨ ତାରିଖରେ ୪୨୦ ମେଗାୱାଟ୍ ଶକ୍ତି ବିଶିଷ୍ଟ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ତୃତୀୟ ଓ ଚତୁର୍ଥ ୟୁନିଟ୍ ସ୍ଥାପନ ନିମନ୍ତେ ପ୍ରାଥମିକ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ । ଉଭୟ ସଂସ୍ଥା ପର୍ଯ୍ୟାୟକ୍ରମେ ଦୀର୍ଘ ଆଲୋଚନା ପରେ ଏହି ବିଦେଶୀ ସଂସ୍ଥାର ଭାରତୀୟ ଅଂଶୀଦାର 'ଇବ୍ ଭ୍ୟାଲି ପାୱାର ପ୍ରାଇଭେଟ୍ ଲିମିଟେଡ୍' ଏବଂ 'ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ' ମଧ୍ୟରେ ଗତ ୬–୫–୧୯୯୩ ତାରିଖରେ ଏକ ଶକ୍ତି କ୍ରୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ତୃତୀୟ ଓ ଚତୁର୍ଥ ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଆସନ୍ତା ୧୯୯୪ ମସିହା ଜାନୁଆରୀ ମାସ ସୁଦ୍ଧା ଆରମ୍ଭ ହୋଇ ୧୯୯୬ ମସିହା ଜାନୁଆରୀ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଆଶା କରାଯାଏ ।

ଏହି ଯୋଜନାଟି ବିଦେଶୀ ପୁଞ୍ଜି ଲଗାଣ ବୋର୍ଡଙ୍କ ଅନୁମୋଦନ ଲାଭ କରିଛି । ଭାରତର ବିଭିନ୍ନ ବ୍ୟାଙ୍କ୍ ସହିତ କଥାବାର୍ତ୍ତା କରିବା ପାଇଁ କମ୍ପାନୀର ସଫଳ ଯୋଗାଣକାରୀ ବ୍ୟାଙ୍କ୍ ପ୍ରତିନିଧିମାନେ ସମ୍ପ୍ରତି ଭାରତ ଗସ୍ତରେ ଆସୁଛନ୍ତି । କମ୍ପାନୀର ଅନ୍ୟ ଗୋଟିଏ ପ୍ରତିନିଧି ଦଳ ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଜାପାନ ଓ ଅନ୍ୟାନ୍ୟ ଦେଶ ଗସ୍ତ କରି ଯନ୍ତ୍ରପାତି ବିକ୍ରେତା ଓ ଯୋଗାଣକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।

ଘରୋଇ ଉଦ୍ୟମରେ ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ଏକ ବିଦେଶୀ ସଂସ୍ଥା ସହ ସ୍ୱାକ୍ଷରିତ ଏହି ଚୁକ୍ତିନାମା ସମଗ୍ର ଦେଶରେ ସର୍ବପ୍ରଥମ । ଅନ୍ୟ ରାଜ୍ୟମାନେ ଏ ଦିଗରେ ଉଦ୍ୟମ କରିଆସୁଥିଲେ ମଧ୍ୟ ଓଡ଼ିଶା ଏ କ୍ଷେତ୍ରରେ ପ୍ରଥମେ ସଫଳତା ଲାଭ କରିଛି । ଓଡ଼ିଶାରର ମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀଙ୍କ ବଳିଷ୍ଠ ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଏହା ଓଡ଼ିଶାରେ ଲାଗି ରହିଥିବା ବିଦ୍ୟୁତ୍ ଅଭାବ ପୂରଣ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ।

ଏହି ଇବ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପର ୪୨୦ ମେଗାୱାଟ୍ ଶକ୍ତି ବିଶିଷ୍ଟ ପ୍ରଥମ ଓ ଦ୍ୱିତୀୟ ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଉପରେ ନ୍ୟସ୍ତ କରାଯାଇଛି । ଉକ୍ତ ତାପଜ ବିଦ୍ୟୁତ୍ କେନ୍ଦ୍ରର ପ୍ରଥମ ୟୁନିଟ୍ ଚଳିତ ବର୍ଷ ଓ ଦ୍ୱିତୀୟ ୟୁନିଟ୍ ଆସନ୍ତା ବର୍ଷ ଉତ୍ପାଦନକ୍ଷମ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## ବ୍ଲକ୍ ସ୍ତରୀୟ କୃଷକ ଜନମଞ୍ଚ ପୁନର୍ଗଠନ

ରାଜ୍ୟରେ କୃଷି ଉତ୍ପାଦନ ଅଭିବୃଦ୍ଧି ଦିଗରେ କୃଷୀ ଓ ଜନସାଧାରଣଙ୍କୁ ସକ୍ରିୟ ଭାବରେ ଜଡ଼ିତ କରିବା ପାଇଁ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ସ୍ତରରେ ରାଜ୍ୟ ସରକାର କୃଷକ ଜନମଞ୍ଚମାନ ଗଠନ କରିଛନ୍ତି । ଏହି ସଂସ୍ଥାମାନଙ୍କରେ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନଙ୍କୁ ନେବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକ୍ ସ୍ତରୀୟ କୃଷକ ଜନମଞ୍ଚରେ ପଞ୍ଚାୟତ ସମିତିର ଚେୟାରମ୍ୟାନ ଓ ମହିଳା ଭାଇସ୍ ଚେୟାରମ୍ୟାନ ଯଥାକ୍ରମେ ସଭାପତି ଓ ଉପସଭାପତି ରହିବେ ଏବଂ ନିର୍ବାଚିତ ସରପଞ୍ଚମାନଙ୍କୁ ସଭ୍ୟ ଭାବେ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଇଣ୍ଡୋ–ଡାନିସ୍ ଜଳଛାୟା ବିକାଶ କାର୍ଯ୍ୟକ୍ରମର ରୂପାୟନ ପାଇଁ ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି ଗଠିତ

ଡେନ୍‌ମାର୍କ ସରକାରଙ୍କର ଆର୍ଥିକ ସହାୟତାରେ କୋରାପୁଟ ଜିଲ୍ଲାର ଜୟପୁର ସବ୍–ଡିଭିଜନ ଓ ମାଲ୍‌କାନଗିରି ଜିଲ୍ଲାରେ ଚଳିତ ବର୍ଷଠାରୁ ଜଳଛାୟା ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ୧୩.୨୫ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଯୋଜନାର ଅବଧି ୭ ବର୍ଷ ରଖାଯାଇଛି । ମୃତ୍ତିକା ସଂରକ୍ଷଣ, ଶସ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ପଶୁପାଳନ ଓ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମଗୁଡ଼ିକୁ ସମନ୍ୱିତ କରାଯାଇ ଜଳଛାୟା ଅଞ୍ଚଳରେ ରହିଥିବା ଭୂମିର ସଦୁପଯୋଗ କରାଯିବା ଏହି ଯୋଜନାର ଲକ୍ଷ୍ୟ ।

ଏହି ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଉପଦେଷ୍ଟା କମିଟି ଗଠନ କରାଯାଇଛି । ଏଥିରେ ଡି.ଆର୍.ଡି.ଏ. ଓ ଆଇ.ଟି.ଡି.ଏ.

ପ୍ରୋଜେକ୍ଟ ଅଫିସର, କୃଷି, ଉଦ୍ୟାନ କୃଷି ଓ ପଶୁପାଳନ ବିଭାଗର ପ୍ରତିନିଧି, ଡି.ଏଫ୍.ଓ., ଚାନିତା ପ୍ରତିନିଧି ସଭ୍ୟ ରହିବେ ଏବଂ ଜନଜାତି ବିକାଶ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ସଭ୍ୟ ସମ୍ପାଦକର ଦାୟିତ୍ୱ ତୁଲାଇବେ । କମିଟି ୩ ମାସରେ ଥରେ ବସିବ ।

## ରାଜ୍ୟ ପ୍ରଶାସନିକ ସେବାର ଶ୍ରୀ ବିଷ୍ଣୁ ଚରଣ ଦାସଙ୍କ ରାଷ୍ଟ୍ରପତି ପୁରସ୍କାର ଲାଭ

ଢେଙ୍କାନାଳ ଜିଲ୍ଲାରେ ୧୯୯୧ ମସିହା ଜନଗଣନା କାର୍ଯ୍ୟ ଦକ୍ଷତାର ସହ ସମ୍ପାଦନ କରିଥିବା ଯୋଗୁଁ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଅଫିସର ଶ୍ରୀ ବିଷ୍ଣୁ ଚରଣ ଦାସ, ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଏହି କୃତିତ୍ୱ ପାଇଁ ଶ୍ରୀ ଦାସଙ୍କୁ ପ୍ରଶଂସା ପତ୍ର ଏବଂ ରୌପ୍ୟ ପଦକ ପ୍ରଦାନ କରାଯାଇଛି । ତତ୍କାଳୀନ ହିନ୍ଦୋଳ ତହସିଲଦାର ଭାବେ ଶ୍ରୀ ଦାସ ଏହି କୃତିତ୍ୱ ହାସଲ କରିଛନ୍ତି ।

ସୂଚନାଯୋଗ୍ୟ ଯେ ପ୍ରତ୍ୟେକ ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ଏ ଶ୍ରେଣୀର ଜଣେ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥାଏ । ସମ୍ପ୍ରତି ଶ୍ରୀ ଦାସ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି ଓ ସେ ଯାଜପୁର ଜିଲ୍ଲା ଅନ୍ତର୍ଗତ ଧର୍ମଶାଳା ଥାନାର ମୁରାରୀପୁର ଗ୍ରାମର ବାସିନ୍ଦା ।

## ବସ୍ତି ଉନ୍ନୟନ କାର୍ଯ୍ୟକ୍ରମରେ ୯,୬୯୭ ଜଣ ବସ୍ତି ବାସିନ୍ଦା ଉପକୃତ ଧାର୍ଯ୍ୟ ଲକ୍ଷ୍ୟ ପୂରଣ

ବିଂଶସୂତ୍ରୀ ଅନ୍ତର୍ଭୁକ୍ତ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମରେ ଗତ ୧୯୯୬-୯୭ ଆର୍ଥିକ ବର୍ଷରେ ୯,୫୬୦ ଜଣ ବସ୍ତି ବାସିନ୍ଦାଙ୍କୁ ପରିସରଭୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଗତ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ମୋଟ୍ ୯,୬୯୭ ଜଣ ବସ୍ତି ବାସିନ୍ଦାଙ୍କୁ ପରିସରଭୁକ୍ତ କରାଯାଇଛି ଏବଂ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୧୦୧.୪୭ ଭାଗ ସଫଳତା ହାସଲ ହୋଇପାରିଛି । କେବଳ ଗତ ମାର୍ଚ୍ଚ ମାସରେ ୨,୮୭୦ ଜଣ ବସ୍ତି ବାସିନ୍ଦା ପରିବେଶ ଉନ୍ନୟନ ଓ ସ୍ୱାସ୍ଥ୍ୟ ପରିମଳ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇପାରିଛନ୍ତି ବୋଲି ଯୋଜନା ଓ ସମନ୍ୱୟ ବିଭାଗରୁ ମିଳିଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମ ମାସିକ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

## ଭାରତ ଛାଡ଼ ଆନ୍ଦୋଳନ – ସୁବର୍ଣ୍ଣ ଜୟନ୍ତୀ କମିଟିର ଦ୍ୱିତୀୟ ବୈଠକ

ସମ୍ପ୍ରତି ସ୍ଥାନୀୟ ସୂଚନା ଭବନଠାରେ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିଜୟ ପାଣିଙ୍କ ଅଧ୍ୟକ୍ଷତାରେ ଭାରତ ଛାଡ଼ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ବୈଠକ ଦ୍ୱିତୀୟଥର ପାଇଁ ବସି ପୂର୍ବ ବୈଠକରେ ନିର୍ଦ୍ଧାରିତ ନିଷ୍ପତ୍ତିର ସମୀକ୍ଷା କରି, ଧାର୍ଯ୍ୟ ହୋଇଥିବା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆହୂତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ ସର୍ବଶ୍ରୀ ବିଶ୍ୱଧର ପରିଡ଼ା, ପଣ୍ଡିତ ରଘୁନାଥ ମିଶ୍ର, ଗୋପାଳ ଚନ୍ଦ୍ର ଦାସ, ବଳରାମ ମହାନ୍ତି, ବଳରାମ ପଣ୍ଡା ଓ ଆତ୍ମୁଳାନନ୍ଦ ବେହେରାଙ୍କ ସମେତ ବିଭାଗୀୟ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର, ନିର୍ଦ୍ଦେଶକ ଶ୍ରୀ କାଳୀକୁମାର ରଥ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ସଞ୍ଜୀବ ମାରିକ୍, ସ୍କୁଲ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ, ପ୍ରଫେସର ଦୀନବନ୍ଧୁ ମିଶ୍ର ଏବଂ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ବି. ଏସ୍. ବହିଦାର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଗତ ୯-୯-୧୯୯୨ ତାରିଖର ପ୍ରଥମ ବୈଠକରେ ନିର୍ଦ୍ଧାରିତ ଭୁବନେଶ୍ୱରଠାରେ ଶହୀଦ୍ ମୀନାର ନିର୍ମାଣ, ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ରାଜମହଲ ଛକକୁ ତାଙ୍କରି ନାମରେ ନାମିତ କରିବା, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଫଟୋଚିତ୍ର ସମ୍ବଳିତ ଏକ ସ୍ମରଣିକା ପ୍ରକାଶନ ଏବଂ ଜାତୀୟ ସ୍ତରରେ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଉପଯୁକ୍ତ ସ୍ଥାନ ପ୍ରଦାନ ଇତ୍ୟାଦି କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରାଯିବା ନେଇ ବୈଠକରେ ମତ ପ୍ରକାଶ ପାଇଥିଲା । ସ୍ମରଣିକା ସଙ୍କଳନ କାର୍ଯ୍ୟ ସଂଗ୍ରାମୀ ଶ୍ରୀ ବଳରାମ ମହାନ୍ତି ଓ ଶ୍ରୀ ବିଶ୍ୱଧର ପରିଡ଼ାଙ୍କ ଉପରେ ନ୍ୟସ୍ତ କରାଯାଇ, ଆସନ୍ତା ଜୁନ୍ ଶେଷ ସୁଦ୍ଧା ପାଣ୍ଡୁଲିପି ପ୍ରସ୍ତୁତ କାର୍ଯ୍ୟ ଶେଷ କରିବା ପାଇଁ ଅନୁରୋଧ କରାଯାଇଛି । ଏହା ବ୍ୟତୀତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଫଟୋ ପ୍ରଦର୍ଶନୀ ଓ ଦେଶାତ୍ମବୋଧ କବିତା ଆଦି ପ୍ରସ୍ତୁତ କାର୍ଯ୍ୟକୁ ବ୍ୟାପକ କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା । ରାଜ୍ୟର କଲେଜ ଓ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏ ସଂକ୍ରାନ୍ତ ବକ୍ତୃତାମାନ ଜିଲ୍ଲା ସ୍ତରରେ ଶୀଘ୍ର ଶେଷ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ନାମ ସୁପାରିଶ ନିମନ୍ତେ କମିଟି ପରାମର୍ଶ ଦେଇଥିଲେ ।

ଭାରତ ଛାଡ଼ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନ ଉତ୍ସବ ଆସନ୍ତା ଅଗଷ୍ଟ ନଅ ତାରିଖ ଦିନ ସୂଚନା ଭବନଠାରେ ଅନୁଷ୍ଠିତ କରାଯିବା ସହ ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ଓ କାମାକ୍ଷା ନଗର ଅଞ୍ଚଳର ମଢ଼ିଠାରେ ମଧ୍ୟ ରାଜ୍ୟସ୍ତରୀୟ ଉତ୍ସବ ପାଳନ ନିମନ୍ତେ କମିଟି ନିଷ୍ପତ୍ତି ନେଇଛନ୍ତି । ପ୍ରକାଶିତ ଭାରତ ଛାଡ଼ ଆନ୍ଦୋଳନ ଉପରେ ଆଧାରିତ ସ୍ୱତନ୍ତ୍ର "ଓଡ଼ିଶା ରିଭ୍ୟୁ"ର ସମସ୍ତ ସଂଖ୍ୟା ଇତି ମଧ୍ୟରେ ବିକ୍ରି ହୋଇଯାଇଥିବା ଦୃଷ୍ଟିରୁ ସେ ସମସ୍ତ ଲେଖାକୁ ନେଇ ଏକ ପୁସ୍ତିକା ପ୍ରକାଶନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । କମିଟିର ପରବର୍ତ୍ତୀ ବୈଠକ ଆସନ୍ତା ଜୁଲାଇ ପ୍ରଥମାର୍ଦ୍ଧରେ ଅନୁଷ୍ଠିତହୋଇ କାର୍ଯ୍ୟକ୍ରମର ପୁନଃ ସମୀକ୍ଷା କରାଯିବ ବୋଲି ସ୍ଥିର ହୋଇଛି ।

ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ବୈଠକ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ରଥ ସଭା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ରାଜ୍ୟରେ ବିକଳ୍ପ ଶକ୍ତି ପ୍ରକଳ୍ପ

ବିଭିନ୍ନ ଶକ୍ତି ପ୍ରକଳ୍ପ କାର୍ଯ୍ୟକ୍ରମରେ ଗତ ଆର୍ଥିକ ବର୍ଷରେ ବିଭିନ୍ନ ଗାଁଗହଳର ଲୋକଙ୍କୁ ରନ୍ଧନ ପାଇଁ ସୁବିଧା ଯୋଗାଇ ଦେବା

ନିମନ୍ତେ ୭୫ ହଜାର ଉନ୍ନତ ଚୁଲ୍ଲା ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୯୦,୬୧୦ଟି ଉନ୍ନତ ଚୁଲ୍ଲା ପ୍ରତିଷ୍ଠା କରାଯାଇ ଧାର୍ଯ୍ୟଲକ୍ଷ୍ୟର ଶତକଡ଼ା ୧୨୦ ଭାଗରୁ ଊର୍ଦ୍ଧ୍ୱ ସଫଳତା ହାସଲ ହୋଇପାରିଛି । କେବଳ ଗତ ମାର୍ଚ୍ଚ ମାସରେ ଏହି କାର୍ଯ୍ୟକ୍ରମରେ ୨୯,୩୦୧ଟି ଉନ୍ନତ ଚୁଲ୍ଲା ସ୍ଥାପନ କରାଯାଇଥିବା, ଯୋଜନା ଓ ସମନ୍ୱୟ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

ସେହିପରି ଏହି ସମୟ ମଧ୍ୟରେ ୯,୫୦୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୧୨,୫୨୧ଟି ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୧୩୧ ଭାଗରୁ ଊର୍ଦ୍ଧ୍ୱ ସଫଳତା ହାସଲ ହୋଇପାରିଛି । କେବଳ ଗତ ମାର୍ଚ୍ଚ ମାସରେ ପ୍ରତିଷ୍ଠା କରାଯାଇଥିବା ୩,୧୨୭ଟି ପ୍ଲାଣ୍ଟ ତନ୍ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ଉକ୍ତ ବିବରଣୀରୁ ପ୍ରକାଶ ।

## ଓଡ଼ିଶାରେ ଧାନ ଏବଂ ଚାଉଳ ସଂଗ୍ରହ କ୍ଷେତ୍ରରେ ନୂତନ ରେକର୍ଡ଼ ସୃଷ୍ଟି

ଚଳିତ ବର୍ଷ ରାଜ୍ୟରେ ୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୫୩ ହଜାର ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରି ରାଜ୍ୟରେ ଏ ଦିଗରେ ଏକ ନୂତନ ରେକର୍ଡ ସୃଷ୍ଟି କରାଯାଇ ପାରିଛି । ଆଜି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ହରିଶ ଚନ୍ଦ୍ର ବକ୍ସିପାତ୍ର ଧାନ ଓ ଚାଉଳ ସଂଗ୍ରହ ତଥା ଚାଷୀମାନେ ଯେପରି ନିର୍ଦ୍ଧାରିତ ମୂଲ୍ୟ ପାଇ ପାରିବେ ସେ ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ଏକ ଉଚ୍ଚ ସ୍ତରୀୟ ବୈଠକ ଆହ୍ୱାନ କରିଥିଲେ ।

ଅଧିକ ପରିମାଣର ଚାଉଳ ସଂଗ୍ରହ ଫଳରେ ଭାରତୀୟ ଖାଦ୍ୟ ନିଗମର ଗୋଦାମରେ ସ୍ଥାନାଭାବ ଦେଖା ଦେଇଥିବା ଯୋଗୁଁ ଅଧିକ ଚାଉଳ ସଂଗ୍ରହ କ୍ଷେତ୍ରରେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ଆଶୁ ସମାଧାନ ନିମନ୍ତେ ୫୦ ହଜାର ମେଟ୍ରିକ୍ ଟନ୍ ଚାଉଳ ଅଧିକ ସଂଗ୍ରହ ହୋଇଥିବା ଜିଲ୍ଲାର ଅନ୍ୟ ଜିଲ୍ଲାକୁ ତଥା ରାଜ୍ୟ ବାହାରକୁ ଶୀଘ୍ର ପଠାଇ ଗୋଦାମରେ ସ୍ଥାନ ବାହାର କରିବା ପାଇଁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥି ନିମନ୍ତେ ଭାରତୀୟ ଖାଦ୍ୟ ନିଗମର ବରିଷ୍ଠ ଆଞ୍ଚଳିକ ମ୍ୟାନେଜର ରେଳବାଇକୁ ସ୍ୱତନ୍ତ୍ର ର‍୍ୟାକ୍ ପାଇଁ ଅନୁରୋଧ କରିବେ ଓ ରେଳବାଇ ସମନ୍ୱୟ କମିଶନର ତୁରନ୍ତ ଏହି ର‍୍ୟାକ୍ ଯୋଗାଡ଼ କରିବା ଦାୟିତ୍ୱ ନେବେ ବୋଲି ସ୍ଥିର କରାଗଲା ।

ମିଲ ମାଲିକମାନେ ନିର୍ଦ୍ଧାରିତ ବଜାରର କେନ୍ଦ୍ର ସରକାରଙ୍କର ନିର୍ଦ୍ଧାରିତ ମୂଲ୍ୟରେ ଯେପରି ଅଧିକ ଧାନ ବା ଚାଉଳ କ୍ରୟ କରିବେ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଗଲା । କମ୍ ମୂଲ୍ୟରେ ଚାଷୀମାନେ ଯେପରି ଧାନ ବିକ୍ରି କରିବାକୁ ବାଧ୍ୟ ନ ହୁଅନ୍ତି ସେଥି ନିମନ୍ତେ ରାଜ୍ୟ ବାହାରକୁ ସେମାନେ ଧାନ ବା ଚାଉଳ ପଠାଇବା ଦିଗରେ ଥିବା କଟକଣା ସଙ୍ଗେ ସଙ୍ଗେ ପ୍ରତ୍ୟାହାର କରିବା ନିମନ୍ତେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଗଲା ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଖାଦ୍ୟ ଓ ଯୋଗାଣ ବିଭାଗ ଶାସନ ସଚିବ ଏବଂ ଅତିରିକ୍ତ ଶାସନ ସଚିବ, ଭାରତୀୟ ଖାଦ୍ୟ ନିଗମର ବରିଷ୍ଠ ଆଞ୍ଚଳିକ ମ୍ୟାନେଜର, ରେଳବାଇ ସମନ୍ୱୟ କମିଶନର୍ ତଥା ଖାଦ୍ୟ ଓ ଯୋଗାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଏହି ବୈଠକରେ ଯୋଗ ଦେଇଥିଲେ ।

## ଉତ୍କଳ ପ୍ରସଙ୍ଗର ଭଞ୍ଜ ବିଶେଷାଙ୍କ ଉନ୍ମୋଚିତ

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିବା ଉତ୍କଳ ପ୍ରସଙ୍ଗର ଏକ ସ୍ୱତନ୍ତ୍ର ସଂଖ୍ୟା "ଭଞ୍ଜ ବିଶେଷାଙ୍କ" ଗତ ମେ ୨୨ ତାରିଖ ଦିନ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀଯୁକ୍ତ ବୈରାଗୀ ଜେନାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଉତ୍କଳ ପରିଷଦ ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ ସହାୟତାରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିବା ଦୁଇଦିନିଆ ଭଞ୍ଜ ଜୟନ୍ତୀ ସମାରୋହ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀଯୁକ୍ତ ଜେନା "ଉତ୍କଳ ପ୍ରସଙ୍ଗ" ଉନ୍ମୋଚନ କରିଥିଲେ । ଏହି ଅବସରରେ ସାହିତ୍ୟ ଏକାଡେମୀ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପୁସ୍ତକ ପ୍ରଦର୍ଶନୀକୁ ବିଭାଗୀୟ ଶାସନ ସଚିବ ଶ୍ରୀ ଅଶୋକ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାଧନା ପୀଠ କୁଳଡ଼ାସ୍ଥ ବାସ୍ତୁ ଦେବୀଙ୍କ ପୀଠରୁ ଭଞ୍ଜ ଜ୍ୟୋତି ଆଣି ଜୟନ୍ତୀ ସମାରୋହରେ ସ୍ଥାପନ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା, ପୂର୍ବତନ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଓ ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାତ୍ର ପ୍ରମୁଖ ଏହି ଜ୍ୟୋତି ବହନ କରିଥିଲେ ।

## ସାକ୍ଷରତା କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନ ରୂପେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ରାଜ୍ୟ ସାକ୍ଷରତା ମିଶନ୍ କର୍ତ୍ତୃପକ୍ଷଙ୍କ ଏକ ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମ୍ପ୍ରତି ସଚିବାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଭିନ୍ନ ଜିଲ୍ଲାରେ ଚାଲିଥିବା ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିବା ସଙ୍ଗେ ସଙ୍ଗେ ଏଥିରେ ଥିବା ଦୋଷ ଦୁର୍ବଳତାକୁ ଦୂର କରି ସାକ୍ଷରତା କାର୍ଯ୍ୟକ୍ରମକୁ ଦୃଢ଼ ଜନ ଆନ୍ଦୋଳନ ରୂପେ ଗଢ଼ି ତୋଳିବା ପାଇଁ ଆଲୋଚନା କରାଯାଇଥିଲା । ୨,୦୦୦ ମସିହା ସମୟ ସୀମା ସୁଦ୍ଧା ସମ୍ପୂର୍ଣ୍ଣ ସାକ୍ଷରତା ହାସଲ କରିବାପାଇଁ ଜନ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଗ୍ରାମ ପଞ୍ଚାୟତ ଜରିଆରେ ନିର୍ବାଚିତା ମହିଳା ପ୍ରତିନିଧିମାନଙ୍କ ନେତୃତ୍ୱରେହିଁ ଏହି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇପାରିବ । ପଞ୍ଚାୟତ ସ୍ତରରେ ସମସ୍ତ ମହିଳା ସମିତି, ଯୁବକ ସଙ୍ଘ ଏବଂ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେହିଁ ଏହି ସାକ୍ଷରତା ଆନ୍ଦୋଳନରେ ମୁଖ୍ୟ ଭୂମିକା ନେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ସାକ୍ଷରତା କାର୍ଯ୍ୟକ୍ରମରେ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କଠାରୁ ସହଯୋଗ ମିଳିଛି ବୋଲି କହି ଏହା କିପରି ସେମାନଙ୍କର କାର୍ଯ୍ୟକ୍ରମ ହେବ, ସେଥିପାଇଁ

ଉପରେ ଚିନ୍ତା କରାଯିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜନସଂଖ୍ୟା ନିୟନ୍ତ୍ରଣ, ବୃକ୍ଷରୋପଣ, ସାକ୍ଷରତା ଇତ୍ୟାଦି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ପଞ୍ଚାୟତ ଓ ପଞ୍ଚାୟତ ସମିତିମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଜନଶିକ୍ଷା କାର୍ଯ୍ୟକ୍ରମରେ ସରକାରଙ୍କର ସମସ୍ତ ବିଭାଗର କର୍ମଚାରୀମାନେ ସମ୍ପୃକ୍ତ ହେବା ଆବଶ୍ୟକ ବୋଲି କହିଥିଲେ । ଉପସ୍ଥିତ ଶିକ୍ଷାବିତ୍‌ମାନେ ସାକ୍ଷରତା କାର୍ଯ୍ୟକ୍ରମର ଗୁଣାତ୍ମକ ମାନ ଉପରେ ଅଧିକ ଗୁରୁତ୍ୱ ଦେବାପାଇଁ ଅନୁରୋଧ କରିଥିଲେ । ଭାରତ ସରକାରଙ୍କର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ନିର୍ଦ୍ଦେଶକ, ସୁନ୍ଦରଗଡ଼ ଓ ଗଞ୍ଜାମର ସାକ୍ଷରତା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଅନ୍ୟ ଜିଲ୍ଲାମାନେ ସେମାନଙ୍କ ଅନୁଭୂତିରୁ ଶିଖିବା ଆବଶ୍ୟକ ବୋଲି କହିଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ, ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ, ବିଧାୟକ ଶ୍ରୀ ବୀରଭଦ୍ର ସିଂହଙ୍କ ବ୍ୟତୀତ ଶିକ୍ଷାବିତ୍ ଡକ୍ଟର ରାଧାନାଥ ରଥ, ଶ୍ରୀ ଶତ୍ରୁଘ୍ନ ନାଥ, ଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଶ୍ରୀ ଅଚ୍ୟୁତ ଦାସ, ଶ୍ରୀ ନିଖିଳ ପଟ୍ଟନାୟକ, ଶ୍ରୀମତୀ ମନୋରମା ମହାପାତ୍ର, ଶ୍ରୀ ଜନାର୍ଦ୍ଦନ ପତି, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ ପଟ୍ଟନାୟକ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀ ତରୁଣକାନ୍ତି ମିଶ୍ର, ଗଣ ଶିକ୍ଷା ନିର୍ଦ୍ଦେଶିକା ଶ୍ରୀମତୀ ଅନୀତା ଅଗ୍ନିହୋତ୍ରୀ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଯୋଗଦେଇଥିଲେ ।

## ଛତ୍ରପୁରଠାରେ ୩୫ ତମ ପେନ୍‌ସନ୍ ଅଦାଲତ ବୈଠକ ଅନୁଷ୍ଠିତ

ସମ୍ପ୍ରତି ଗଞ୍ଜାମ ଜିଲ୍ଲାର ଛତ୍ରପୁରସ୍ଥିତ ପୂର୍ବତନ ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ରାଜ୍ୟ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗ ମନ୍ତ୍ରୀ ଡଃ ପ୍ରସନ୍ନ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ୩୫ ତମ ପେନ୍‌ସନ୍ ଅଦାଲତ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ୮୬ଟି ପେନ୍‌ସନ୍ ମାମଲା ସମୀକ୍ଷା କରାଯାଇ ସେଥିମଧ୍ୟରୁ ଘଟଣା ସ୍ଥଳରେ ୭୦ଟି ମାମଲା ଫଇସଲା କରାଯାଇଥିଲା ।

ଉକ୍ତ ବୈଠକରେ ମନ୍ତ୍ରୀ ଡଃ ପାଟଶାଣୀ ଏଭଳି ବୈଠକର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରି ବାକିଥିବା ପଡ଼ିଥିବା ପେନ୍‌ସନ୍ ମାମଲାଗୁଡ଼ିକର ତୁରନ୍ତ ଫଇସଲା ଉପରେ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ ଏ ଦିଗରେ ସମ୍ପୃକ୍ତ କର୍ମଚାରୀମାନେ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ପୁରୀ ବିଧାୟକ ଶ୍ରୀ ରମାକାନ୍ତ ରଥ, କବି-ସୂର୍ଯ୍ୟନଗର ବିଧାୟକ ଶ୍ରୀ ଦୁଲମଣି ରାଉତ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗ ନିର୍ଦ୍ଦେଶକ, ଅର୍ଥ ବିଭାଗର ଯୁଗ୍ମ ଶାସନ ସଚିବ, ସିନିୟର୍ ଡେପୁଟି ଏକାଉଣ୍ଟାଣ୍ଟ ଜେନେରାଲ ଓ ଗଞ୍ଜାମ ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ ।

## ଜବାହର ରୋଜଗାର ଯୋଜନାରେ ରାଜ୍ୟକୁ ୭୫ କୋଟି ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ

ଜବାହର ରୋଜଗାର ଯୋଜନାରେ କେନ୍ଦ୍ର ସରକାରଙ୍କଠାରୁ ୭୫ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ମଞ୍ଜୁରୀ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପାଇଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ଡାଃ ଦାମୋଦର ରାଉତ ପ୍ରକାଶ କରିଛନ୍ତି ।

ଚଳିତ ୧୯୯୩-୯୪ ଆର୍ଥିକ ବର୍ଷ ପାଇଁ ଜବାହର ରୋଜଗାର ଯୋଜନାରେ ୧୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଏଥିରେ କେନ୍ଦ୍ର ସରକାରଙ୍କ ଅଂଶ ୧୨୦ କୋଟି ଟଙ୍କା ଓ ରାଜ୍ୟ ସରକାରଙ୍କ ଅଂଶ ୩୦ କୋଟି ଟଙ୍କା ନିର୍ଦ୍ଧାରିତ ହୋଇଥିଲା । ପରେ ଚଳିତ ବର୍ଷ କେନ୍ଦ୍ରୀୟ ଅନୁଦାନର ଅଧିକ ୭୨ ଭାଗ ଅର୍ଥ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ଘୋଷଣା କରିଥିଲେ ଏବଂ ତଦନୁଯାୟୀ ୭୫ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ରିଲିଜ୍ ଅର୍ଡର କେନ୍ଦ୍ର ସରକାରଙ୍କଠାରୁ ମିଳିଛି । ରାଜ୍ୟ ସରକାର ନିଜର ଅଂଶ ବାବଦକୁ ୨୦ ଭାଗ ଅର୍ଥ ବରାଦ କଲା ପରେ ସମୁଦାୟ ଅର୍ଥ ରାଜ୍ୟର ସମସ୍ତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଯୋଗାଇ ଦିଆଯିବ । ଏହା ଫଳରେ ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜରିଆରେ ନିଆଯାଇଥିବା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଓ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମକୁ ଅଧିକ ସମ୍ପ୍ରସାରିତ ଓ ଦୃଢ଼ କରାଯାଇ ପାରିବ । ଚଳିତ ଆର୍ଥିକ ବର୍ଷ ପାଇଁ ନିର୍ଦ୍ଦିଷ୍ଟ ୧୨୦ କୋଟି ଟଙ୍କାରୁ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ୫୭ କୋଟି ୧୦ ଲକ୍ଷ ଟଙ୍କା ଦେଇସାରିଥିଲେ ବୋଲି ମନ୍ତ୍ରୀ ଡାଃ ରାଉତ ପ୍ରକାଶ କରିଛନ୍ତି ।

## ସାକ୍ଷରତା ଅଭିଯାନରେ ମହିଳାମାନଙ୍କ ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ

ରାଜ୍ୟର ସାକ୍ଷରତା ଆନ୍ଦୋଳନକୁ ସଫଳ କରିବା ନିମନ୍ତେ ମହିଳାମାନଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି ବୋଲି ଆଜି ରାଜ୍ୟ ସାକ୍ଷରତା କାଉନ୍‌ସିଲର ପ୍ରଥମ ବୈଠକରେ ଯୋଗ ଦେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା କାଉନ୍‌ସିଲର ଅଧ୍ୟକ୍ଷ ଶ୍ରୀ ବିଜୁ ପଟ୍ଟନାୟକଙ୍କ ମତ ପ୍ରକାଶ କରିଛନ୍ତି ।

ସମ୍ପ୍ରତି ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ସାକ୍ଷରତା କାଉନ୍‌ସିଲର ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ଓଡ଼ିଶାକୁ ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଏକ ସମ୍ପୂର୍ଣ୍ଣ ସାକ୍ଷର ରାଜ୍ୟରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇ କହିଲେ ଯେ ଏହି କାର୍ଯ୍ୟକ୍ରମକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ

ରାଜ୍ୟର ସମସ୍ତ କଲେଜ, ସ୍କୁଲ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମେତ ମହିଳା ସମିତି, ଯୁବକ ସଂଘ ଆଦି ଗ୍ରାମ୍ୟ ଅନୁଷ୍ଠାନଗୁଡ଼ିକୁ ସମ୍ପୃକ୍ତ କରିବାକୁ ହେବ । ଗ୍ରାମ ପଞ୍ଚାୟତଗୁଡ଼ିକୁ ଗୋଟିଏ ଗୋଟିଏ ୟୁନିଟ୍ ରୂପେ ଧରାଯାଇ, ସମ୍ପୃକ୍ତ ଗ୍ରାମର ମହିଳା ସମିତି ଓ ଶିକ୍ଷିତା ମହିଳାମାନଙ୍କୁ ଏହି କାର୍ଯ୍ୟରେ ଅଧିକରୁ ଅଧିକ ଭାବେ ସମ୍ପୃକ୍ତ କରିବାକୁ ହେବ, ଯେପରିକି ଗ୍ରାମ୍ୟ ସ୍ତରର ସାକ୍ଷରତା କାର୍ଯ୍ୟକ୍ରମ ଧାରାବାହିକ ରୂପେ ଲାଗୁ ରହି ସମ୍ପୃକ୍ତ ଗ୍ରାମର ନିରକ୍ଷର ବ୍ୟକ୍ତି ସମ୍ପୂର୍ଣ୍ଣ ସାକ୍ଷରତା ଲାଭ କରିପାରିବେ । ଜିଲ୍ଲାପାଳମାନେ ଜିଲ୍ଲା ସ୍ତରରେ ସାକ୍ଷରତା ସମିତିମାନ ଗଠନ କରି ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ ସହ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ପୂର୍ବରୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ତଥା ସାକ୍ଷରତା କାଉନ୍‌ସିଲ୍‌ର ଉପାଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ପ୍ରାରମ୍ଭିକ ସୂଚନା ଦେଇ କହିଲେ ଯେ ରାଜ୍ୟ ତଥା ଦେଶରେ ଲୋକସଂଖ୍ୟା ବୃଦ୍ଧି ସାଙ୍ଗକୁ ନିରକ୍ଷରଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଆମ ରାଜ୍ୟରେ ଶତକଡ଼ା ୬୭ ଭାଗ ଲୋକ ନିରକ୍ଷର ହୋଇଥିବା ଯୋଗୁଁ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରୁ ନାହାନ୍ତି । ଅତଏବ ଏହି କାର୍ଯ୍ୟକ୍ରମକୁ ଏକ ଧାରାବାହିକ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ସମସ୍ତ ସ୍ତରରେ ଉଦ୍ୟମ ସହ ଏଥିରେ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ । ରାଜ୍ୟର ୩୩ ଲକ୍ଷ ଲୋକଙ୍କୁ ସାକ୍ଷର କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ ପ୍ରକାଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ, ବିଧାୟକ ଶ୍ରୀ ବୀରଭଦ୍ର ସିଂହଙ୍କ ସମେତ ଡଃ ମନୋରଞ୍ଜନ ମହାପାତ୍ର, ଶ୍ରୀ ଜନାର୍ଦ୍ଦନ ପତି, ଡଃ ରାଧାନାଥ ରଥ, ଶ୍ରୀମତୀ ମନୋରମା ମହାପାତ୍ର, ଶ୍ରୀ ଅଚ୍ୟୁତାନନ୍ଦ ଦାସ, ଡଃ ନିଖିଳ ପଟ୍ଟନାୟକ, ଶ୍ରୀ ଏ.କେ. ବସୁ, କେନ୍ଦ୍ର ପ୍ରୌଢ଼ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ. ପଟ୍ଟନାୟକ, ସ୍କୁଲ ଓ ଗଣ ଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀ ତରୁଣକାନ୍ତି ମିଶ୍ର, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀମତୀ ଅନିତା ଅଗ୍ନିହୋତ୍ରୀ, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ବିଭାଗୀୟ ଅନ୍ୟାନ୍ୟ ପଦସ୍ଥ କର୍ମଚାରୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ୨୯ ତମ ରାଜ୍ୟସ୍ତରୀୟ ବିଭିନ୍ନ ଶିଳ୍ପାନୁଷ୍ଠାନର କାର୍ଯ୍ୟକାରିତା ଓ ମୂଲ୍ୟାୟନ କମିଟି ବୈଠକ

ସମ୍ପ୍ରତି ରାଜ୍ୟ ଶ୍ରମ ଓ କର୍ମ ନିଯୋଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ୨୯ ତମ ରାଜ୍ୟସ୍ତରୀୟ କର୍ମ ନିଯୋଗକାରୀ ସଂସ୍ଥାର କାର୍ଯ୍ୟକାରିତା ତଥା ମୂଲ୍ୟାୟନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଭାଗୀୟ ଶାସନ ସଚିବ, ଶ୍ରମ କମିଶନର, ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ବୃନ୍ଦ ଏବଂ ବିଭିନ୍ନ ଶିଳ୍ପାନୁଷ୍ଠାନ ତଥା ଶ୍ରମିକ ସଙ୍ଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ମନ୍ତ୍ରୀ ଶ୍ରୀ ସାମଲ ବିଭିନ୍ନ ଶିଳ୍ପାନୁଷ୍ଠାନ, ଯଥା–ରାଉରକେଲା ଇସ୍ପାତ କାରଖାନା, ହୀରାକୁଦ ଶିଳ୍ପ କାରଖାନା, ବାରିପଦା ସ୍ଥିତ ସୂତାକଳ, ଶାରଳା ତନ୍ତୁବାୟ ସମବାୟ ସୂତାକଳ ଲିଃ, କାଂଶବାହାଲ ସ୍ଥିତ ଲାରସେନ୍ ଓ ଟୋବ୍ରୋ କାରଖାନା, ଜୟଶ୍ରୀ କେମିକାଲ୍‌ସ, ହୀରାକୁଦ ଆଲୁମିନିୟମ୍ ଶିଳ୍ପ କାରଖାନା, ପାରାଦ୍ୱୀପ ସାର କାରଖାନା ପ୍ରଭୃତିର କାର୍ଯ୍ୟ କଳାପ ସମ୍ପର୍କରେ ସମୀକ୍ଷା କରିଥିଲେ । ଉପରୋକ୍ତ ଶିଳ୍ପାନୁଷ୍ଠାନଗୁଡ଼ିକରେ ଥିବା ଶ୍ରମିକ ସଙ୍ଗଠନଗୁଡ଼ିକର ସଭ୍ୟ ସଂଖ୍ୟା ଯାଞ୍ଚ କରିବା ସଙ୍ଗେ ସଙ୍ଗେ ଶିଳ୍ପ ଆଇନ ଅନୁଯାୟୀ ସମ୍ପୃକ୍ତ ଶ୍ରମିକ ସଙ୍ଗଠନର ସ୍ୱୀକୃତି ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ । ଏହା ବ୍ୟତୀତ ଶିଳ୍ପ ଆଇନ ଭଙ୍ଗ କରିଥିବା ଆପତ୍ତି ଅଭିଯୋଗଗୁଡ଼ିକୁ ମଧ୍ୟ ମନ୍ତ୍ରୀ ଶ୍ରୀ ସାମଲ ଯାଞ୍ଚ କରିବୁଝିଥିଲେ ।

ମନ୍ତ୍ରୀ ଶ୍ରୀ ସାମଲ ତାଙ୍କ ଉଦ୍‌ବୋଧନରେ, ଏଭଳି କମିଟିର ଉପାଦେୟତା ଉପରେ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ ଏହାଦ୍ୱାରା ଶିଳ୍ପ ସଂସ୍ଥା, ଶ୍ରମିକ ସଙ୍ଗଠନ, କର୍ମଚାରୀ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ । ଏହାଛଡ଼ା ସାମୟିକ ଭାବେ ଶିଳ୍ପ ସଂସ୍ଥାଗୁଡ଼ିକରେ ସୃଷ୍ଟି ହେଉଥିବା ସମସ୍ୟାମାନ ସମାଧାନ ହୋଇପାରିବ ଏବଂ ଶ୍ରମିକମାନଙ୍କର ଆପତ୍ତି ଅଭିଯୋଗଗୁଡ଼ିକ ଉତ୍ତମ ବୁଝାମଣା ମଧ୍ୟରେ ସମାଧାନ ହୋଇପାରିବ ବୋଲି ସେ କହିଥିଲେ । ଶିଳ୍ପ ସଂସ୍ଥାଗୁଡ଼ିକ ନିଜ ନିଜର ଉତ୍ପାଦନ ବୃଦ୍ଧି କରିବା ସହିତ ଶ୍ରମିକମାନଙ୍କ ସମସ୍ୟା ପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ ।

ଏହି କମିଟିର ପରବର୍ତ୍ତୀ ବୈଠକ ଆସନ୍ତା ଅଗଷ୍ଟ ମାସରେ ବସି ପରବର୍ତ୍ତୀ ପର୍ଯ୍ୟାୟର କାର୍ଯ୍ୟପନ୍ଥା ଅନୁଧ୍ୟାନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା ।

## ରାଜ୍ୟରେ ସୁଲଭ ମୂଲ୍ୟ ଦୋକାନ ପ୍ରତିଷ୍ଠା ଅଭୂତପୂର୍ବ

ଓଡ଼ିଶାର ଜନସାଧାରଣ, ବିଶେଷ କରି ଗ୍ରାମାଞ୍ଚଳ ତଥା ଆଦିବାସୀ, ହରିଜନ ଅଧ୍ୟୁଷିତ ଅଞ୍ଚଳର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀ ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଗତ ଆର୍ଥିକ ବର୍ଷ ମଧ୍ୟରେ ୨୯୬ଟି ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇଛି । ଏହା ଫଳରେ ସମ୍ପୃକ୍ତ ଅଞ୍ଚଳର ଖାଉଟିମାନେ ବିଶେଷ ଭାବେ ଉପକୃତ ହୋଇପାରୁଛନ୍ତି । ଗତ ଆର୍ଥିକ ବର୍ଷରେ ୫୦ଟି ସୁଲଭ ମୂଲ୍ୟ ଦୋକାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଏହା ଦେଖିଲେ ଧାର୍ଯ୍ୟ ଲକ୍ଷ୍ୟର ୫.୯୨ ଗୁଣ । ଏହି କାର୍ଯ୍ୟକ୍ରମରେ କେବଳ ଗତ ମାର୍ଚ୍ଚ ମାସରେ ୫୮ଟି ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇଛି ବୋଲି ଯୋଜନା ଓ ସମନ୍ୱୟ ବିଭାଗର ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଅଧିକରୁ ଅଧିକ ସୁଲଭ ମୂଲ୍ୟ ଦୋକାନ ଗ୍ରାମାଞ୍ଚଳରେ ଖୋଲିବା ଲାଗି ଜନସାଧାରଣଙ୍କ ବହୁ ଆଗ୍ରହ ପ୍ରକାଶ ପାଇଛି ଓ ସରକାର ଏ ଦିଗରେ ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ବିହିତ ବ୍ୟବସ୍ଥା କରୁଛନ୍ତି ।

## ବନୀକରଣ ପାଇଁ ନୂତନ ଉଦ୍ୟମ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା

ତ୍ରିଂଶସୂତ୍ରୀ ଅନ୍ତର୍ଭୁକ୍ତ 'ବନୀକରଣ ପାଇଁ ନୂତନ ଉଦ୍ୟମ' କାର୍ଯ୍ୟକ୍ରମରେ ଗତ ଆର୍ଥିକ ବର୍ଷ, ଅର୍ଥାତ୍ ୧୯୯୨-୯୩ ବର୍ଷରେ ବନୀକରଣ ନିମନ୍ତେ ୬ କୋଟି ଚାରା ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଉକ୍ତ ସମୟ ମଧ୍ୟରେ ୪ କୋଟି ୨୬ ଲକ୍ଷ ୪୨ ହଜାର ୩୦୦ ଚାରା ଉତ୍ପାଦନ କରାଯାଇ ପାରିଛି । କେବଳ ଗତ ମାର୍ଚ୍ଚ ମାସରେ ୨୪,୪୦୦ ଚାରା ଉତ୍ପାଦନ କରାଯାଇଛି ।

ସେହିପରି ଗତ ଆର୍ଥିକ ବର୍ଷରେ ୬୦ ହଜାର ହେକ୍ଟର ଜମିରେ ବନୀକରଣ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୭୨,୯୩୪.୮୬ ହେକ୍ଟର ଜମିରେ ବନୀକରଣ ଧାର୍ଯ୍ୟ ଲକ୍ଷ୍ୟର ୯୩.୬୭ ଭାଗ ସଫଳତା ହାସଲ ହୋଇପାରିଛି । କେବଳ ଗତ ମାର୍ଚ୍ଚ ମାସରେ ବନୀକରଣ କରାଯାଇଥିବା ୬୨୮.୨୭ ହେକ୍ଟର ଜମି ତନ୍ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ଯୋଜନା ଓ ସମନ୍ୱୟ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

## ଖୋର୍ଦ୍ଧା ଜିଲ୍ଲାକୁ ସମ୍ପୂର୍ଣ୍ଣ ଖାଉଟି ସଚେତନ ଜିଲ୍ଲାରେ ପରିଣତ କରାଯିବ

ଖୋର୍ଦ୍ଧା ଜିଲ୍ଲାକୁ ଏକ ସମ୍ପୂର୍ଣ୍ଣ ଖାଉଟି ସଚେତନ ଜିଲ୍ଲାରେ ପରିଣତ କରିବା ପାଇଁ ରାଜ୍ୟ ଖାଉଟି ସୁରକ୍ଷା ସଙ୍ଘ ଯେଉଁ ଉଦ୍ୟମ କରୁଛନ୍ତି ତାକୁ ଜିଲ୍ଲା ପ୍ରଶାସନ ସବୁ ମତରେ ସହଯୋଗ କରିବ ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ରଘୁନାଥ ମିଶ୍ର କହିଛନ୍ତି ।

ସମ୍ପ୍ରତି ବାଲିପାଟଣା ବ୍ଲକ ସଦର ମହକୁମାଠାରେ, ଖାଉଟି ଜନ ଚେତନା ଗ୍ରାମ୍ୟ ଶିବିରର ଉଦ୍‌ଘାଟନ କରି ଜିଲ୍ଲାପାଳ କହିଲେ ଯେ ଖାଉଟିମାନଙ୍କ ପାଇଁ ବହୁ ଆଇନ ଓ ବିଶେଷ କରି ୧୯୮୬ର ଖାଉଟି ସୁରକ୍ଷା ଆଇନର ପ୍ରଚଳନ କରାଯାଇଥିଲେ ମଧ୍ୟ ଜନ ଚେତନା ଅଭାବରୁ ଖାଉଟିମାନେ ବର୍ତ୍ତମାନ ସୁଦ୍ଧା ଶୋଷିତ ହେଉଛନ୍ତି ।

କେବଳ ସରକାରୀ ସ୍ତରରେ ବା ପ୍ରଶାସନ ସ୍ତରରେ ଏହି ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । ଲୋକ ମତର ବାହକ, ଲୋକପ୍ରତିନିଧି, ଶିକ୍ଷକ, ଅଧ୍ୟାପକ ଓ ସମାଜ ସେବୀମାନେ ଏ ଦିଗରେ ଆଗଭର ହେବା ଉଚିତ ।

ପ୍ରତି ପଞ୍ଚାୟତ ସ୍ତରରେ ଜଣେ ଜଣେ ପ୍ରତିନିଧିଙ୍କୁ ସ୍ୱତନ୍ତ୍ର ଭାବରେ ଦାୟିତ୍ୱ ଦେବା ପାଇଁ ରାଜ୍ୟ ଖାଉଟି ସୁରକ୍ଷା ସଙ୍ଘ ପକ୍ଷରୁ ଯେଉଁ ପ୍ରସ୍ତାବ କରାଯାଇଛି ତାହା ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ମିଶ୍ର କହିଥିଲେ । ସରଳ ଓଡ଼ିଆରେ ଏହି ଆଇନର ସଂକ୍ଷେପ ସାର ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା ହେବ ବୋଲି ଜିଲ୍ଲାପାଳ କହିଥିଲେ ।

ଏହି ଶିବିରରେ ବାଲିପାଟଣା ବ୍ଲକର ଶତାଧିକ ଲୋକ ପ୍ରତିନିଧି ଯୋଗ ଦେଇଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ସୋମେନ୍ଦ୍ର କୁମାର ରାୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀ ଗୌରୀ ଶଙ୍କର ମହାପାତ୍ର, ରାଜ୍ୟ ଖାଉଟି ସୁରକ୍ଷା ସଙ୍ଘର ସଙ୍ଗଠନ ସମ୍ପାଦକ ଶ୍ରୀ ଲିଙ୍ଗରାଜ ମିଶ୍ର ମାପ ଓ ଓଜନ ବିଭାଗର ସହକାରୀ ନିୟନ୍ତ୍ରକ ଶ୍ରୀ ପି.କେ. ମିଶ୍ର, ପୁରୀ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଲକ୍ଷ୍ମୀକାନ୍ତ ଦାସ, ସରପଞ୍ଚ ମଙ୍ଗିହରା ଗ୍ରାମ ପଞ୍ଚାୟତ ଓ୍ୱାହିଦା ହୋସେନ୍ ପ୍ରମୁଖ ଭାଷଣ ଦେଇ ଖାଉଟି ସୁରକ୍ଷା ଆନ୍ଦୋଳନକୁ ଗ୍ରାମାଞ୍ଚଳରେ ଯୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ ।

ରାଜ୍ୟ ଖାଉଟି ସୁରକ୍ଷା ସଙ୍ଘର ସଭାପତି ତଥା କେନ୍ଦ୍ର ଖାଉଟି ପରିଷଦର ସଭ୍ୟ ଶ୍ରୀ ରାମହରି ମିଶ୍ର ସୂଚନା ଦେଇଥିଲେ ଯେ ସଙ୍ଘ ପକ୍ଷରୁ ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାକୁ ସମ୍ପୂର୍ଣ୍ଣ ଖାଉଟି ସଚେତନ ଜିଲ୍ଲା ହିସାବରେ ଗଢ଼ିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ । ରାଜ୍ୟ ଖାଉଟି ସୁରକ୍ଷା ପରିଷଦ ସଭାପତି ତଥା ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଏହି ଆନ୍ଦୋଳନର ପୂର୍ଣ୍ଣ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ମିଶ୍ର ଘୋଷଣା କରିଥିଲେ ।

ବାଲିପାଟଣା ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀ ସନାତନ ମଲ୍ଲିକ ପ୍ରାରମ୍ଭିକ ଭାଷଣ ଦେଇଥିଲେ ଓ ସ୍ଥାନୀୟ ସରପଞ୍ଚ ଶ୍ରୀ କ୍ଷେତ୍ରବାସୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ପୂର୍ବରୁ ଜିଲ୍ଲାପାଳ ଶ୍ରୀ ମିଶ୍ର ମାପ ଓ ଓଜନ ବିଭାଗ ପକ୍ଷରୁ ମାପ ଓଜନରେ ଠକିଆମିରୁ ରକ୍ଷା ପାଇବା ପାଇଁ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ ।

## ଇନ୍ଦିରା ଆବାସ ଯୋଜନାରେ ଗୃହ ନିର୍ମାଣ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଇନ୍ଦିରା ଆବାସ ଯୋଜନା ଜରିଆରେ ଗୃହ ନିର୍ମାଣ କରାଯାଇ ବାସହୀନ ଗରିବ ଆଦିବାସୀ ଓ ହରିଜନ ଏବଂ ଗୋତିମୁକ୍ତ ଶ୍ରମିକମାନଙ୍କୁ ମାଗଣାରେ ଗୃହ ଯୋଗାଇ ଦିଆଯାଉଛି । ଏହି ଯୋଜନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ, ଅର୍ଥାତ୍ ଅପ୍ରେଲ ମାସରେ ରାଜ୍ୟରେ ୭୩.୧୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୧୯୬ଟି ବାସଗୃହ ସମ୍ପୂର୍ଣ୍ଣ ହୋଇଛି ଏବଂ ୨,୬୯୪ଟି ବାସଗୃହ ନିର୍ମାଣାଧୀନ ଅଛି ବୋଲି ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ମାସିକ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

## ରାଜ୍ୟରେ ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମ

ତ୍ରିଂଶସୂତ୍ରୀ ଅନ୍ତର୍ଭୁକ୍ତ ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମରେ ଗତ ଆର୍ଥିକ ବର୍ଷରେ ୭୮୨.୭୩୧ ହଜାର ଶିଶୁଙ୍କୁ ଡି.ପି.ଟି., ୭୮୬.୭୯୯ ହଜାର ଶିଶୁଙ୍କୁ ପୋଲିଓ ଏବଂ ୮୬୪.୩୦୧ ହଜାର ଶିଶୁଙ୍କୁ ବି.ସି.ଜି. ପ୍ରତିଷେଧକ ଟିକା ଦିଆଯାଇଛି । କେବଳ ଗତ ମାର୍ଚ୍ଚ ମାସରେ ଏହି କାର୍ଯ୍ୟକ୍ରମରେ ୧୩୦.୪୩୬ ହଜାର ଶିଶୁଙ୍କୁ ଡି.ପି.ଟି.,

୨୩୦.୦୫୭ ହଜାର ଶିଶୁଙ୍କୁ ପୋଲିଓ ଏବଂ ୮୯.୮୭୯ ହଜାର ଶିଶୁଙ୍କୁ ବି.ସି.ଜି. ପ୍ରତିଷେଧକ ଟିକା ଦିଆଯାଇଛି ବୋଲି ଯୋଜନା ଓ ସମନ୍ୱୟ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

## ହରିଜନ ଓ ଆଦିବାସୀ ଶ୍ରେଣୀର ଲୋକଙ୍କୁ ଇନ୍ଦିରା ଆବାସ ଗୃହ ଯୋଗାଣ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଇନ୍ଦିରା ଆବାସ ଯୋଜନାରେ ବାସଗୃହ ନିର୍ମାଣ କରାଯାଇ ବାସହୀନ ଗରିବ ହରିଜନ ଓ ଆଦିବାସୀ ଶ୍ରେଣୀର ଲୋକଙ୍କୁ ଯୋଗାଇ ଦିଆଯାଇଥାଏ । ଏହି ଯୋଜନାରେ ଗତ ଆର୍ଥିକ ବର୍ଷରେ ୮,୮୮୫ଟି ବାସଗୃହ ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୧୧,୩୦୫ଟି ବାସଗୃହ ଯୋଗାଇ ଦିଆଯାଇ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୧୨୭.୬୩ ଭାଗ ସଫଳତା ହାସଲ କରାଯାଇ ପାରିଛି । କେବଳ ଗତ ମାର୍ଚ୍ଚ ମାସରେ ଯୋଗାଇ ଦିଆଯାଇଥିବା ୧,୯୬୭ଟି ଗୃହ ଏହାର ଅନ୍ତର୍ଭୁକ୍ତ ବୋଲି ଯୋଜନା ଓ ସମନ୍ୱୟ ବିଭାଗର ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

ସେହିପରି ଉକ୍ତ ସମସ୍ତ ମଧ୍ୟରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ୨,୨୭୮ ଏବଂ ନିମ୍ନ ଆୟକାରୀ ଶ୍ରେଣୀର ଲୋକଙ୍କୁ ୩,୮୮୦ଟି ଗୃହ ଯୋଗାଇ ଦିଆଯାଇଥିବା ଉକ୍ତ ବିବରଣୀରୁ ଜଣାପଡ଼ିଛି ।

## ପାଉଡ଼ି ଭୂୟାଁଙ୍କ 'ଅନାହାର ମୃତ୍ୟୁ' ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଦୈନିକ ସମ୍ବାଦର ୨୨-୬-୧୯୯୩ ତାରିଖ ସଂସ୍କରଣରେ ସମ୍ବଲପୁର ଜିଲ୍ଲାର ବାମଣ୍ଡା ଅଞ୍ଚଳରେ ୩ ଜଣ ପାଉଡ଼ି ଭୂୟାଁ ଅନାହାର ଯୋଗୁଁ ମୃତ୍ୟୁ ବରଣ କରିଥିବା ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ସତ୍ୟାସତ୍ୟ ଅନୁସନ୍ଧାନ କରି ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ ସମ୍ପ୍ରତି ଶ୍ରୀ ବିଜୁ ପଟ୍ଟନାୟକ ସମ୍ବଲପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡ଼ା ସମ୍ପୃକ୍ତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ଓ ଲୋକଙ୍କୁ କାମ ଯୋଗାଇ ଦେବା ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଓ ସୁନ୍ଦରଗଡ଼ ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଡିଲକ୍ସ୍ ବସ ପ୍ରଦାନ

ସମ୍ପ୍ରତି କଳିଙ୍ଗ ଆଞ୍ଚଳିକ ବାହିନୀ ପରିସର ମଧ୍ୟରେ ଆୟୋଜିତ ଏକ ଉତ୍ସବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କଳିଙ୍ଗ ଆଞ୍ଚଳିକ ବାହିନୀର କମାଣ୍ଡିଂ ଅଫିସରଙ୍କୁ ଏକ ଡିଲକ୍ସ୍ ବସ୍‌ର ଚାବି ହସ୍ତାନ୍ତର କରିଥିଲେ । ଏହି ବସ୍‌ର ନାମ ବୈରୀଭଞ୍ଜ ଲାଇନ୍ ରଖାଯାଇଛି । ଏହି ବସ୍ କଳିଙ୍ଗ ବାହିନୀର ସେବାରେ ନିୟୋଜିତ ହେବ । ରାସ୍ତାରେ ଏହି ବସ୍ ଯିବା ସମୟରେ ଏହା ଯେପରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିବ ସେଥିପାଇଁ ଏହାକୁ ସବୁ ବେଳେ ଚକ ଚକ କରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଉତ୍ସବରେ କମାଣ୍ଡିଂ ଅଫିସର ଏହି ବସ୍ ପ୍ରଦାନ ବିଷୟରେ ସୂଚନା ଦେବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀଙ୍କର ଶୁଭ ଆଶୀର୍ବାଦ କାମନା କରିଥିଲେ । ଗତ ଅକ୍ଟୋବର ମାସରେ ଗୋଟିଏ ବସ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପୂରଣ ହୋଇ ଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ

—ବିଜୁ ପଟ୍ଟନାୟକ

ଜଙ୍ଗଲ ସମ୍ପଦର ବିକାଶ ଓ ସୁରକ୍ଷା ପାଇଁ ସଙ୍ଗଠିତ ଉଦ୍ୟମ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଗତ ମେ ୨୯ ତାରିଖ ସନ୍ଧ୍ୟାରେ ହୋଟେଲ କଳିଙ୍ଗ ଅଶୋକାଠାରେ ଆୟୋଜିତ "ମିଳିତ ଜଙ୍ଗଲ ପରିଚାଳନା" ଶୀର୍ଷକ ୨ ଦିନିଆ ଆଲୋଚନାଚକ୍ରର ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ ଜଙ୍ଗଲ ସମ୍ପଦର ବ୍ୟାପକ କ୍ଷୟ ଯୋଗୁଁ ଉଦ୍‌ବେଗ ପ୍ରକାଶ କରି ଜଙ୍ଗଲ ବିଭାଗ ଏବଂ ଜନସାଧାରଣ ଉଭୟଙ୍କର ମିଳିତ ଉଦ୍ୟମ ଦ୍ୱାରାହିଁ ଏହି ଅବକ୍ଷୟ ରୋକାଯାଇ ପାରିବ ବୋଲି ମତ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଲେ ଯେ ଜଙ୍ଗଲ ଅବକ୍ଷୟର କାରଣଗୁଡ଼ିକ ସମ୍ପର୍କରେ ଉପଯୁକ୍ତ ଅନୁଧ୍ୟାନ କରି ତା'ର ସମାଧାନ କରିବା ଦିଗରେ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ଗ୍ରାମବାସୀମାନଙ୍କୁ ଏ ସମ୍ପର୍କରେ ଯଥେଷ୍ଟ ସଚେତନ କରାଯିବା ଆବଶ୍ୟକ । ଅଧିକ ନୂତନ ଜଙ୍ଗଲ ସୃଷ୍ଟି ଓ ବୃକ୍ଷରୋପଣ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ଜନସାଧାରଣ ଏହି କାର୍ଯ୍ୟରେ ସମ୍ପୃକ୍ତ ହେବା ଫଳରେ ଜଙ୍ଗଲର ସୁରକ୍ଷା ସହିତ ଜନସାଧାରଣ ଜଙ୍ଗଲର ସୁଫଳ ଉପଭୋଗ କରିପାରିବେ । ଜଙ୍ଗଲର ଦ୍ରୁତ ଅବକ୍ଷୟ ଦ୍ୱାରା ପରିବେଶର ସୁରକ୍ଷା ଏକ କଷ୍ଟକର ବ୍ୟାପାର ହୋଇଯାଇଛି । ମାନବ ସମାଜ ତିଷ୍ଠି ରହିବା ପାଇଁ ଜଙ୍ଗଲ ସମ୍ପଦର ସୁରକ୍ଷା ଓ ବିକାଶ ଆବଶ୍ୟକ । ସେହି ଦୃଷ୍ଟିରୁ ଜଙ୍ଗଲ ସମ୍ପଦର ସୁରକ୍ଷା ଓ ବିକାଶ ପାଇଁ ଆବଶ୍ୟକ ହେଲେ ନୂତନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଉ । ଜଙ୍ଗଲ ବିଭାଗକୁ ଏକ ଶକ୍ତିଶାଳୀ ସଙ୍ଗଠନ ଭାବେ ଗଢ଼ି ତୋଳିବା ସଙ୍ଗେ ସଙ୍ଗେ ଏହି ମହାନ କାର୍ଯ୍ୟରେ ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ କରାଯାଇ ଏବଂ ଜଙ୍ଗଲ ପରିଚାଳନା ପାଇଁ ଏକ ସମ୍ମିଳିତ ପ୍ରଚେଷ୍ଟା ହେଉ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଜଙ୍ଗଲ ବିଭାଗ ଶାସନ ସଚିବ ଶ୍ରୀ ହିମାଂଶୁ ଶେଖର ଦରବାର, ଅର୍ଥ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ମିଶ୍ର, ପ୍ରିନ୍‌ସିପାଲ୍ ଚିଫ୍ କଞ୍ଜରଭେଟର୍ ଶ୍ରୀ ଗୌରୀ ଶଙ୍କର ପାଢ଼ୀ ଏବଂ ଜଙ୍ଗଲ ବିଭାଗର ଅଫିସରମାନେ ଉପସ୍ଥିତ ଥିଲେ ।

OGP-MP-PTS (I&PR) 12-6,000-16-7-1993



ପୁରୀ ଶରଧାବାଲିଠାରେ ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ରଥଯାତ୍ରା ନୃତ୍ୟ ଉତ୍ସବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଦେଖୁଛନ୍ତି ।



ବାହୁଡ଼ା ଯାତ୍ରା ଅବସରରେ ପୁରୀଠାରେ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏକ ଭଜନ ସମାରୋହକୁ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଉଦ୍‌ଘାଟନ କରୁଛନ୍ତି । ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସଗାଣ ପାଢ଼, ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ କାଳୀ କୁମାର ରଥ ଓ ଉପ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ଜେନେଦ୍ର ଉକ୍ତ ଉତ୍ସବରେ ଉପସ୍ଥିତ ଅଛନ୍ତି ।

Vol. XLIX No. 12 UTKAL PRASANGA Regd. No. O-BN-05/90
Licence No. C.R.N.P. 5—Licensed to post without Pre-Payment



ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆୟ ନିଯୁକ୍ତି କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି । ଉକ୍ତ ବୈଠକରେ ମନ୍ତ୍ରୀ ପରିଷଦର ସଭ୍ୟବୃନ୍ଦ ଓ ବରିଷ୍ଠ ପଦାଧିକାରୀମାନେ ଯୋଗଦାନ କରିଛନ୍ତି ।

PRINTED AT ORISSA GOVERNMENT PRESS, CUTTACK

